DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୨୦/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 20/2025 Page 14 ₹ 7.00 | RAYAGADA
୫୧ଶ ଭାଗ ୧୪୫ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 145 ମୂଲ୍ୟ ₹୭/-




କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଚାର୍ଜଶିଟ ପ୍ରତିବାଦରେ ଭୁବନେଶ୍ୱରସ୍ଥିତ ଇଡି ଅଫିସ ସମ୍ମୁଖରେ ବିକ୍ଷୋଭ ବେଳେ ଦଳୀୟ କର୍ମୀଙ୍କୁ ପୋଲିସ ଅଟକାଉଛି। **(ଫଟୋ: ବିକାଶ ନାୟକ)**

# ହିନ୍ଦୀ ପୂରାଇ ଦେବୁନି: ଠାକ୍‌ରେ ଭ୍ରାତା ଏକାଠି

## ମହାରାଷ୍ଟ୍ର ସରକାର ହିନ୍ଦୀକୁ 'ତୃତୀୟ ଭାଷା' ରୂପେ ସ୍କୁଲ ପାଠ୍ୟକ୍ରମରେ ବାଧ୍ୟତାମୂଳକ କରିଛନ୍ତି

ମହାରାଷ୍ଟ୍ରର ଭାଜପା-ଶିବସେନା ମହାଯୁତି ସରକାର କେନ୍ଦ୍ରର ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦) ଅଧୀନ ୩ ଭାଷା ସୂତ୍ରକୁ ଅନୁସରଣ କରି ରାଜ୍ୟର ପ୍ରାଥମିକ ସ୍କୁଲଗୁଡ଼ିକରେ ହିନ୍ଦୀକୁ ତୃତୀୟ ଭାଷାର ମାନ୍ୟତା ଦେଇଛନ୍ତି। ପୂର୍ବରୁ ବିଦ୍ୟାଳୟ ପାଠ୍ୟକ୍ରମରେ ମରାଠୀ ଓ ଇଂଲିଶ୍ ପ୍ରଚଳିତ ଥିବାବେଳେ ରାଜ୍ୟ ସରକାର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀ ଶିକ୍ଷାଦାନକୁ ବାଧ୍ୟତାମୂଳକ କରିଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ 'ମରାଠୀ ଅସ୍ମିତା'ର ପରିପନ୍ଥୀ ଦର୍ଶାଇ ତୀବ୍ର ବିରୋଧ କରିଛନ୍ତି। କଂଗ୍ରେସ ଏବଂ ଶରତ ପାୱାରଙ୍କ ଏନ୍‌ସିପି-ଏସ୍‌ପି ମହାରାଷ୍ଟ୍ର ଉପରେ ହିନ୍ଦୀ ଭାଷା ଲଦାଯିବାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି। ଏହି ପ୍ରସଙ୍ଗ ମହାରାଷ୍ଟ୍ର ରାଜନୀତିର ମୋଡ଼ ବଦଳାଇବାକୁ ଯାଉଛି। ମରାଠୀ ଓ ହିନ୍ଦୁ ଭୋଟ୍‌କୁ ଆଧାରକରି ରାଜ୍ୟରେ ଶକ୍ତିଶାଳୀ ଥିବା ଶିବସେନା(ୟୁବିଟି)ର ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ତାଙ୍କ କାକାପୁଅ ଭାଇ ତଥା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ୍ ଠାକ୍‌ରେ ଏକାଠି ହୋଇପାରନ୍ତି ବୋଲି ଉଭୟେ ସଙ୍କେତ ଦେଇଛନ୍ତି। ରାଜ୍ କହିଛନ୍ତି, ଆମ ଭିତରେ ଥିବା ମତପାର୍ଥକ୍ୟ ବଡ଼ ନୁହେଁ, ମହାରାଷ୍ଟ୍ରର ଆତ୍ମସମ୍ମାନ ରକ୍ଷା ହେଉଛି ସର୍ବୋଚ୍ଚ ପ୍ରାଥମିକତା। ରାଜ୍‌ଙ୍କ ଏହି ମନ୍ତବ୍ୟ ପରେ ତାଙ୍କ ସହ ଥିବା ସମସ୍ତ ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇ ଦେଇଥିବା ଉଦ୍ଧବ କହିଛନ୍ତି। ଗତ କିଛିବର୍ଷର ରାଜ୍ୟ ରାଜନୀତିରେ ଠାକ୍‌ରେ ଭ୍ରାତାଙ୍କ ସ୍ଥିତି ସେମାନଙ୍କୁ ଏବେ ଏକାଠି ହେବାକୁ ଦିଗ ଦେଖାଉଛି। ହିନ୍ଦୀକୁ ବିରୋଧର ମାଧ୍ୟମ କରି ସେମାନେ ଶାସକ ମହାଯୁତିକୁ ଶକ୍ତ ଜବାବ ଦେଇପାରନ୍ତି ବୋଲି ବିଶ୍ଳେଷକମାନେ ମତ ଦେଉଛନ୍ତି।



ଉଦ୍ଧବ ଠାକ୍‌ରେ



ରାଜ୍ ଠାକ୍‌ରେ

**ମୁମ୍ବାଇ,୧୯।୪**

ମହାରାଷ୍ଟ୍ର ରାଜନୈତିକ ଦୃଶ୍ୟପଟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ହେବାକୁ ଯାଉଛି। ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ତାଙ୍କଠାରୁ ଦୂରେଇ ଯାଇଥିବା ଭାଇ ତଥା ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ୍ ଠାକ୍‌ରେଙ୍କ ସହ ହାତ ମିଳାଇବାକୁ ଶନିବାର ଆଗ୍ରହ ପ୍ରକାଶ କରିଛନ୍ତି। ହିନ୍ଦୀକୁ ବିରୋଧ ପ୍ରସଙ୍ଗ ୨ ଭାଇଙ୍କୁ ପରସ୍ପରର ନିକଟତର କରାଇଛି। ଚଳିତବର୍ଷ ଶେଷଭାଗରେ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ନିର୍ବାଚନ ପାଇଁ ମହାରାଷ୍ଟ୍ର ପ୍ରସ୍ତୁତି ଚଳାଇଥିବାବେଳେ ଶିବସେନା (ୟୁବିଟି) ଏବଂ ଏମ୍‌ଏନ୍‌ଏସ୍ ମଧ୍ୟରେ ରାଜନୈତିକ ମେଣ୍ଟ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମହାରାଷ୍ଟ୍ରରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ହିନ୍ଦୀକୁ ବାଧ୍ୟତାମୂଳକ ତୃତୀୟ ଭାଷା କରାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାକୁ ରାଜ୍ ଠାକ୍‌ରେ ଦୃଢ଼ ବିରୋଧ କରିଥିଲେ। ରାଜ୍ୟରେ ହିନ୍ଦୀକୁ ବାଧ୍ୟତାମୂଳକ ହେବାକୁ ଦିଆଯିବ ନାହିଁ ବୋଲି ଶନିବାର ଉଦ୍ଧବ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶିବସେନା (ୟୁବିଟି)ର ଶ୍ରମିକ ସଙ୍ଗଠନ ଭାରତୀୟ କାମଗାର ସେନାକୁ ଉଦ୍‌ବୋଧନ ଦେଇ ଉଦ୍ଧବ କହିଛନ୍ତି, ହିନ୍ଦୀ ଭାଷା ପ୍ରତି ତାଙ୍କ ଦଳର ଘୃଣା ନାହିଁ। ତେବେ ଏହାକୁ କ'ଣ ପାଇଁ ଲଦିଦିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଛୋଟମୋଟ ବିବାଦକୁ ପଛରେ ପକାଇବାକୁ ସେ ପ୍ରସ୍ତୁତ ଅଛନ୍ତି। ମହାରାଷ୍ଟ୍ରର ସ୍ୱାର୍ଥ ପାଇଁ ସମସ୍ତ ମରାଠୀ ଜନସାଧାରଣ ଏକାଠି ହେବାକୁ ସେ ନିବେଦନ କରିଛନ୍ତି। ଶିଳ୍ପସଂସ୍ଥାଗୁଡ଼ିକ ଗୁଜରାଟ ଚାଲିଯାଉଥିବା ନେଇ ଆମେ ପାର୍ଲାମେଣ୍ଟରେ ଉଠାଇଥିଲୁ। ସେତେବେଳେ ଯଦି ଆମେ ଏକାଠି ହୋଇଥାନ୍ତୁ, ତେବେ ସରକାର ଗଢ଼ିପାରିଥାନ୍ତୁ, ଯାହା ମହାରାଷ୍ଟ୍ର ପାଇଁ କାମ କରିଥାନ୍ତା। ଯିଏ ମହାରାଷ୍ଟ୍ର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରିବ, ଆମେ ତାଙ୍କୁ ଘରକୁ ଡାକିବା ନାହିଁକି ତାଙ୍କ ସହ ବସିବା ନାହିଁ ବୋଲି ଉଦ୍ଧବ କହିଛନ୍ତି।

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମହାବିକାଶ ଅଘାଡ଼ି(ଏମ୍‌ଭିଏ) ପରାଜିତ ହେବା ପରେ ବିରୋଧୀ ମେଣ୍ଟରେ ଆଭ୍ୟନ୍ତରୀଣ ସଙ୍କଟ ଦେଖାଦେଇଥିବାବେଳେ ଉଦ୍ଧବଙ୍କ ଏଭଳି ମନ୍ତବ୍ୟରୁ ରାଜଙ୍କ ସହ ଏକାଠି କାମ କରିବା ଦ୍ୱାରା ମରାଠୀଙ୍କ ସ୍ୱାର୍ଥର ସୁରକ୍ଷା ହୋଇପାରିବ ବୋଲି ସେ ଅନୁଭବ କରିଥିବା ପ୍ରତିଫଳିତ ହୋଇଛି। ବିଶେଷ କରି ରାଜ୍ୟର ଭାଷାଗତ ଏବଂ ସାଂସ୍କୃତିକ ପରିଚୟର ସୁରକ୍ଷାକୁ ନେଇ ବିତର୍କ ଚାଲିଥିବାବେଳେ ଉଦ୍ଧବଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ।

ଉଦ୍ଧବଙ୍କ ସହ ବିବାଦକୁ ନେଇ ରାଜ୍ ଶିବସେନାଠାରୁ ଦୂରେଇ ଯାଇ ୨୦୦୬ରେ ଏମ୍‌ଏନ୍‌ଏସ୍ ଗଢ଼ିଥିଲେ। ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ମହେଶ ମଞ୍ଜରେକରଙ୍କ ସହ ପଡ୍‌କାଷ୍ଟରେ ଆଲୋଚନା ବେଳେ ଘରୋଇ ବିବାଦ ମହାରାଷ୍ଟ୍ର ଉପରେ କ୍ଷତିକାରକ ପ୍ରଭାବ ପକାଉଥିବା ନେଇ ରାଜ ଚିନ୍ତାବ୍ୟକ୍ତ କରିଛନ୍ତି। ଉଦ୍ଧବଙ୍କ ସହ ତାଙ୍କ ବିବାଦ ଛୋଟ ଘଟଣା, କିନ୍ତୁ ମହାରାଷ୍ଟ୍ର ସବୁକିଛିଠାରୁ ବହୁତ ବଡ଼ ବୋଲି ରାଜ କହିଥିଲେ। ଉକ୍ତ ମତଭେଦ ମହାରାଷ୍ଟ୍ର ଏବଂ ମରାଠୀଙ୍କ ପାଇଁ ମୂଲ୍ୟ ଦେବାକୁ ପଡ଼ିଛି। ଏକାଠି ହେବା କଷ୍ଟକର ନୁହେଁ, ଏହା ଇଚ୍ଛାର କଥା। ଆମେ ଏକ ବୃହତ୍ତର ଛବି ଦେଖିବା ଆବଶ୍ୟକ। ରାଜନୈତିକ ଦଳ ନିର୍ବିଶେଷରେ ସବୁ ମରାଠୀ ଏକାଠି ହେବା ଆବଶ୍ୟକ ବୋଲି ରାଜ୍ କହିଛନ୍ତି। ଯଦି ମହାରାଷ୍ଟ୍ର ଆମକୁ ଏକାଠି ହେବାକୁ ଚାହେଁ, ତାହା ହେବାକୁ ଦିଆଯାଉ। ଏଭଳି କାର୍ଯ୍ୟରେ ମୁଁ ମୋ ଅହଂଭାବକୁ ପ୍ରତିବନ୍ଧକ ହେବାକୁ ଦେବିନାହିଁ ବୋଲି ରାଜ୍ ସ୍ପଷ୍ଟ କରିଦେଇଛନ୍ତି।

# ୨୧ କି.ମି. ଦୌଡ଼ିଲେ ୨୧ ରୋବୋ

## ବିଶ୍ୱର ପ୍ରଥମ ରୋବୋ ମାରାଥନ୍ ଆୟୋଜନ କଲା ଚାଇନା



**ବେଜିଂ, ୧୯।୪ (ପି.ଟି.)**

ରୋବୋଟିକ୍ସ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକଠାରୁ ବହୁ ଆଗରେ ଥିବା ନେଇ ଚାଇନା ପୁଣିଥରେ ପ୍ରମାଣିତ କରିଛି। ଶନିବାର ବେଜିଂରେ ବିଶ୍ୱର ପ୍ରଥମ ରୋବୋ ହାଫ୍ ମାରାଥନ୍‌ର ଆୟୋଜନ କରାଯାଇଛି। ବେଜିଂସ୍ଥିତ ଅର୍ଥନୈତିକ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଆୟୋଜିତ ଏହି ନିଆରା ମାରାଥନ୍ ଦୌଡ଼ରେ ୨୧ଟି ହ୍ୟୁମାନଏଡ୍ ରୋବୋ ମଣିଷଙ୍କ ସହ ୨୧ କି.ମି. ପର୍ଯ୍ୟନ୍ତ ଦୌଡ଼ିଥିଲେ। ଏହି ମାରାଥନ୍‌ରେ ଦୌଡ଼ିବା ପାଇଁ ମଣିଷ ଓ ରୋବୋଙ୍କ ପାଇଁ ଭିନ୍ନ ଭିନ୍ନ ଟ୍ରାକ୍ ହୋଇଥିଲା। ବିଭିନ୍ନ ଆକୃତି ଏବଂ ଆକାରର ରୋବୋ ଦୌଡୁଥିବାବେଳେ ସେମାନଙ୍କୁ ଦେଖିବା ପାଇଁ ଟ୍ରାକ୍‌ର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଜନସମାଗମ ଘଟିଥିଲା। ଦର୍ଶକମାନେ ରୋବୋ ଏବଂ ସେମାନଙ୍କ ଅପରେଟରଙ୍କୁ ଉତ୍ସାହିତ କରିଥିଲେ।

ଏହି ଐତିହାସିକ ଦୌଡ଼ ପ୍ରତିଯୋଗିତାରେ ଚାଇନାର ବିଭିନ୍ନ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ ଏବଂ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକର ୨୦ଟି ଟିମ୍ ଅଂଶଗ୍ରହଣ କରିଥିଲେ। ମାରାଥନ୍ ପାଇଁ ଗତ କିଛି ସପ୍ତାହ ଧରି ଏହି ଟିମ୍‌ଗୁଡ଼ିକର ସଦସ୍ୟମାନେ ସେମାନଙ୍କ ରୋବୋକୁ ପ୍ରସ୍ତୁତ କରିବା ସହ ସେଗୁଡ଼ିକର ପରୀକ୍ଷଣ କରିଥିଲେ। ରେସ୍ ଆରମ୍ଭର ଠିକ୍ ପୂର୍ବରୁ ସମସ୍ତ ରୋବୋ ଏକ ଜିଗ୍‌ଜାଗ୍ ଫର୍ମେଶନରେ ୧ ମିଟରର ବ୍ୟବଧାନରେ ଧାଡ଼ିରେ ଛିଡ଼ା ହୋଇଥିଲେ। ଏହାପରେ ପ୍ରତ୍ୟେକ ରୋବୋ ଗୋଟିଏ ପରେ ଗୋଟିଏ କରି ଦୌଡ଼ିବା ଆରମ୍ଭ କରିଥିଲେ। ଦୌଡ଼ିବା ସମୟରେ ଏହି ରୋବୋଗୁଡ଼ିକୁ ସେମାନଙ୍କ ଇଞ୍ଜିନିୟର ଦୂରରୁ ଅପରେଟ କରୁଥିଲେ। ତେବେ ଏହି ମାରାଥନ ବେଳେ କେତେକ ରୋବୋ ବୈଷୟିକ ତ୍ରୁଟିର ସାମ୍ନା କରିଥିବାବେଳେ ଆଉ କେତେକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ନେଇ ଚାଇନାର ସରକାରୀ ପରିଚାଳିତ ନ୍ୟୁଜ୍ ଏଜେନ୍ସି ଜିନ୍‌ହୁଆ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ମାରାଥନ୍ ରେସ୍‌କୁ ବେଜିଂ ଇନୋଭେଶନ୍ ସେଣ୍ଟର ଅଫ୍ ହ୍ୟୁମାନ ରୋବୋଟିକ୍ସ ଦ୍ୱାରା ପ୍ରସ୍ତୁତ ଟିଆନଗଙ୍ଗ ଅଲଟ୍ରା ନାମକ ରୋବୋ ୨ ଘଣ୍ଟା ୪୦ ମିନିଟରେ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ।

**ଜେଇଇ ମେନ୍ ରେଜଲ୍ଟ**

# ଓଡ଼ିଶାର ଓମ୍ ପ୍ରକାଶଙ୍କୁ ୧୦୦ ପର୍ସେଣ୍ଟାଇଲ୍



ଓମ୍ ପ୍ରକାଶ ବେହେରା

**ନୂଆଦିଲ୍ଲୀ,୧୯।୪**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ(ମେନ୍) ଫଳାଫଳ ଘୋଷଣା କରିଛି। ୨୪ ପରୀକ୍ଷାର୍ଥୀ ୧୦୦ ପର୍ସେଣ୍ଟାଇଲ୍ ହାସଲ କରିଥିବାବେଳେ ରାଜସ୍ଥାନରୁ ସର୍ବାଧିକ ୭ ଜଣ ଟପ୍ପର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଆ ବିଦ୍ୟାର୍ଥୀ ଓମ୍ ପ୍ରକାଶ ବେହେରା ଅଛନ୍ତି। ଶିକ୍ଷାନଗରୀ ରୂପେ ପରିଚିତ କୋଟାର ଏକ କୋଚିଂ ସେଣ୍ଟରରେ ପଢ଼ି ସେ ଜେଇଇ(ମେନ୍) ପାଇଁ ପ୍ରସ୍ତୁତ ହେଉଥିଲେ। ଏଥିପାଇଁ ସେ ମୋବାଇଲ ଓ ସୋସିଆଲ ମିଡିଆରୁ ଦୂରେଇ ରହୁଥିଲେ। ତେବେ ଓମ୍ ପ୍ରକାଶ ଏହି ସଫଳତାର ଶ୍ରେୟ ତାଙ୍କ ମା'ଙ୍କୁ ଦେଇଛନ୍ତି। ମା' ସ୍ମିତାରାଣୀ ବେହେରା ଜଣେ ଅଧ୍ୟାପିକା ଏବଂ ବାପା କମଳାକାନ୍ତ ବେହେରା ଜଣେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ। କୋଟାରେ ପ୍ରସ୍ତୁତି ଚଳାଇଥିବାବେଳେ ସେଥିରେ ମା' ପୂର୍ଣ୍ଣ ସହଯୋଗ କରିଥିବା ଓମ୍ ପ୍ରକାଶ କହିଛନ୍ତି। ପିଲାମାନେ ପରୀକ୍ଷା ପୂର୍ବରୁ ଆଦୌ ଚିନ୍ତିତ ନ ହୋଇ ଯେଉଁ ବିଷୟରେ ଦୁର୍ବଳ ଥିବେ ତା' ଉପରେ ଅଧିକ ପରିଶ୍ରମ କଲେ ସଫଳତା ମିଳିବ ବୋଲି ଓମ୍ ପ୍ରକାଶ ପରାମର୍ଶ ଦେଇଛନ୍ତି।

# ୨୪ରେ ନୂଆ ଆବେଦନକାରୀଙ୍କୁ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)**

ସୁଭଦ୍ରା ଯୋଜନାରେ ଯେଉଁମାନେ ନୂଆ ଆବେଦନକାରୀ ଅଛନ୍ତି, ସେମାନଙ୍କୁ ଆସନ୍ତା ୨୪ରେ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ସୂଚନା ଦେଇଛନ୍ତି। ରାଜ୍ୟରେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ହେବାକୁ ଯାଉଛି। ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମାର୍ଚ୍ଚ ୫ ଅବସରରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା। ହେଲେ ନିକଟରେ ରାଜ୍ୟ ସରକାର ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରିବାକୁ ଯାଉଛନ୍ତି। ଏହିଦିନ ପୁରୀଠାରେ ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ରାଜ୍ୟର ପ୍ରାୟ ୧ ଲକ୍ଷ ୭୦ ହଜାର ମହିଳା ଏକାଥରେ ୨ଟି କିସ୍ତି ଟଙ୍କା ଏହିଦିନ ପାଇବେ। ଯେଉଁମାନେ ନୂଆ ଆବେଦନ କରିଛନ୍ତି, ସେମାନଙ୍କୁ ଏହି ଟଙ୍କା ଦିଆଯିବ। ପ୍ରଭାତୀ ଆହୁରି କହିଛନ୍ତି, ସୁଭଦ୍ରାକୁ ସହଜ କରିବା ପାଇଁ ସର୍ଭେ କରାଯିବ। ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ୩ୟ କିସ୍ତି ଦିଆଯିବ। ତୃତୀୟ କିସ୍ତି ପରେ ଯେଉଁମାନଙ୍କ ବୟସ ୨୧ ବର୍ଷ ହୋଇଯାଇଥିବ ସେମାନଙ୍କ ପାଇଁ ପୁଣି ସୁଭଦ୍ରା ପୋର୍ଟାଲ ଓପନ୍ କରାଯିବ।









## ସଂକ୍ଷେପରେ

### ଆଫଗାନିସ୍ତାନରେ ଭୂକମ୍ପ
#### ଦିଲ୍ଲୀ, ଜମ୍ମୁ-କଶ୍ମୀରରେ ଝଟକା

ନୂଆଦିଲ୍ଲୀ,୧୯।୪

ଆଫଗାନିସ୍ତାନରେ ଶନିବାର ଅପରାହ୍ନ ୧୨ଟା ୧୭ ମିନିଟ୍ ସମୟରେ ୫.୮ ତୀବ୍ରତାର ଭୂକମ୍ପ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ଏହାର ପ୍ରଭାବରେ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ, ଜମ୍ମୁ-କଶ୍ମୀର ସମେତ ଉତ୍ତରଭାରତର ଅଧିକାଂଶ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ୩୬.୧୦ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୭୧.୨୦ ଡିଗ୍ରୀ ପୂର୍ବ ଦ୍ରାଘିମା ମଧ୍ୟରେ ଏବଂ ୧୩୦ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। ପାକିସ୍ତାନରେ ପୂର୍ବାହ୍ନ ୧୧ଟା ୪୭ରେ ସଂଘଟିତ ଅନ୍ୟ ଏକ ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନ-ତାଜିକିସ୍ତାନ ସୀମାନ୍ତ ଅଞ୍ଚଳର ୯୪ କିଲୋମିଟର ଗଭୀରରେ ବୋଲି ନ୍ୟାଶନାଲ ସିସ୍‌ମିକ୍ ମନିଟରିଂ ସେଣ୍ଟର ପକ୍ଷରୁ କୁହାଯାଇଛି। ପାକିସ୍ତାନର ଇସ୍‌ଲାମାବାଦ, ଲାହୋର, ପେଶାୱର, ରାୱଲପିଣ୍ଡି ଏବଂ ଖାଇବର ପଖ୍‌ତୁନ୍‌ଖ୍ୱାର ବିଭିନ୍ନ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଛି।

### ଡ୍ରଗ୍ସ ମାମଲାରେ ମାଲୟାଲମ ଅଭିନେତା ଗିରଫ



ଶାଇନ୍ ଟମ୍ ଚାକୋ

କୋଚି, ୧୯।୪

ଏକ ଡ୍ରଗ୍ସ କାରବାର ମାମଲାରେ ମାଲୟାଲମ ଅଭିନେତା ଶାଇନ୍ ଟମ୍ ଚାକୋଙ୍କୁ ଶନିବାର ଗିରଫ କରାଯାଇଛି। କିଛିଦିନ ତଳେ କୋଚିର ଏକ ହୋଟେଲରେ ଚଢ଼ାଉ ବେଳେ ସେ ଖସି ପଳାଇଥିଲେ। ଶନିବାର ଚାକୋଙ୍କୁ ୪ ଘଣ୍ଟା ଜେରା ପରେ ପୋଲିସ ଗିରଫ କରିଥିଲା। ତାଙ୍କ ବିରୋଧରେ ବେଆଇନ ନିଶା କାରବାର ଆଇନର ଧାରା ୨୭ ଏବଂ ୨୯ ଅନୁଯାୟୀ, ମାମଲା ରୁଜୁ କରାଯାଇଛି। ଶୁକ୍ରବାର ଚାକୋଙ୍କୁ ପୋଲିସ ସମନ କରିଥିଲା। ତେବେ ଗିରଫ ହେବାର କିଛି ଘଣ୍ଟା ପରେ ଶନିବାର ରାତିରେ ତାଙ୍କୁ ଜାମିନ ମିଳିଛି।

# ହିନ୍ଦୁ ନେତାଙ୍କୁ ହତ୍ୟାରୁ ବଢ଼ୁଛି ଅଶାନ୍ତି




ସଂଖ୍ୟାଲଘୁଙ୍କ ସୁରକ୍ଷା ଦାବିରେ ବାଂଲାଦେଶରେ ବିକ୍ଷୋଭ କରାଯାଉଛି।

## ବାଂଲାଦେଶକୁ ନିନ୍ଦାକଲା ଭାରତ

ନୂଆଦିଲ୍ଲୀ,୧୯।୪

ବାଂଲାଦେଶର ପ୍ରମୁଖ ହିନ୍ଦୁ ନେତା ଭବେଶ ଚନ୍ଦ୍ର ରୟଙ୍କୁ ହତ୍ୟା ଘଟଣାରେ ଭାରତ ଶନିବାର ମହମ୍ମଦ ୟୁନୁସ୍ ସରକାରଙ୍କୁ ନିନ୍ଦା କରିଛି। ଅନ୍ତରୀଣ ସରକାରଙ୍କ ଶାସନରେ ପଡ଼ୋଶୀ ଦେଶର ସଂଖ୍ୟାଲଘୁଙ୍କ ପ୍ରତି ବ୍ୟବସ୍ଥିତ ଉତ୍ପୀଡ଼ନ ଢାଞ୍ଚାର ଏକା ଏକ ଅଂଶବିଶେଷ ବୋଲି ନୂଆଦିଲ୍ଲୀ କହିଛି। ହିନ୍ଦୁ ନେତା ୫୮ ବର୍ଷୀୟ ଭବେଶଙ୍କୁ ଦିନାଜପୁରସ୍ଥିତ ତାଙ୍କ ଘରୁ ଅପହରଣ କରିନିଆଯାଇ ପିଟି ହତ୍ୟା କରାଯାଇଥିଲା। ତାଙ୍କ ମୃତଦେହ ଗୁରୁବାର ରାତିରେ ମିଳିଥିଲା। ଭବେଶ ବାଂଲାଦେଶ ପୂଜା ଉଦ୍‌ଯାପନ ପରିଷଦର ଉପସଭାପତି ଏବଂ ହିନ୍ଦୁ ସମ୍ପ୍ରଦାୟର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ। ଭବେଶଙ୍କୁ ଅପହରଣ ଏବଂ ଜଘନ୍ୟ ହତ୍ୟା ସଂଖ୍ୟାଲଘୁ ହିନ୍ଦୁଙ୍କ ପ୍ରତି ବ୍ୟବସ୍ଥିତ ଉତ୍ପୀଡ଼ନ ଓ ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ୍ସରେ ଏକ ବିବୃତିରେ କହିଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ପ୍ରତି ବାଂଲାଦେଶ ଅନ୍ତରୀଣ ସରକାରଙ୍କ ଦାୟିତ୍ୱ ସମ୍ପର୍କରେ ଭାରତ ସ୍ମରଣ କରାଇଦେଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

ଗତବର୍ଷ ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ହିଂସ୍ର ରୂପ ନେବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ନିଜ ପଦବୀରୁ ଇସ୍ତଫା ଦେଇ ଭାରତ ପଳାଇଆସିଥିଲେ। ମହମ୍ମଦ ୟୁନୁସ୍‌ଙ୍କୁ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା କରାଯାଇଥିଲା। ଏହା ପରେ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ବୃଦ୍ଧି ପାଇବା ସହ ହିନ୍ଦୁମାନେ ବାରମ୍ବାର ଆକ୍ରମଣ ଏବଂ ନିର୍ଯାତନାର ଶିକାର ହୋଇଆସୁଛନ୍ତି। ଗତବର୍ଷ ଢାକା ବିମାନବନ୍ଦରରୁ ହିନ୍ଦୁ ସନ୍ଥ ଚିନ୍ମୟ କ୍ରିଷ୍ଣ ଦାସଙ୍କୁ ଗିରଫ କରାଯିବା ପରେ ଭାରତ ବାଂଲାଦେଶକୁ ସଂଖ୍ୟାଲଘୁଙ୍କ ଅଧିକାରର ସୁରକ୍ଷା କର୍ତ୍ତବ୍ୟ ସମ୍ପର୍କରେ ବାରମ୍ବାର ସ୍ମରଣ କରାଇଥିଲା। ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାକୁ ଗଣମାଧ୍ୟମର ଅତିଶୟୋକ୍ତି କହି ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ଜୟସ୍ୱାଲ କହିବା ସହ ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ୟୁନୁସ୍ ପ୍ରଶାସନକୁ ନିବେଦନ କରିଥିଲେ।

## ବାଂଲାଦେଶ ପାଇଁ ନୂଆ ଟ୍ରାଭେଲ୍ ଆଡ୍‌ଭାଇଜରି ଜାରି କଲା ଆମେରିକା

ୱାଶିଂଟନ,୧୯।୪

ବାଂଲାଦେଶରେ ନାଗରିକ ଅଶାନ୍ତି, ଅପରାଧ ଏବଂ ଆତଙ୍କବାଦ ଯୋଗୁ ସେହି ଦେଶକୁ ଭ୍ରମଣରେ ଯିବା ବିପଦପୂର୍ଣ୍ଣ ହୋଇଛି। ତେଣୁ ବାଂଲାଦେଶ ଯିବା ନେଇ ଆମେରିକା ପରରାଷ୍ଟ୍ର ବିଭାଗ ଶୁକ୍ରବାର ଏହାର ନାଗରିକଙ୍କ ନିମନ୍ତେ କଠୋର ଟ୍ରାଭେଲ୍ ଆଡ୍‌ଭାଇଜରି ଜାରି କରି ସେମାନଙ୍କୁ ସତର୍କ କରାଇଛି। ବାଂଲାଦେଶ ପାଇଁ 'ଲେବଲ ୩: ରିକନ୍‌ସିଡର ଟ୍ରାଭେଲ୍' ଆଲର୍ଟ ଏବଂ ଚାଟ୍ଟାଗଙ୍ଗ ହିଲ୍ ଟ୍ରାକ୍ ଅଞ୍ଚଳ ପାଇଁ 'ଲେବଲ୪: ଡୋଣ୍ଟ ଟ୍ରାଭେଲ' ୱାର୍ନିଂ ଜାରି ହୋଇଛି। ଚିଟ୍ଟାଗଙ୍ଗ ପାର୍ବତ୍ୟାଞ୍ଚଳରେ ଖଗ୍ରାଚାରୀ, ରଙ୍ଗାମାଟି ଏବଂ ବନ୍ଦରବାନ ଜିଲା ଯାଉଥିବାବେଳେ ଏହାକୁ ବିପଜ୍ଜନକ ଅଞ୍ଚଳ ବିବେଚନା କରାଯାଉଛି। ସେଠାରେ ଧର୍ମୀୟ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରାଯାଉଛି। ବିଚ୍ଛିନ୍ନତାବାଦୀ ସଂଗଠନ ଏବଂ ରାଜନୈତିକ ହିଂସା ମଧ୍ୟ ବାହାର ଦେଶର ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସାମ୍ପ୍ରଦାୟିକ ହିଂସା, ଅପରାଧ, ଆତଙ୍କବାଦ, ଅପହରଣ ଏବଂ ଅନ୍ୟାନ୍ୟ ବିପଦ ରହିଛି ଓ ଅନେକ ସମୟରେ ଆଇଇଡି ବିସ୍ଫୋରଣ ଓ ଗୁଳିକାଣ୍ଡ ଘଟୁଛି। ତେଣୁ ଚିଟ୍ଟାଗଙ୍ଗ ପାର୍ବତ୍ୟାଞ୍ଚଳକୁ ନ ଯିବା ଲାଗି ଆଡ୍‌ଭାଇଜରିରେ ଆମେରିକୀୟମାନଙ୍କୁ ପରାମର୍ଶ ଦିଆଯାଇଛି।

## ଜେଇଇ ମେନ୍: ୨୪ ଟପ୍ପରଙ୍କ ମଧ୍ୟରୁ ରାଜସ୍ଥାନରୁ ସର୍ବାଧିକ ୭

ନୂଆଦିଲ୍ଲୀ,୧୯।୪

ଜେଇଇ ମେନ୍ ପରୀକ୍ଷାରେ ମୋଟ ୨୪ ଜଣ ୧୦୦ ପର୍ସେଣ୍ଟାଇଲ୍ ରଖି ଟପ୍ପର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ରାଜସ୍ଥାନରୁ ସର୍ବାଧିକ ୭, ତେଲଙ୍ଗାନା, ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ରରୁ ୩ ଜଣ ଲେଖାଏ, ଦିଲ୍ଲୀ, ଗୁଜରାଟ ଏବଂ ପଶ୍ଚିମବଙ୍ଗରୁ ୨ ଜଣ ଲେଖାଏ ଏବଂ କର୍ନାଟକ ଓ ଆନ୍ଧ୍ରପ୍ରଦେଶରୁ ଜଣେ ଲେଖାଏ ରହିଛନ୍ତି। ଟପ୍ପରଙ୍କ ମଧ୍ୟରେ ୨ ଛାତ୍ରୀ ଥିବାବେଳେ ୨୧ ଜଣ ସାଧାରଣ ବର୍ଗର ଏବଂ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗରୁ ଜଣେ ଲେଖାଏ ଅଛନ୍ତି। ଚଳିତ ମାସରେ ୫୩୧ଟି ସେଣ୍ଟରରେ ଅନୁଷ୍ଠିତ ଜେଇଇ ଦ୍ୱିତୀୟ ସଂସ୍କରଣ ପରୀକ୍ଷାରେ ୯.୯୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଥମ ସଂସ୍କରଣର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୦.୬୧ ଲକ୍ଷ ଥିଲା। ଜେଇଇ(ମେନ୍) ପ୍ରଥମ ଓ ଦ୍ୱିତୀୟ ପତ୍ର ଫଳାଫଳ ଆଧାରରେ ଛାତ୍ରୀଛାତ୍ରଙ୍କୁ ଜେଇଇ(ଆଡଭାନ୍ସଡ) ପାଇଁ ଶର୍ଟଲିଷ୍ଟେଡ୍ କରାଯିବ, ଯାହାକି ଦେଶର ୨୩ଟି ଆଇଆଇଟିରେ ନାମଲେଖା ପାଇଁ ୱାନ୍-ଷ୍ଟପ୍ ପରୀକ୍ଷା। ମେନ୍ ପରୀକ୍ଷା ୧୩ଟି ଭାଷା ଓଡ଼ିଆ, ବେଙ୍ଗଲୀ, ଅସମୀୟା, ଇଂଲିଶ, ଗୁଜରାଟୀ, ହିନ୍ଦୀ, କନ୍ନଡ଼, ମାଲାୟାଲମ୍, ମରାଠୀ, ପଞ୍ଜାବୀ, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁରେ କରାଯାଇଥିଲା। ଭାରତ ବାହାରେ ବିଭିନ୍ନ ଦେଶର ୧୫ଟି କେନ୍ଦ୍ରରେ ମଧ୍ୟ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

## ବିଲ୍ଡିଂ ଭୁଶୁଡ଼ି ୧୧ ମୃତ

ନୂଆଦିଲ୍ଲୀ, ୧୯।୪

ଉତ୍ତର-ପୂର୍ବ ଦିଲ୍ଲୀର ମୁସ୍ତାଫାବାଦସ୍ଥିତ ଶକ୍ତି ବିହାର ଅଞ୍ଚଳରେ ଶନିବାର ଭୋର୍ ୩ଟା ସମୟରେ ଏକ ୪ ମହଲା କୋଠା ଭୁଶୁଡ଼ି ୧୧ ଜଣଙ୍କ ମୃତ୍ୟୁ ଘଟିବା ସହ ୧୧ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଅନେକେ ଚାପି ହୋଇ ଯାଇଥିଲେ। ତୁରନ୍ତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ରେସ୍କ୍ୟୁ ଅପରେଶନ ଆରମ୍ଭ କରିଥିଲେ। ଶନିବାର ସନ୍ଧ୍ୟା ସୁଦ୍ଧା ୨୨ ଜଣଙ୍କୁ ଉଦ୍ଧାର କରାଯାଇଛି। ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ଅଗ୍ନିଶମ ବାହିନୀ କହିଛି। କେତେଜଣ ଭଗ୍ନାବଶେଷ ତଳେ ଫସିରହିଥିବାରୁ ରେସ୍କ୍ୟୁ ଅପରେଶନ ଜାରି ରହିଛି। ଘଟଣାକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶୋକ ପ୍ରକଟ କରିଛନ୍ତି। ସେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏକ୍ସ'ରେ ପୋଷ୍ଟ କରିଛନ୍ତି। କୋଠା ମାଲିକାଣୀ ତେହସିନ (୬୦)ଙ୍କ ସମେତ ତାଙ୍କ ପରିବାରର ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ମହିଳା ଓ ୪ ଜଣ ଶିଶୁ ରହିଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ମୁସ୍ତାଫାବାଦସ୍ଥିତ ଶକ୍ତି ବିହାର ଅଞ୍ଚଳର ୪ ମହଲା ବିଶିଷ୍ଟ ଆବାସିକ କୋଠା ଭୁଶୁଡ଼ି ଯିବା ପରେ ରେସ୍କ୍ୟୁ ଅପରେଶନ ଜାରି ରହିଛି।

## ଘୃଣା ଅପରାଧ ପୀଡ଼ିତଙ୍କୁ ସମାନ କ୍ଷତିପୂରଣ ଆବେଦନର ଶୁଣାଣି ୨୩ରେ

ନୂଆଦିଲ୍ଲୀ,୧୯।୪(ପି.ଟି.)

ଘୃଣା ହିଂସା ଏବଂ ଭିଡ଼ ହିଂସାର ପୀଡ଼ିତମାନଙ୍କୁ ସମାନ କ୍ଷତିପୂରଣ ମଞ୍ଜୁରୀ ଲାଗି ଦାଏର ପିଟିଶନର ଶୁଣାଣି ୨୩ରେ କରିବାକୁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି। ଇଣ୍ଡିଆନ୍ ମୁସ୍‌ଲିମ୍ ଫର୍ ପ୍ରୋଗ୍ରେସ୍ ଆଣ୍ଡ ରିଫର୍ମ୍ସ (ଆଇଏମ୍‌ପିଏଆର୍) ପକ୍ଷରୁ ଦାଏର ଏହି ପିଟିଶନ ଉପରେ ସର୍ବୋଚ୍ଚ ଅଦାଲତ ୨୦୨୩ ଏପ୍ରିଲରେ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଜବାବ ମାଗିଥିଲେ। ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ୨୩ରେ ସେଗୁଡ଼ିକର ଶୁଣାଣି କରିବେ।

## କାନାଡାରେ ଗୁଳିବାଜି ଭାରତୀୟ ଛାତ୍ରୀ ମୃତ

ଓଟ୍ଟାୱା, ୧୯।୪

କାନାଡାର ଓଣ୍ଟାରିଓ ରାଜ୍ୟ ହାମିଲଟନ ସହରରେ ଗୁଳି ବାଜିବାରୁ ଜଣେ ୨୧ ବର୍ଷୀୟା ଭାରତୀୟ ଛାତ୍ରୀ ହର୍‌ସିମରତ କୌର ରନ୍ଧାୱାଙ୍କର ମୃତ୍ୟୁ ହୋଇଯାଇଛି। ଟୋରଣ୍ଟୋରେ ଥିବା ଭାରତୀୟ କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ହର୍‌ସିମରତ ହାମିଲଟନସ୍ଥିତ ଏକ ବସ୍ ଷ୍ଟପ୍‌ରେ ଅପେକ୍ଷା କରି ରହିଥିବା ବେଳେ ସେଠାରେ ୨ ଗୋଷ୍ଠୀ ପକ୍ଷରୁ ପୃଥକ୍ କାର୍‌ରେ ପରସ୍ପର ସହ ଗୁଳି ବିନିମୟ ହୋଇଥିଲା। ଏହି ସମୟରେ



ହର୍‌ସିମରତ କୌର ରନ୍ଧାୱା

ଏକ ଗୁଳି ଆସି ହର୍‌ସିମରତଙ୍କ ଶରୀରରେ ବାଜିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ଓଣ୍ଟାରିଓସ୍ଥିତ ମୋହକ କଲେଜର ଛାତ୍ରୀ ଥିଲେ। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବାବେଳେ ହର୍‌ସିମରତଙ୍କ ପରିବାରକୁ ସବୁ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ଟରୋଣ୍ଟୋସ୍ଥିତ ଭାରତୀୟ କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ହର୍‌ସିମରତ ହେଉଛନ୍ତି ପଞ୍ଜାବର ତାରାତରଣ ଜିଲା ଧୁଣ୍ଡା ଗ୍ରାମର ମୂଳ ନିବାସୀ। ତାଙ୍କ ମୃତଦେହକୁ ଭାରତ ଫେରାଇ ଆଣିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହର୍‌ସିମରତଙ୍କ ପରିବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଚୋରି ସନ୍ଦେହରେ ୨ ଶ୍ରମିକଙ୍କୁ ବିଦ୍ୟୁତ୍ ଶକ୍

କୋର୍ବା,୧୯।୪

ଛତିଶଗଡ଼ର କୋର୍ବା ଜିଲାରେ ଏକ ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରିର ୨ ଜଣ ଶ୍ରମିକଙ୍କୁ ଚୋରି ସନ୍ଦେହରେ ନିଯୁକ୍ତିଦାତା ଓ ତାଙ୍କ ସହଯୋଗୀ ଅକଥନୀୟ ନିର୍ଯାତନା ଦେଇଛନ୍ତି। ଶ୍ରମିକଙ୍କ ନଖ ତାଡ଼ିନେବା ସହ ସେମାନଙ୍କୁ ବିଦ୍ୟୁତ୍ ଶକ୍ ଦିଆଯାଇଥିବା ପୋଲିସରେ ଅଭିଯୋଗ ହୋଇଛି। ଶ୍ରମିକ ଅଭିଷେକ ଭାମ୍ବି ଏବଂ ବିନୋଦ ଭାମ୍ବିଙ୍କ ଘର ରାଜସ୍ଥାନର ଭିଲୱାରା ଜିଲାରେ। ସେମାନେ ଖପ୍ରଭଟ୍ଟି ଅଞ୍ଚଳରେ ଛୋଟୁ ଗୁର୍ଜାରଙ୍କ ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରିରେ ଠିକା ଶ୍ରମିକ ଭାବେ କାମ କରୁଥିଲେ।

## ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଇଷ୍ଟର ଅସ୍ତ୍ରବିରତି ଘୋଷଣା କଲେ ପୁଟିନ୍

ମସ୍କୋ,୧୯।୪

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୧,୧୫୦ ଦିନ ବିତିଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶନିବାର ଇଷ୍ଟର ଅସ୍ତ୍ରବିରତି ଘୋଷଣା କରିଛନ୍ତି। ଅସ୍ତ୍ରବିରତି ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇ ରବିବାର ମଧ୍ୟରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ। ରୁଷିଆ ଚିଫ୍ ଅଫ୍ ଷ୍ଟାଫ୍ ଭାଲେରି ଗାରାସିମୋଭ୍‌ଙ୍କ ସହ ଆଲୋଚନା ବେଳେ ପୁଟିନ୍ ଏକ ଟେଲିଭିଜନ ବାର୍ତ୍ତାରେ ଏହା କହିଛନ୍ତି। ଯୁଦ୍ଧର ଅବସାନ ପାଇଁ



ଭ୍ଲାଡିମିର ପୁଟିନ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ କିଛି ମାସ ହେଲା ଉଦ୍ୟମ କରିଆସୁଛନ୍ତି। ଆଗାମୀ କିଛିଦିନ ଭିତରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ନେଇ ସ୍ପଷ୍ଟ ସଙ୍କେତ ନ ମିଳିଲେ ଟ୍ରମ୍ପ ପିସ୍ ଡିଲ୍ ମଧ୍ୟସ୍ଥତାରୁ ଓହରିଯିବେ ବୋଲି ଶୁକ୍ରବାର ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଚେତାବନୀ ଦେଇଥିଲେ। ପ୍ୟାରିସ୍‌ରେ ୟୁରୋପୀୟ ଏବଂ ୟୁକ୍ରେନୀୟ ନେତାଙ୍କ ସହ ବୈଠକ ପରେ ରୁବିଓ କହିଥିଲେ, ଯୁଦ୍ଧ ଶେଷ ପାଇଁ ଆମେରିକା ଆଉ ଅନେକ ମାସ ଧରି ଉଦ୍ୟମ ଜାରି ରଖିବ ନାହିଁ। ଜରୁରୀ ଭିତ୍ତିରେ ସବୁକିଛି ନିର୍ଦ୍ଧାରଣ କରିବାକୁ ପଡ଼ିବ। ଏହାର ଦିନକ ପରେ ପୁଟିନ୍ ଇଷ୍ଟର ପର୍ବ ଅବସରରେ ସାମୟିକ ଅସ୍ତ୍ରବିରତି ଘୋଷଣା କରିଛନ୍ତି।

## ଫୁରସତ୍

### ସବୁଠୁ ବୟସ୍କ ପେଙ୍ଗୁଇନ୍

ଲଣ୍ଡନ

ବେଳେବେଳେ ଅନେକ ପ୍ରାଣୀ ସେମାନଙ୍କର ସାଧାରଣ ଜୀବନକାଳଠାରୁ ଅଧିକ ସମୟ ପର୍ଯ୍ୟନ୍ତ ବଞ୍ଚିରହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାନ୍ତି। ଏହିପରି ଏକ ପ୍ରାଣୀ ନିକଟରେ ଚର୍ଚ୍ଚାରେ ରହିଛି, ଯାହା ନିଜ ପ୍ରଜାତିର ଅନ୍ୟ ପ୍ରାଣୀଙ୍କ ଅପେକ୍ଷା କେବଳ ବର୍ଷେ କିମ୍ବା ୨ ବର୍ଷ ନୁହେଁ ବରଂ ୨ରୁ ୩ଗୁଣା ଅଧିକ ସମୟ ବଞ୍ଚି ରେକର୍ଡ ସୃଷ୍ଟି କରିଛି। ଗତ ୧୬ ତାରିଖରେ ବିଶ୍ୱର ସବୁଠାରୁ ବୟସ୍କ ହମ୍‌ବୋଲ୍ଡଟ ପେଙ୍ଗୁଇନ୍ ସ୍ୱନେବ ନିଜର ୩୭ତମ ଜନ୍ମଦିନ ପାଳନ କରି ରେକର୍ଡ କରିଛି। ଏହି ଅବସରରେ ସ୍ୱନେବ ଥିବା ଇଂଲଣ୍ଡର କର୍ନୱାଲ ଅନ୍ତର୍ଗତ ହାୟଲେସ୍ଥିତ ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ବରଫ ଏବଂ ମାଛରେ ତିଆରି ଏକ କେକ୍ କରାଯାଇଥିଲା। ସାଧାରଣତଃ ଏକ ହମ୍‌ବୋଲ୍ଡଟ ପ୍ରଜାତିର ପେଙ୍ଗୁଇନ୍‌ଙ୍କ ଆୟୁ ସାଧାରଣତଃ ୧୦ରୁ




ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ସ୍ୱନେବ ପେଙ୍ଗୁଇନ୍‌ର ଜନ୍ମଦିନ ଉପଲକ୍ଷେ ପ୍ରସ୍ତୁତ କେକ୍।

୧୫ ବର୍ଷ ହୋଇଥିବା ବେଳେ ସ୍ୱନେବର ବର୍ତ୍ତମାନର ବୟସ ଏହାଠାରୁ ପ୍ରାୟ ୩ ଗୁଣା ଅଧିକ। ୧୯୮୮ ମସିହାରୁ ଏହି ପେଙ୍ଗୁଇନ୍‌ଟି ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ରହିଆସୁଛି।

ସ୍ୱନେବର ଯତ୍ନ ନେଉଥିବା ପ୍ରାଣୀ ଉଦ୍ୟାନର କର୍ମଚାରୀମାନେ କହିଛନ୍ତି, ସାରା ବିଶ୍ୱରୁ ସଂଗୃହିତ ରେକର୍ଡ ଅନୁଯାୟୀ ସ୍ୱନେବ ହେଉଛି ନିଜ ପ୍ରଜାତିର ସବୁଠାରୁ ବୟସ୍କ ପେଙ୍ଗୁଇନ୍। ତେବେ ବୃଦ୍ଧାବସ୍ଥାରେ ଥିଲେ ମଧ୍ୟ ସ୍ୱନେବ ସଂପୂର୍ଣ୍ଣ ଭାବେ ସୁସ୍ଥ ଥିବା ସହ ଠିକ୍ ଭାବେ ଚାଲି ପାରୁଛି ବୋଲି ସେମାନେ କହିଛନ୍ତି। ସ୍ୱନେବ ହମ୍‌ବୋଲ୍ଡଟ ପ୍ରଜାତିର ସବୁଠାରୁ ବୟସ୍କ ପେଙ୍ଗୁଇନ୍ ହୋଇଥିବା ବେଳେ ଏବେ ମଧ୍ୟ ଏହା ବିଶ୍ୱର ସବୁଠାରୁ ବୟସ୍କ ପେଙ୍ଗୁଇନ୍ ହେବାର ରେକର୍ଡକୁ ହାସଲ କରିପାରିନାହିଁ। ଏହି ଅନନ୍ୟ ରେକର୍ଡ ଦକ୍ଷିଣ ଆଫ୍ରିକାର ଏକ ପେଙ୍ଗୁଇନ୍ ନାମରେ ରହିଛି, ଯାହାର ମୃତ୍ୟୁ ୨୦୨୩ରେ ହୋଇଥିଲା। ସ୍ୱନେବ ୧୯୮୮ରେ ଇଂଲଣ୍ଡର ସରେରେ ଜନ୍ମ ହୋଇଥିଲା। ଏହାପରେ ସ୍ୱନେବକୁ ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନକୁ ସ୍ଥାନାନ୍ତରିତ କରାଯାଇଥିଲା।

### ୨୦ ବର୍ଷ ପରେ ଶାହରୁଖ-ଅର୍ଶଦ ଯୋଡ଼ି

ମୁମ୍ବାଇ

ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କର ଆଗାମୀ ଫିଲ୍ମ 'କିଙ୍ଗ'ର ଷ୍ଟାର୍‌କାଷ୍ଟରେ ଅଭିନେତା ଅର୍ଶଦ ୱାର୍ସିଙ୍କୁ ସାମିଲ କରାଯାଇଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଏହାସହ ୨୦ ବର୍ଷ ପରେ ଅର୍ଶଦ ଶାହରୁଖଙ୍କ ସହ ସ୍କ୍ରିନ୍ ଶେୟାର କରୁଥିବା ନେଇ ସ୍ପଷ୍ଟ ହୋଇଛି। ପୂର୍ବରୁ ୨୦୦୫ରେ 'କୁଛ ମିଠା ହୋ ଯାଏ' ଫିଲ୍ମରେ ଉଭୟ ଶାହରୁଖ ଓ ଅର୍ଶଦଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଅର୍ଶଦଙ୍କ ଚରିତ୍ର ସମ୍ପର୍କରେ ଜଣାପଡି ନାହିଁ। 'କିଙ୍ଗ' ଫିଲ୍ମରେ ଶାହରୁଖଙ୍କ ସମେତ ତାଙ୍କ ଝିଅ ସୁହାନା ଖାନ୍, ଅଭିନେତା ଅଭିଷେକ ବଚ୍ଚନ, ଅଭୟ ବର୍ମା ପ୍ରମୁଖ ନଜରକୁ ଆସିବେ। ସେହିପରି ଫିଲ୍ମରେ ସୁହାନାଙ୍କ ମା' ଏବଂ ଶାହରୁଖଙ୍କ ପୂର୍ବତନ ପ୍ରେମିକା ଭାବେ ଦୀପିକାଙ୍କର କେତେକ ସ୍ପେଶାଲ ଆପିଅରାନ୍ସ ଦୃଶ୍ୟ ରହିବ। ପୂର୍ବରୁ ଆସନ୍ତା ମେ'ରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ ଫିଲ୍ମର ସ୍କ୍ରିପ୍ଟକୁ ନେଇ ଶାହରୁଖ ସନ୍ତୁଷ୍ଟ ନ ଥିବାରୁ ବର୍ତ୍ତମାନ ଏହାକୁ ଅପ୍‌ଡେଟ କରାଯାଉଛି। ତେଣୁ ଆସନ୍ତା ଜୁଲାଇରୁ 'କିଙ୍ଗ' ଫିଲ୍ମର ଶୁଟିଂ ଆରମ୍ଭ ହେବା ସହ ୨୦୨୬ରେ ଏହା ରିଲିଜ୍ ହେବ ।



ଅର୍ଶଦ ୱାର୍ସି

ଧରିତ୍ରୀ
DHARITRI
ଧରିତ୍ରୀ 51 Years



## ରେଳଲାଇନ୍ ନିର୍ମାଣକୁ ବିରୋଧ | ପୋଲିସ-ଜନତା ଖଣ୍ଡଯୁଦ୍ଧ

ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଅନ୍ତର୍ଗତ ବନ୍ଧମୁଣ୍ଡା ପଞ୍ଚାୟତର ଡୁମେର୍ତ୍ତା ରେଳଷ୍ଟେଶନରୁ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଯାଏ ହେଉଥିବା ରେଳ ଲାଇନ୍ କାମକୁ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଶନିବାର ପୂର୍ବାହ୍ନ ୧୧ଟାରେ ଏହି କାମ ଆରମ୍ଭବେଳେ ପୋଲିସ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ଏଥିରେ ବରକାନି ଗ୍ରାମର ଏତୋ ଏକ୍କା(୩୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏବଂ ପୋଲିସ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଛି। ଆନ୍ଦୋଳନକାରୀଙ୍କ ସହ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା ପରେ ଉତ୍ତେଜନା ଥମିଛି। କିନ୍ତୁ ଜମିହରାଙ୍କୁ ରୋଜଗାର ଓ କ୍ଷତିପୂରଣ ଦାବିରେ ଆନ୍ଦୋଳନକାରୀମାନେ ମୃତଦେହ ରଖି ଧାରଣା ଦେଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ (ସନ୍ଧ୍ୟା ୭ଟା) ଧାରଣା ଜାରି ରହିଥିଲା। ଅଧିକ ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

### ■ ଜେସିବି ଧକ୍କା ଦେବାରୁ ଯୁବକଙ୍କ ମୃତ୍ୟୁ
### ■ ୧୦ରୁ ଊର୍ଦ୍ଧ୍ୱ ପୋଲିସ, ଅଞ୍ଚଳବାସୀ ଆହତ


ବରକାନିରେ ଉତ୍ତେଜନା ଯୋଗୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ବନ୍ଧମୁଣ୍ଡା/ ରାଉରକେଲା,୧୯।୪ (ସୁବ୍ରତ ଡେ/ ସଙ୍ଗୀତା ଜେନା)

ଡୁମେର୍ତ୍ତାରୁ ଆର୍‌ଏସ୍‌ପି ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ ମାସ ହେଲା ରେଳଲାଇନ୍ ବିଛାକାର୍ଯ୍ୟ ଚାଲିଛି। ଏଥିପାଇଁ ୨୦୦୬ରୁ ଜମି ହରାଇଥିବା ସ୍ଥାନୀୟ ଅଞ୍ଚଳବାସୀ କ୍ଷତିପୂରଣ ଏବଂ ରୋଜଗାର ଦାବିରେ ରେଳଲାଇନ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଆସୁଥିଲେ। ଶୁକ୍ରବାର ଜିଲା ପ୍ରଶାସନର ଉପସ୍ଥିତିରେ ବରକାନିରେ ଏକ ନୂତନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖବର ପାଇ ଅଞ୍ଚଳବାସୀ ଘଟଣାସ୍ଥଳକୁ ଯାଇ କାମ ବନ୍ଦ କରାଇଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ପୁନର୍ବାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାରୁ ଅଞ୍ଚଳବାସୀ ସେଠାରେ ପହଞ୍ଚି କାର୍ଯ୍ୟ ବନ୍ଦ ପାଇଁ ଦାବି କରିଥିଲେ। ଏହି ସମୟରେ ପୋଲିସ ଏବଂ ଜନତା ମୁହାଁମୁହିଁ ହୋଇଥିଲା। କିଛି ଲୋକ ଜେସିବି ସମ୍ମୁଖରେ ଶୋଇପଡ଼ିଥିଲେ। ଏହି ସମୟରେ ଜେସିବି ଧକ୍କା ଦେବାରୁ ଏତୋ ଏକ୍କାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ଉପରେ ପଥର ମାଡ଼ କରିଥିଲେ। ସେମାନେ ପୋଲିସ ସହ ଧସ୍ତାଧସ୍ତି ହେବା ସହ ପୋଲିସ ଗାଡିକୁ ଓଲଟାଇ ଦେଇଥିଲେ। ପଥର ମାଡ଼ରେ ବିଶ୍ରା ସହକାରୀ ତହସିଲଦାର ପୁରୁଷୋତ୍ତମ ନାୟକ, ପୋଲିସ କନ୍‌ଷ୍ଟେବଲ ମନୋରଞ୍ଜନ ଦାସ, ରାଜେଶ ମହାରଣା, ଜେସିବି ଚାଳକ ସାମୁଏଲ ମାସିଙ୍କ ସମେତ ପୋଲିସ କର୍ମୀମାନେ ଆହତ ହୋଇଥିଲେ। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଏବଂ ପାନପୋଷ ଉପଜିଲାପାଳ ବିଜୟ ନାୟକ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। କିନ୍ତୁ ଜେସିବି ଧକ୍କାରେ ଯୁବକଙ୍କ ମୃତ୍ୟୁ ଖବର ପ୍ରଚାରିତ ପରେ ଅଧିକ ସଂଖ୍ୟାରେ ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହ ଧାରଣା ଦେଇଛନ୍ତି। ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିବା ଯାଏ ମୃତଦେହ ଉଠିବ ନାହିଁ ବୋଲି ସେମାନେ ଅଡ଼ି ବସିଛନ୍ତି। ଅନ୍ୟପକ୍ଷରେ ଘଟଣାର ପ୍ରତିବାଦରେ ଅଞ୍ଚଳବାସୀ ରବିବାର ୧୨ ଘଣ୍ଟିଆ ବନ୍ଧମୁଣ୍ଡା ବନ୍ଦ ଡାକରା ଦେଇଛନ୍ତି।

**ଆଜିର ସମ୍ପାଦକୀୟ**
ଚାଇନା ଆଗକୁ ବଢୁଛି

## କୁପୋଷଣମୁକ୍ତ ଓଡ଼ିଶା ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)

ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଓଡ଼ିଶାକୁ କୁପୋଷଣ ମୁକ୍ତ କରିବା ଆମର ପ୍ରାଥମିକତା। ଏଥିପାଇଁ ଅନେକ ଫଳପ୍ରଦ ଯୋଜନା କରାଯାଇଛି। ଏହାର ସଫଳତା ପାଇଁ ସାମୂହିକ ସଚେତନତା ଜରୁରୀ। ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ରାଜ୍ୟ ସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିବା ସହ ପୋଷଣ ଅଭିଯାନକୁ ସଫଳ କରି ସୁସ୍ଥ ମାନବ ସମ୍ବଳ ତିଆରି କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଲକ୍ଷ୍ମୀସାଗର-ଝାରପଡ଼ା ସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ଏକ ନୂତନ ହଷ୍ଟେଲ ସହିତ ଏକ ଲାଇବ୍ରେରୀ ହଲ୍ ଏବଂ ଅଙ୍ଗନୱାଡି ଟ୍ରେନିଂ ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ପୂଜ୍ୟପୂଜା ପରମ୍ପରାକୁ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ଏହି ପ୍ରତିଷ୍ଠାନର ୮ଟି ବିଲ୍‌ଡିଂକୁ ଓଡ଼ିଶାର ମହୀୟସୀ ମହିଳାଙ୍କ ନାମରେ ନାମିତ କରିବା ପାଇଁ ଘୋଷଣା କରିଛନ୍ତି। ଏହାସହ ପ୍ରତିଷ୍ଠାନର କନ୍‌ଫରେନ୍‌ସ ହଲ୍‌କୁ ରମାଦେବୀ ସମ୍ମିଳନୀ କକ୍ଷ ନାମରେ ନାମିତ କରି ଏହାର ପରିଧିକୁ ବୃଦ୍ଧି କରିବାକୁ ମଧ୍ୟ ଘୋଷଣା କରିଛନ୍ତି। ଏହି ପ୍ରତିଷ୍ଠାନର ଅଡିଟୋରିୟମ୍ ହଲ୍‌କୁ ସରଳା ଦେବୀ ପ୍ରେକ୍ଷାଳୟ, ଲାଇବ୍ରେରୀ ହଲ୍‌କୁ କମଳା ପୂଜାରୀ


ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ନୂତନ ହଷ୍ଟେଲକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**ରାଜ୍ୟସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ**

**ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନର ୮ ବିଲ୍ଡିଂ ୮ ମହୀୟସୀ ମହିଳାଙ୍କ ନାମରେ ନାମିତ**

ଗ୍ରନ୍ଥାଗାର, ଅଙ୍ଗନୱାଡି ଟ୍ରେନିଂ ସେଣ୍ଟରକୁ ଶୈଳବାଳା ଦାସ ପ୍ରଶିକ୍ଷଣ କକ୍ଷ, ନୂଆ ହଷ୍ଟେଲକୁ ମାଳତୀ ଚୌଧୁରୀ ନିବାସ, ଅଙ୍ଗନୱାଡି କର୍ମୀ ହଷ୍ଟେଲକୁ ବାଙ୍ଗରା ଦେବୀ ନିବାସ ଏବଂ ଗେଷ୍ଟ ହାଉସ୍‌କୁ ଗୁରୁବାରୀ ଜାନୀ ଅତିଥି ଭବନ ନାମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୦୦ କୋଟି ଟଙ୍କା ଅନୁଦାନରେ 'ଓଡ଼ିଶା ପୁଷ୍ଟି ମିଶନ' ମଧ୍ୟ ପ୍ରତିଷ୍ଠା କରାଯିବ। ପୋଷଣ ଅଭିଯାନରେ ମହିଳା ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବାପାଇଁ ଚଳିତବର୍ଷ ବଜେଟରେ ୨୮୪ କୋଟି ଟଙ୍କା ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ଦୁଇଟି କନ୍ୟା ସନ୍ତାନ ପାଇଁ ସହାୟତା ରାଶିକୁ ୧୦ ହଜାର ଟଙ୍କାରୁ ୧୨ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ସବୁ ପଦକ୍ଷେପ ଓଡ଼ିଶାର ପିଲାମାନଙ୍କର ପୋଷଣରେ ଉନ୍ନତି ଆଣିବ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ନିଜେ ନିଜର ପୋଷକତତ୍ତ୍ୱକୁ ଠିକ୍ ରଖିବା ସହିତ ସମାଜ ପାଖରେ ପହଞ୍ଚାଇପାରିଲେ ଏକ ସୁସ୍ଥ ଓ ବିକଶିତ ଓଡ଼ିଶା ଆମେ ଗଠନ କରିପାରିବା। ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି, ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସୂଚକାଙ୍କରେ ଉନ୍ନତି ନ ଆସିଲେ ଦାରିଦ୍ର୍ୟ ହ୍ରାସ ହେବନାହିଁ। ପୋଷଣ ପକ୍ଷ ପାଳନ ଅବସରରେ ଏ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ପୁରୀ, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓପିଟିସିଏଲ୍ ଶ୍ରମିକ କର୍ମଚାରୀ ସଂଘର ସପ୍ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଦି ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ ଛକ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଲେଖିକା ସଂସଦର ୩୨ତମ ବାର୍ଷିକ ଉତ୍ସବ ଓ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରେଲୱେ ଘରୋଇକରଣ ବିରୋଧରେ ଏବଂ ରେଳଯାତ୍ରୀଙ୍କ ନିରାପତ୍ତା ଦାବିରେ ବିକ୍ଷୋଭ, ସ୍ଥାନ: ରେଳଷ୍ଟେଶନ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର 'ଗୋପୀନାଥଙ୍କ ସାହିତ୍ୟ ସମ୍ଭାର', ସ୍ଥାନ: ସମିତି କାର୍ଯ୍ୟାଳୟ ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ୍ ନିକଟ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୩୪ତମ ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୪ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ, ବିନ୍ଦୁସାଗର ନିକଟ, ପୁରୁଣା ଭୁବନେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ମାରୱାଡ଼ି ଯୁବ ମଞ୍ଚର ବାର୍ଷିକ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତାଙ୍କ ଶପଥଗ୍ରହଣ ଉତ୍ସବ, ସ୍ଥାନ: ଲା ଫିଏଷ୍ଟା କନ୍‌ଭେନଶନ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମା' ଶୀତଳା ଓ ତାରିଣୀ ମାତାଙ୍କ ପୂଜା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ:ୟୁନାଇଟେଡ୍ କ୍ଲବ ପ୍ରାଙ୍ଗଣ, ଦୁବଲାଗଡ଼ି, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ସାର୍ବଜନୀନ ଚଉଦମାଦଳ ମହୋତ୍ସବର ଉଦ୍‌ଯାପନୀ ଦିବସ,ସ୍ଥାନ:ଜହତା ଶିବ ମନ୍ଦିର ପଡ଼ିଆ, ରୂପ୍‌ସା,ସମୟ: ଦିବସବ୍ୟାପୀ।
- ପ୍ଲାଟିନମ୍ ଜୟନ୍ତୀର ତୃତୀୟ ଦିବସ,ସ୍ଥାନ:ଶମ୍ଭୁନାଥ ସରକାରୀ ହାଇସ୍କୁଲ, ବସ୍ତା,ସମୟ:ଦିବସବ୍ୟାପୀ।
- ମା' ପଶ୍ଚିମା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ,ସ୍ଥାନ:ଛଚିନ୍ଦା, ସିମୁଳିଆ,ସମୟ: ଦିବସବ୍ୟାପୀ।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ:ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ, ବାଲେଶ୍ୱର,ସମୟ:ସକାଳ ୯ ଟା।
- ମନାର ନବମ ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ,ସ୍ଥାନ:ଏସିପିଏଲ୍ ସଭାଗୃହ, ଭାସ୍କରଗଞ୍ଜ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଉଦ୍‌ଯାପନୀ ଦିବସ.ସ୍ଥାନ:ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- ବରଦା ଭଗବତୀ ଉଚ୍ଚବିଦ୍ୟାପୀଠ ରଜତ ଜୟନ୍ତୀ ଉତ୍ସବର ଅନ୍ତିମ ଦିବସ,ସ୍ଥାନ:ସ୍କୁଲ ପରିସର, ଖଇରା,ସମୟ:ସନ୍ଧ୍ୟା ୭ଟା।

## ଭଦ୍ରକ

- 'ସ୍ରଷ୍ଟା ଓ ସୃଷ୍ଟି'ର ପ୍ରତିଷ୍ଠା ଉତ୍ସବ ଓ ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ଛକ, ବାସୁଦେବପୁର, ସମୟ: ସକାଳ ୮ଟା।
- ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: କୁଆଁସ ନିତ୍ୟାନନ୍ଦ ଭବନ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ପ୍ରାନ୍ତୀୟ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ: ଓକିଲ ସଂଘ ମିଟିଂ ହଲ୍, ଭଦ୍ରକ ପୁରୁଣାକୋର୍ଟ, ସମୟ: ସକାଳ ୯ଟା।
- ସତ୍ୟସାଇ ସେବା ସମିତିର ରକ୍ତଦାନ ଶିବିର, ସ୍ଥାନ: ଚାନ୍ଦବାଲି ଭେଙ୍କଟେଶ୍ୱର ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ପାଳିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବୈଷ୍ଣବାନନ୍ଦ ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ବାରବାଟିଆ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ଗଗନ ଗୁରୁଜୀଙ୍କ ପ୍ରବଚନ, ସ୍ଥାନ: ମା' ପରମ ବୈଷ୍ଣବୀଙ୍କ ମନ୍ଦିର, ସାବରଙ୍ଗ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହରୀ ନାମଯଜ୍ଞ, ନାମ ସଂକୀର୍ତ୍ତନ, ସ୍ଥାନ: ବଡ଼ ରମ୍ଭାସ, ଛେନାପଦି, ସମୟ: ସକାଳ ୬ ଟା।
- ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ବଞ୍ଚୋ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସଦର ବ୍ଲକ୍ ଶଙ୍କରପୁର୍ ଷ୍ଟାଡ଼ିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆର୍‌ଏସ୍‌ଏସ୍‌ର ଜିଲାସ୍ତରୀୟ ସମାବେଶ, ସ୍ଥାନ: କେନ୍ଦୁଝର ଷ୍ଟାଡ଼ିୟମ, ସମୟ: ସନ୍ଧ୍ୟା ୫ ଟା।

## ମୟୂରଭଞ୍ଜ

- ଶନିଦେବଙ୍କ ପୀଠରେ ବାର୍ଷିକ ଉତ୍ସବ, ସ୍ଥାନ: ୱାଲିଗଞ୍ଜ ବାରିପଦା, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍, ସ୍ଥାନ: ବାରିପଦା ଇନ୍‌ଡୋର ଷ୍ଟାଡିୟମ୍, ସମୟ: ସକାଳ ୯ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବନ୍ଧନ କଲ୍ୟାଣ ମଣ୍ଡପ, ବେତନଟୀ, ସମୟ: ସକାଳ ୯ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ୍ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ରାଜ୍ୟ କଂଗ୍ରେସ ସଭାପତିଙ୍କ ଜିଲା ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବଳାଙ୍ଗୀ ମହୋତ୍ସବର ଉଦଯାପନୀ, ସ୍ଥାନ: ବୁଢାରାଉଳ ମଠ ସନ୍ନିକଟ, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ନାଟ୍ୟ ମହୋତ୍ସବର ନାଟକ 'ମଞ୍ଚମାୟା', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୬ଟା ।

## କନ୍ଧମାଳ

- ଏକ ଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ, ସ୍ଥାନ: କ. ନୂଆଗାଁ ଦିବ୍ୟ ଜୀବନ ସଂଘ,ସମୟ: ସକାଳ ୯ଟା।

## ଗଜପତି

- ସମବାୟ ପ୍ରଚାର ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮.୩୦।

## ଢେଙ୍କାନାଳ

- ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ରାଜ୍ଯସ୍ତରୀୟ ଯୁବ ଲେଖକ ସମାବେଶ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ସମୟ: ସକାଳ ୯ଟା।
- ୪ର୍ଥ ଅଧିକାରୀ ସାମଲ ଦିବାପାତ୍ର କ୍ରିକେଟ ଉଦଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟଷ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଗଣପତି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଝରା,ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ସ୍ମୃତି କମିଟି ପକ୍ଷରୁ ରାଜନେତା ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକ ସମାରୋହ, ସ୍ଥାନ: ଗୋପାଳପୁର, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ସ୍ୱପ୍ନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଉତ୍ସବ : ସ୍ଥାନ : ଧର୍ମଶାଳା ବ୍ଲକ, ମହିଶରା ପଞ୍ଚାୟତ ବାଟୀଜୋଡ଼ାସ୍ଥିତ ବିଦ୍ୟାଳୟ ପରିସର, ସମୟ : ସକାଳ ୭ଟା ।

## ନୟାଗଡ଼

- ନିଆଳି କୈବର୍ତ୍ତ ସମାଜର ବାର୍ଷିକୋତ୍ସବ, ସ୍ଥାନ: ଭାପୁର ବ୍ଲକର ଗୋଳାପୋଖରୀ ଖେଳପଡିଆ, ସମୟ:ଅପରାହ୍ନ ୩ଟା।
- ଜିଲାସ୍ତରୀୟ ବ୍ୟାଡ୍ ମିଣ୍ଟନ ଟୁର୍ନାମେଣ୍ଟ ଓଡ଼ଗାଁ କପର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଓଡ଼ଗାଁ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ପଣା ସଂକ୍ରାନ୍ତି ଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷିଣକାଳୀଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ୧୫ ତମ ଦିବସରେ ସୀତା ଠାବ, ରାବଣ ଛତ୍ର ଛେଦନ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା ।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ଶ୍ରୀରାମ ବିଳାପ, ସୁଗ୍ରୀବ ଭେଟ ଓ ବାଳିବଧ, ସ୍ଥାନ: ଗଣିଆ ଯାତ୍ରା ପଡିଆ, ସମୟ: ରାତି ୧୦ଟା।

## ରାୟଗଡ଼ା

- ସୌର୍ଯ୍ୟ ଜାଗରଣ ଯାତ୍ରା ଅବସରରେ ନଗର ପରିକ୍ରମା, ସ୍ଥାନ: ରାୟଗଡ଼ା ରାମ ମନ୍ଦିରରୁ କୃଷ୍ଣ ମନ୍ଦିର, ସମୟ: ସନ୍ଧ୍ୟା ୪ଟା।

## କୋରାପୁଟ

- ନାଲ୍‌କୋ ଏସ୍‌ସି/ଏସ୍‌ଟି କର୍ମଚାରୀ ସଂଘର ନିର୍ବାଚନ, ସ୍ଥାନ: ସେକ୍ଟର-୨ ସଂଘ କାର୍ଯ୍ୟାଳୟ, ନାଲକୋ ଟାଉନଶିପ, ଦାମନଯୋଡ଼ି, ସମୟ: ସକାଳ ୭ଟା।
- ମହିଳା ମହାସଂଘର ରକ୍ତଦାନ ଶିବିର, ସ୍ଥାନ: ମହାସଂଘ କାର୍ଯ୍ୟାଳୟ, ସୁନାବେଡା-୧, ସମୟ: ସକାଳ ୯ଟା।
- ଓଡ଼ିଶା ଅମଲା ସଂଘର ସ୍ୱାଗତ ସମ୍ବର୍ଦ୍ଧନା ସଭା, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ:ପୂର୍ବାହ୍ନ ୧୧ଟା।
- ରଣା ସମାଜ ବିକାଶ ପରିଷଦର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: କୋରାପୁଟ ବ୍ଲକ୍ ମହାଦେଇପୁଟ, ସମୟ: ମଧ୍ୟାହ୍ନ ୧୨ଟା।
- ଉରୁଷ ପର୍ବ ପାଳନ, ସ୍ଥାନ: ଜାମମସ୍‌ଜିଦ୍, କୋଟପାଡ଼, ସମୟ: ଅପରାହ୍ନ ୫ଟା।
- ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

## ମାଲକାନଗିରି

- ପ୍ରମୋଦ ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ବାଲିମେଲା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣ ଯାହା ଆଶା କରିଛନ୍ତି ଆଜି ତାହା ସୁବିଧାରେ ପାଇଯିବେ । ଅଶ୍ୱିନୀ ନକ୍ଷତ୍ର ସକାଶେ ବାଣିଜ୍ୟ ଓ ନିର୍ମାଣ ତଥା ପରିବହନ ସମସ୍ୟାଯୁକ୍ତ ରହିବ। କେତେକ କ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ସହ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହୋଇପାରେ। ଅର୍ଥ ସମ୍ପର୍କିତ କାମକୁ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା ହାସଲ କରିପାରିବେ।

**ବୃଷ** ପରିସ୍ଥିତି ଯାହା ହୋଇଥାଉନା କାହିଁକି, ସମୟ ସ୍ରୋତରେ ଅନ୍ୟମାନଙ୍କ ପ୍ରେରଣାରେ ଆଗକୁ ମାଡ଼ି ଚାଲିବେ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। କୃତ୍ତିକା ନକ୍ଷତ୍ରର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ମିଥୁନ** ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ମନ୍ଦ ନ ଥିବାରୁ ଅସମ୍ପୂର୍ଣ୍ଣ କାର୍ଯ୍ୟ ବଢ଼ିଚାଲିବ। ମୃଗଶିରା ନକ୍ଷତ୍ର ଯୁକ୍ତିଯୁକ୍ତ କଥା କହି ପ୍ରତ୍ୟେକ କ୍ଷେତ୍ରକୁ ସାଧାରଣ ଅବସ୍ଥାକୁ ଆଣିବାରେ ସମର୍ଥ ହେବେ। ପରିବହନ, ପ୍ରଶାସନ, ରାଜନୀତି ଓ ଆନୁଷ୍ଠାନିକ କାମ ଉନ୍ନତମାନର ରହିବ।

**କର୍କଟ** ଧନାଧିପ ରବି କର୍ମଭାବସ୍ଥ ଯୋଗୁ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ ସାଙ୍ଗକୁ ବୈଷୟିକ ଅଭିବୃଦ୍ଧି ଘଟିବ। ପୁନର୍ବସୁ ନକ୍ଷତ୍ର ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନାହିଁ। ଦ୍ୱାଦଶସ୍ଥାନ ପ୍ରତି ଶନିଙ୍କ ଦୃଷ୍ଟି ହେତୁ ଅର୍ଥହାନି ଘଟିପାରେ। ଭୁଲ୍ ବୁଝାମଣାଜନିତ ବନ୍ଧୁଙ୍କ ଉପରେ କ୍ରୋଧଜନିତ ଅନର୍ଥ ଓ ଶତ୍ରୁତାର ଆଶଙ୍କା ରହିଛି।

**ସିଂହ** ରବିଙ୍କ ପ୍ରସାଦରୁ ଅଟକି ରହିଥିବା କାମଟି ସମ୍ମାନର ସହ ହଠାତ୍ ହୋଇଯିବ। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଯୋଗୁ ମନ ଖୁସି ରହିବ। ମଘା ନକ୍ଷତ୍ର ସକାଶେ ସାମଜିକ ସ୍ତରରେ ବିରୋଧୀମାନେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରନ୍ତି। ଜମିଜମା, ନିର୍ମାଣ, ଆଇନ, ଅଦାଲତ କ୍ଷେତ୍ର ପାଇଁ ସ୍ଥିତି ମଧ୍ୟମ ପ୍ରକାର ରହିବ।

**କନ୍ୟା** ଦୀର୍ଘଦିନର ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଆଜି ଯାନବାହନ, ବିବାଦୀୟ ସ୍ଥାନ, ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର କାରିଗରି, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା** ବୃହସ୍ପତିଙ୍କ ବିପରୀତ ରାଜଯୋଗ ପ୍ରଭାବରେ ପୂର୍ବ ସ୍ଥିରୀକୃତ ଯୋଜନାନୁଯାୟୀ କାର୍ଯ୍ୟାରମ୍ଭ ସଫଳତାପ୍ରାପ୍ତ ହେବ। ଖର୍ଚ୍ଚଭାର ବୃଦ୍ଧି ପାଇଲେ ମଧ୍ୟ ଆବଶ୍ୟକ ଅର୍ଥ ପାଇବାରେ ଅସୁବିଧା ହେବ ନାହିଁ। ଆଜିର ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ସାହିତ୍ୟରେ ସମସ୍ୟା ବିଳମ୍ବରେ ସମାଧାନ ହେବ। ଶିଳ୍ପ, ବାଣିଜ୍ୟ ଓ ପ୍ରଶାସନିକ ସ୍ତରରେ ସୁଫଳ ପାଇପାରିବେ।

**ବିଛା** ଆଜି ଅଷ୍ଟମାଧିପତି ଦ୍ୱିତୀୟସ୍ଥ ଯୋଗୁ ବିବାଦୀୟ କଥାରେ ପାରିବାରିକ ଅଶାନ୍ତି ସୃଷ୍ଟିହେବ। ଅନୁରାଧା ନକ୍ଷତ୍ରର କ୍ରୀଡ଼ା, କଳା, ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ବାଣିଜ୍ୟ ଓ ପରିବହନରେ ଉନ୍ନତି ସୂଚନା ରହିଛି। କଳା, ସାହିତ୍ୟ ସଙ୍ଗୀତ ଓ କ୍ଷେଶନାରି ଜିନିଷ ବ୍ୟବସାୟରେ ଲାଭବାନ୍ ହେବେ।

**ଧନୁ** ଚତୁର୍ଥ ଭାବସ୍ଥ ଚତୁଃଗ୍ରହଙ୍କ ସ୍ଥିତି ପ୍ରଭାବରୁ ପାରିବାରିକ ସମସ୍ୟା ଜଟିଳ ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ନିକଟସ୍ଥ ପଡ଼ୋଶୀମାନଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପୂର୍ବରୁ ପରଖିନେବା ଭଲ ହେବ। ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**ମକର** ଆଜି କଲ୍ୟାଣଚନ୍ଦ୍ର ଯୋଗୁ ପ୍ରତ୍ୟୁଷରେ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଉପର ଅଧିକାରୀ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ରପ୍ତାନୀ କାରବାର, ଏଜେନ୍ସି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଶ୍ରବଣା ନକ୍ଷତ୍ର ଜାତ ବ୍ୟକ୍ତି ଆନୁଷ୍ଠାନିକ କାମରେ ସମ୍ମାନିତ ହେବେ।

**କୁମ୍ଭ** ଆଜି ଯେତେ ଭଲ କାମ କଲେ ମଧ୍ୟ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ସମାଲୋଚିତ ହେବେ। ଧନିଷ୍ଠା ନକ୍ଷତ୍ର ଜଣେ ବନ୍ଧୁଙ୍କୁ ଅନୁରୋଧକରି ସମସ୍ୟା ସମାଧାନର ଚେଷ୍ଟା କରିବେ। ମାଲିମକଦ୍ଦମା, ଜମିଜମା, ଅର୍ଥନୈତିକ କାର୍ଯ୍ୟ, ଭ୍ରମଣ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ୍ୟ କରିବାର ସମ୍ଭାବନା ରହିଛି।

**ମୀନ** ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ଆନୁଷ୍ଠାନିକ କର୍ମ ଭିତିରେ ଗୁରୁଦାୟିତ୍ୱ ବହନ କରିବେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ ହେବ। ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତ୍ରଣ ପାଇ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

ଆଜି ଏପ୍ରିଲ ୨୦ତାରିଖ, ଇଷ୍ଟର ରବିବାର, ବୈଶାଖ କୃଷ୍ଣ ସପ୍ତମୀ ରବିବାର। ରାଶି ନକ୍ଷତ୍ର- ଦିବା ଘ.୧୧।୪୭ ମି. ଗତେ ଉତ୍ତରାଷାଢ଼ା/ ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫।୨୮ ଗତେ, ଘ.୦୯।୪୦ ମଧ୍ୟେ , ଘ.୦୧।୧୯ ଗତେ, ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୪।୨୮ ଗତେ, ଘ.୦୬।୦୨ ମଧ୍ୟେ ରାହୁକାଳ।

# ଠାଣେକରଙ୍କ ପକ୍ଷରୁ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ନାଗରିକ ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୯।୪: (ଅଭୟ ଦାଶ)

ପୀତାମ୍ବରୀ ଶିଳ୍ପ ଗୋଷ୍ଠୀର ପରିଚାଳନା ନିର୍ଦ୍ଦେଶକ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ନିକଟରେ ପୁଣେର ତିଳକ ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ଡି. ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ର ଠାଣେର ନାଗରିକ ଅନୁଗ୍ରହ କମିଟି ଦ୍ୱାରା ଡ. କାଶୀନାଥ ଘନେକର ଥିଏଟରଠାରେ ଏକ ସ୍ୱତନ୍ତ୍ର ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ଠାଣେର ନାଗରିକ ଅନୁଗ୍ରହ କମିଟି ଦ୍ୱାରା ଡକ୍ଟର କାଶୀନାଥ ଘନେକର ଥିଏଟରଠାରେ ତାଙ୍କର ନାଗରିକ ସମ୍ବର୍ଦ୍ଧନା ଆୟୋଜିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ପରମାଣୁ ବୈଜ୍ଞାନିକ ପଦ୍ମ ବିଭୂଷଣ ଡ. ଅନିଲ କାକୋଡକର, ଅଧ୍ୟାପକ ଡ. ସଚ୍ଚିଦାନନ୍ଦ ଶେଭଡେ, ଚିତାଲେ ଶିଳ୍ପ ଗୋଷ୍ଠୀର ପ୍ରମୁଖ ଶ୍ରୀକୃଷ୍ଣ ଚିତାଲେଙ୍କ ସମେତ ବିଧାୟକ ସଞ୍ଜୟ କେଲକର, ବିଧାୟକ ନିରଞ୍ଜନ ଦାଭଖରେ ପ୍ରମୁଖ ଉପସ୍ଥିତ ଥିଲେ। ଏପରି କି ବିଭିନ୍ନ ବ୍ୟବସାୟ କ୍ଷେତ୍ର, ଏନ୍‌ଜିଓ ଇତ୍ୟାଦିର ଦର୍ଶକଙ୍କ ଉପସ୍ଥିତିରେ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ପୁଣେରୀ ପଗଡ଼ି ଏବଂ ପ୍ରଶଂସାପତ୍ର ସହ ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କ ଡକ୍ଟରେଟ୍ ଗ୍ରହଣ ସମ୍ପର୍କରେ ତାଙ୍କୁ ପଠାଇଥିବା ବାର୍ତ୍ତା ମଞ୍ଚରୁ ପାଠ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ପୀତାମ୍ବରୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ଶିଳ୍ପକ୍ଷେତ୍ରରେ ତାଙ୍କର ଚମତ୍କାର ସଫଳତା ଏବଂ ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପୁଣେର ତିଳକ ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ପ୍ରତି ଡି. ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି।

ଏ ନେଇ ରବନ୍ଦ୍ର ପ୍ରଭୁଦେଶାଇ କହିଥିଲେ, ମୁଁ ପାଇଥିବା ଏହି 'ଡକ୍ଟରେଟ୍' ଡିଗ୍ରୀକୁ ପୀତାମ୍ବରୀ ଇଣ୍ଡଷ୍ଟ୍ରିଜକୁ ସମର୍ଥନ କରୁଥିବା ପ୍ରତ୍ୟେକ ସଂଗଠନକୁ ମୁଁ ହୃଦୟର ସହିତ ଉତ୍ସର୍ଗ କରୁଛି। ବିଶେଷକରି ଦେଶୀ ଗାଈର ସୁସ୍ଥ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ ଏବଂ ପୀତାମ୍ବରୀଙ୍କ 'ଗୋମୂତ୍ର' କ୍ୟାପସୁଲର ଉତ୍ପାଦନ ଏବଂ ପ୍ରଭାବ ବିଷୟରେ ସୂଚନା ଦେଇଥିଲେ।

ଭବିଷ୍ୟତରେ ପୀତାମ୍ବରୀଙ୍କ 'ଗୋମୂତ୍ର' ଉପରେ ସେ ଅଧିକ ଗବେଷଣା ଆବଶ୍ୟକ ବୋଲି ମତ ମଧ୍ୟ ପ୍ରକାଶ କରିଥିଲେ। ସେ ଏହା ମଧ୍ୟ କହିଥିଲେ, ସଚ୍ଚିଦାନନ୍ଦ ପରଂବ୍ରହ୍ମ ଡ. ଜୟନ୍ତ ଆଠୱଲେଙ୍କ ମାର୍ଗଦର୍ଶନ ଏବଂ ସନାତନ ସଂସ୍ଥାର ମାର୍ଗଦର୍ଶକ ନୀତି ଅନୁସାରେ ଗୁରୁକୃପା ଯୋଗ ଅନୁସାରେ ସାଧନା କିପରି ପୀତାମ୍ବରୀଙ୍କୁ ତାଙ୍କର ବୃତ୍ତିଗତ ଅଭିବୃଦ୍ଧିରେ ସାହାଯ୍ୟ କରିଥିଲା ସେ ବିଷୟ ସେ କହିଥିଲେ।

# ଆଜିଠୁ କଳିଙ୍ଗ ସୁପର କପ୍

ଭୁବନେଶ୍ୱର,୧୯।୪(ଅନାଦି କର)

ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ରବିବାରଠାରୁ ଆରମ୍ଭ ହେବାକୁଯାଉଛି କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଇଷ୍ଟ ବେଙ୍ଗଲ ଓ କେରଳ ବ୍ଲାଷ୍ଟର୍ସ ମୁହାଁମୁହିଁ ହେବେ। ଏହି ପ୍ରତିଯୋଗିତାରେ ଭାଗନେଉଥିବା ୧୫ଟି ଦଳ ଟ୍ରଫି ଓ ଆଗାମୀ ସିଜନର ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨ରେ ଉପଲବ୍ଧ ଥିବା ଏକମାତ୍ର ସ୍ଥାନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବେ। ଘରୋଇ ଦଳ ଓଡ଼ିଶା ଏଫ୍‌ସି ଗତବର୍ଷ ଫାଇନାଲରେ ଇଷ୍ଟ ବେଙ୍ଗଲ ଏଫ୍‌ସିଠାରୁ ୩-୨ ଗୋଲରେ ପରାସ୍ତ ହୋଇ ରନରଅପ ରହିଥିଲା। ଗତ ସଂସ୍କରଣରେ ଏହି ଟ୍ରଫି ସହ ଜାତୀୟ ଟାଇଟଲ ଲାଗି ଇଷ୍ଟ ବେଙ୍ଗଲର ୧୨ ବର୍ଷର ଅପେକ୍ଷା ଶେଷ ହୋଇଥିଲା। ଏଥର ଦଳ ତା'ର ଟାଇଟଲକୁ ସମାନ ଭେନ୍ୟୁରେ ଡିଫେଣ୍ଡ କରିବାକୁ ଲକ୍ଷ୍ୟ ରଖିଛି। ଇଷ୍ଟ ବେଙ୍ଗଲ ୨୦୦୯-୧୦ ଓ ୨୦୧୦ରେ ଲଗାତର ଫେଡେରେଶନ କପ୍ ଜିତିଥିବାବେଳେ କେରଳ ବ୍ଲାଷ୍ଟର୍ସ ଜାତୀୟସ୍ତରରେ ତା'ର ପ୍ରଥମ ଟ୍ରଫି ଅପେକ୍ଷାରେ ରହିଛି। ଉଭୟ ଦଳ ଇଣ୍ଡିଆନ ସୁପର ଲିଗ୍‌ରେ ଆଶାନୁଯାୟୀ ପ୍ରଦର୍ଶନ କରି ନ ପାରି ପଏଣ୍ଟ ଟେବୁଲରେ ଯଥାକ୍ରମେ ନବମ ଓ ଅଷ୍ଟମ ସ୍ଥାନରେ ରହିଥିଲେ। ଏହି ମ୍ୟାଚ୍‌ର ବିଜେତା ମୋହନ ବାଗାନ ସୁପର ଜାଏଣ୍ଟ୍‌କୁ ଭେଟିବେ। ଆଇ-ଲିଗ୍ କ୍ଲବ ଚର୍ଚ୍ଚିଲ ବ୍ରଦର୍ସ ଟୁର୍ନାମେଣ୍ଟରୁ ଓହରିଯିବାରୁ ମୋହନ ବାଗାନ ବାଇ ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆସନ୍ତା ୨୬ ତାରିଖରେ ଖେଳାଯିବ। ଏପ୍ରିଲ ୨୧ ତାରିଖରେ ୨୦୧୯ ସଂସ୍କରଣର ଚାମ୍ପିୟନ ଏଫ୍‌ସି ଗୋଆ ଓ ଗୋକୁଲମ କେରଳ ଏଫ୍‌ସି ପରସ୍ପରକୁ ଭେଟିବେ। ଗତ ଦୁଇ ସଂସ୍କରଣରେ ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିପାରି ନ ଥିବା ଗୋଆ ଏଥର ଟ୍ରଫି ସହ ୨୦୨୧ ପରେ ଦ୍ୱିତୀୟଥର ପାଇଁ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ରେ ଖେଳିବା ଲକ୍ଷ୍ୟରେ ରହିଛି। ସେହିଭଳି ଗୋକୁଲମ କେରଳ ୨୦୨୨ ପରେ ଏଏଫ୍‌ସି କପ୍‌ରେ ଖେଳିବା ଉଦ୍ଦେଶ ରଖିଛି। କିନ୍ତୁ ଏହି ଦଳ କଦାପି କଳିଙ୍ଗ ସୁପର କପ୍‌ରେ ରାଉଣ୍ଡ ଅଫ୍-୧୬ ଅତିକ୍ରମ କରିପାରିନାହିଁ। ଗତ ଦୁଇ ସଂସ୍କରଣରେ ଗୋକୁଲମ ଟୁର୍ନାମେଣ୍ଟରେ ଗୋଟିଏ ବି ମ୍ୟାଚ୍ ନ ଜିତି ଅଭିଯାନ ଶେଷ କରିଥିଲା।



ସୋମବାର ପଞ୍ଜାବ ଏଫ୍‌ସିକୁ ଆୟୋଜକ ଘରୋଇ ଫେଭରାଇଟ ଓଡ଼ିଶା ଏଫ୍‌ସି ଭେଟିବେ। ୨୦୨୩ ସଂସ୍କରଣର ଚାମ୍ପିୟନ ଓ ୨୦୨୪ ସଂସ୍କରଣର ରନରଅପ୍ ଓଡ଼ିଶା ଏଫ୍‌ସି ଲାଗି ଏହା ଫେଭରାଇଟ ଟୁର୍ନାମେଣ୍ଟ। ୨୦୨୩ରେ ପଦାର୍ପଣ କରିଥିବା ପଞ୍ଜାବ ଏଫ୍‌ସି ଏପର୍ଯ୍ୟନ୍ତ କଦାପି ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିପାରିନାହିଁ। ବେଙ୍ଗାଲୁରୁ ଏଫ୍‌ସି ଓ ଇଣ୍ଟର କାଶି ଆସନ୍ତା ୨୩ ତାରିଖରେ ପରସ୍ପରକୁ ଭେଟିବେ। ଏହି ଦୁଇ ଦଳ ଗତ ଦୁଇ ସଂସ୍କରଣରେ ତୃତୀୟଥର ପାଇଁ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଆଇଏସ୍‌ଏଲ୍ ଫାଇନାଲରେ ପରାଜିତ ହୋଇଥିବା ବେଙ୍ଗାଲୁରୁ ଏଫ୍‌ସି ଟୁର୍ନାମେଣ୍ଟକୁ ଦ୍ୱିତୀୟଥର ଜିତିବା ଲକ୍ଷ୍ୟରେ ରହିଛି। ଦଳ ଉଦ୍‌ଘାଟନୀ ୨୦୧୮ ସଂସ୍କରଣରେ ଚାମ୍ପିୟନ ହୋଇଥିଲା।

# ୨୦୩୬ ସୁଦ୍ଧା ଓଡ଼ିଶାର ସର୍ବାଙ୍ଗ ବିକାଶ ହେବ: ମନ୍ତ୍ରୀ ହରିଚନ୍ଦନ




ଭୁବନେଶ୍ୱର,୧୯।୪: (ଅଭୟ ଦାଶ)

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକଦିବସୀୟ ଜାତୀୟ ସମ୍ମିଳନୀ ଶନିବାର ଭୁବନେଶ୍ୱରର ମେ'ଫେୟାର ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ବିକଶିତ ଓଡ଼ିଶା-୨୦୩୬ ପରିକଳ୍ପନା' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ସେହିଭଳି ଉକ୍ତ ସମ୍ମିଳନୀରେ ଅଧ୍ୟକ୍ଷତା କରି ଆଇସିସିର ଅଧ୍ୟକ୍ଷ ରାଜୀବ ସାହୁ କହିଥିଲେ, ବିକଶିତ ଓଡ଼ିଶା ଗଠନ ପାଇଁ ଆଇସିସି ବଦ୍ଧପରିକର। ଏପରି କି ଓଡ଼ିଶା ସରକାରଙ୍କ ସହାୟତାରେ ଆଇସିସି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ୧.୫ ଟ୍ରିଲିୟନରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହା ସହ ଭାରତର ଅର୍ଥନୈତିକ ବିକାଶରେ ମଧ୍ୟ ଆଇସିସି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସାହୁ କହିଥିଲେ।

ଅପରପକ୍ଷରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ୨୦୩୬ ସୁଦ୍ଧା ଓଡ଼ିଶାର ସର୍ବାଙ୍ଗ ବିକାଶ ହେବ, ଏଥିରେ ଦ୍ୱିମତ ନାହିଁ। ଭିତ୍ତିଭୂମି, ଶିଳ୍ପ, କୃଷି ଭଳି ପ୍ରମୁଖ ଦିଗରେ ସଫଳତା ପାଇବାକୁ ଯେଉଁ ପ୍ରକ୍ରିୟା ଜାରି ରହିଛି, ତାହା ଆମେ ଆରମ୍ଭ କରିସାରିଛୁ। ବିଶେଷକରି ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟଠୁ ଆରମ୍ଭ କରି ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାରେ ମଧ୍ୟ କିପରି ଉତ୍କର୍ଷତା ଆସିବ ତାହା ଉପରେ ଆମେ ଯୋଜନା ପ୍ରସ୍ତୁତ କରୁଛୁ। ଆମ ପାଖରେ ଲକ୍ଷ୍ୟ ସ୍ଥିର ଅଛି। ୨୦୩୬ ସୁଦ୍ଧା ପଏଣ୍ଟ ୫ ଟ୍ରିଲିୟନ ୟୁଏସ୍‌ଡି ଅର୍ଥନୀତି ପାଇଁ ଲକ୍ଷ୍ୟ ରଖାଯାଇଛି। ଅର୍ଥ ମନ୍ତ୍ରଣାଳୟ ସଚିବ ନାଗରାଜୁ ମାଦିରାଲା କହିଥିଲେ, ଓଡ଼ିଶାର ଅର୍ଥନୀତି ଉତ୍କୃଷ୍ଟ। ନୀତି ଆୟୋଗର ତଥ୍ୟ ଅନୁସାରେ ଓଡ଼ିଶା ବିକାଶ କରୁଛି। ଓଡ଼ିଶାରେ ବିକାଶର ସମ୍ଭାବନା ଅଛି। ଓଡ଼ିଶାରେ ମାତ୍ର ବ୍ୟାଙ୍କିଙ୍ଗ୍ ସେବାରେ ଅଗ୍ରଗତି ଆବଶ୍ୟକ ରହିଛି। ଆଇସିସି ପକ୍ଷରୁ ଆୟୋଜିତ ହୋଇଥିବା ଏହି ସମ୍ମିଳନୀରେ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବାର ମୁଖ୍ୟ ଯୋଗଦେବା ଦ୍ୱାରା ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅଧିକ ଅଗ୍ରଗତି ଆସିପାରିବ ବୋଲି ସେ କହିଥିଲେ।

ଉନ୍ନୟନ କମିଶନର ଅନୁ ଗର୍ଗ କହିଥିଲେ, ଆସନ୍ତା ୫ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ୧୫ ଲକ୍ଷ ହେକ୍ଟର ବଢ଼ାଇବାକୁ ଯୋଜନା ରଖାଯାଇଛି। ୩୦ଲକ୍ଷ ପର୍ଯ୍ୟଟକ ସଂଖ୍ୟା ବଢ଼ାଇବାକୁ ଆଗ୍ରହ ରହିଛି। ଅର୍ବନାଇଜେଶନ ଡେଭେଲପମେଣ୍ଟ ବା ଉନ୍ନତି ପାଇଁ ବିଭିନ୍ନ ଜିଲାଗୁଡ଼ିକୁ ନେଇ କ୍ଲଷ୍ଟର ପ୍ରସ୍ତୁତ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଏହା ପାଇଁ ପୂରା ଓଡ଼ିଶାରେ ବିଭିନ୍ନ ପ୍ରୋଜେକ୍ଟ କରାଯାଉଛି। ବିକଶିତ ଓଡ଼ିଶା ପାଇଁ ମୋଟ ୪ଟି ବିନ୍ଦୁକୁ ଗୁରୁତ୍ୱ ଦିଆଯାଇଛି। ପ୍ରସ୍‌ପରିଟି ବା ରାଜ୍ୟର ସମୃଦ୍ଧି, ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ଅର୍ଥାତ୍ ସାମଗ୍ରିକ ବିକାଶର ଲକ୍ଷ୍ୟ, କେବଳ ସମୃଦ୍ଧି ଗୋଟିଏ ଜିଲା ବା ସହରରେ ନୁହେଁ, ପୂରା ରାଜ୍ୟରେ ବିକାଶ ନିରନ୍ତର ଭାବେ ହେବ। ପରିଶେଷରେ ଆଇସିସି ଉପାଧ୍ୟକ୍ଷ ନୀଳାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଦେଶର ବିଭିନ୍ନ ପ୍ରମୁଖ ବ୍ୟାଙ୍କର ମୁଖ୍ୟ ଓ ବିଭିନ୍ନ ଶିଳ୍ପର ମୁଖ୍ୟମାନେ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ। ଓଡ଼ିଶା ଆଇସିସି ଆଞ୍ଚଳିକ ମୁଖ୍ୟ ଜେପି ପାଲ ଓ ଆଇସିସିର ଅନ୍ୟ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ୨୦୩୦ ସୁଦ୍ଧା ୧୦ଲକ୍ଷ ହେନ୍ତାଳ ଚାରାରୋପଣ ଲକ୍ଷ୍ୟ





ପୁରୀ ଜିଲା ଅସ୍ତରଙ୍ଗ ଭଡଉଁରିଆ ସେତୁ ନିକଟରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ(ଓପ୍‌ସା) ପକ୍ଷରୁ ଶନିବାର ଆୟୋଜିତ ହେନ୍ତାଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମରେ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଅନ୍ୟମାନେ।

ଦେବୀ ମୁହାଁଣରେ ଅତିଥିମାନେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ହେନ୍ତାଳ ଚାରା ରୋପଣ କରୁଛନ୍ତି।

କାକଟପୁର/ଅସ୍ତରଙ୍ଗ,୧୯।୪ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

- **ଧରିତ୍ରୀ ପକ୍ଷରୁ ଓପ୍‌ସାକୁ ୧ଲକ୍ଷ ଟଙ୍କାର ଅନୁଦାନ ଘୋଷଣା**
- **ବିପର୍ଯ୍ୟୟକୁ ସାମ୍ନା କରିବ ହେନ୍ତାଳ ବନ**

ପୁରୀ ଜିଲା ଅସ୍ତରଙ୍ଗ ଭଡଉଁରିଆ ସେତୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ(ଓପ୍‌ସା), ଅସ୍ତରଙ୍ଗ ସବୁଜ ଶାଖା ଏବଂ 'ଧରିତ୍ରୀ' ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବ ପରିବେଶବିତ୍ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥାଗତ ସତପଥୀ, ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ପରିଡ଼ା, ବିଚିତ୍ରାନନ୍ଦ ବିଶ୍ୱାଳ, ଚାରୁଲତା ବିଶ୍ୱାଳ, ସବୁଜ ଶାଖା ସଭାପତି ରମାକାନ୍ତ ବହିଆ ପ୍ରମୁଖ ଉପସ୍ଥିତ ଥିଲେ। ୨୦୩୦ ସୁଦ୍ଧା ୧୦ ଲକ୍ଷ ହେନ୍ତାଳ ଚାରାରୋପଣ ପାଇଁ ପ୍ରୟାସ ଜାରି ରହିବ ବୋଲି ଯୁବ ପରିବେଶବିତ୍ ବିଶ୍ୱାଳ କହିଛନ୍ତି। ୧୦ଲକ୍ଷ ହେନ୍ତାଳ ଚାରାରୋପଣ ପାଇଁ ଓପ୍‌ସାର ଏହି ମହତ୍ ଲକ୍ଷ୍ୟ ଲାଗି ଧରିତ୍ରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ୧ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି।

ଜଳବାୟୁ ପରିବର୍ତ୍ତନ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷାରେ ଅନିୟମିତତା ଦେଖାଯାଉଛି। ବର୍ଷାଦିନେ ଗରମ ଅନୁଭୂତ ହେବା, ଶୀତଋତୁରେ ଥଣ୍ଡା ହ୍ରାସ ହେବାରୁ ଜଳବାୟୁରେ ଅସମାନତା ସୃଷ୍ଟି ହେଉଛି। ଏହାର କାରଣ ନିରାକରଣ ପାଇଁ ବିଶ୍ୱର ପରିବେଶବିତ୍ ଓ ପାଣିପାଗ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁ ସାମୁଦ୍ରିକ ବାତ୍ୟା ସୃଷ୍ଟିହୋଇ ୩ଶହ କି.ମି. ପର୍ଯ୍ୟନ୍ତ ପବନ ମଧ୍ୟ ଅତୀତରେ ବହିଛି। ୧୯୯୯ ମହାବତ୍ୟା, ୨୦୧୩ ଫାଇଲିନ୍, ୨୦୧୪ ହୁଡ୍‌ହୁଡ୍, ୨୦୧୮ ତିତ୍‌ଲି, ୨୦୧୯ ଫନୀ ଭଳି ସାମୁଦ୍ରିକ ବାତ୍ୟାରେ ଉପକୂଳ ଅଞ୍ଚଳରେ ନାହିଁ ନ ଥିବା କ୍ଷତି ଘଟିଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ହେଲେ ପ୍ରଚୁର ପରିମାଣରେ ହେନ୍ତାଳ ଜଙ୍ଗଲ ଆବଶ୍ୟକ। ଏହି ଗଛ ଉପକୂଳ ଅଞ୍ଚଳରେ ସୁରକ୍ଷା ପାଚେରି ଭାବେ ଉଭା ହେବ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ସମ୍ପ୍ରତି ସବୁଜ ଗୃହ ବାଷ୍ପ ନିର୍ଗମନରେ ବୃଦ୍ଧି ହେତୁ ପୃଥିବୀ ପୃଷ୍ଠରେ ଉତ୍ତାପ ବୃଦ୍ଧି ଘଟୁଛି, ଯାହା ଜଳବାୟୁରେ ଘୋର ଅନିୟମିତତାର କାରଣ ହେଉଛି। ୨୦୧୯ରେ ଫନୀ ଏବଂ ୨୦୨୦ରେ ଅମ୍ଫନ ବାତ୍ୟା ହୋଇଥିଲା। ଏହିଭଳି ସାମୁଦ୍ରିକ ଝଡ଼ର ସଂଖ୍ୟା ବୃଦ୍ଧି ପାଉଥିବାରୁ ସମୁଦ୍ର ତଟରେ ଲୁଣା ଜଙ୍ଗଲର ଗୁରୁତ୍ୱ ବୃଦ୍ଧି ପାଇଛି ବୋଲି ଧରିତ୍ରୀ ସମ୍ପାଦକ ତଥାଗତ କହିଛନ୍ତି। ଅନୁଧାନରୁ ଜଣାଯାଇଛି, ଭିତରକନିକାରେ ଲୁଣା ଜଙ୍ଗଲ ହେତୁ ଏକ ବିସ୍ତୃତ ଅଞ୍ଚଳ ୧୯୯୯ ମହାବାତ୍ୟା ପ୍ରକୋପରୁ କେତେକାଂଶ ରକ୍ଷା ପାଇବାରେ ସମର୍ଥ ହୋଇଥିଲା। ସାମୁଦ୍ରିକ ଝଡ଼ରୁ ସୁରକ୍ଷାଦେବା ସହିତ ଲୁଣା ଜଙ୍ଗଲର ଅନେକ ବିଶେଷତା ରହିଛି। ଏହା ଜୈବବିବିଧତାର ଗନ୍ତାଘର। ଏଠାରେ ବିଭିନ୍ନ ପ୍ରକାରର ଉଦ୍ଭିଦ, ଶୈବାଳ, ପ୍ଲାଙ୍କ୍‌ଟନ ଠାରୁ ଆରମ୍ଭ କରି ଅନେକ ପ୍ରଜାତିର ମତ୍ସ୍ୟ, ସରୀସୃପ, ସ୍ତନ୍ୟପାୟୀ ପ୍ରାଣୀ, ଜାତିଜାତିକା ପକ୍ଷୀ ବାସ କରନ୍ତି। ଲୁଣା ଜଙ୍ଗଲ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଆଦିର ଅନ୍ତୁଡ଼ିଶାଳ ରୂପେ ପରିଗଣିତ। ଲୁଣା ଜଙ୍ଗଲର ଚେରରେ ସାମୁଦ୍ରିକ ଜୀବର ଶାବକମାନେ ଲୁଚିରହି ତତ୍‌ସଂଲଗ୍ନ କାଦୁଅଭୂମିରୁ ସେମାନେ ଖାଦ୍ୟ ସଂଗ୍ରହ କରିଥାନ୍ତି। ବଡ଼ ହେଲେ ଏହି ଜୀବଜନ୍ତୁମାନେ ସମୁଦ୍ର ଗର୍ଭକୁ ଚାଲିଯାଆନ୍ତି। ଏଥିପାଇଁ ଲୁଣା ଜଙ୍ଗଲର ଅବସ୍ଥିତି ସାମୁଦ୍ରିକ ପରିସଂସ୍ଥାନ ପାଇଁ ଅତ୍ୟନ୍ତ ଅନିର୍ବାର୍ଯ୍ୟ। ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ସବୁଜଗୃହ ବାଷ୍ପକୁ ଶୋଷିବାରେ ଅନ୍ୟ ଜଙ୍ଗଲ ତୁଳନାରେ ଲୁଣା ଜଙ୍ଗଲ ଅଧିକ ସମର୍ଥ। ଏହି ସବୁ କାରଣରୁ ଲୁଣା ଜଙ୍ଗଲର ସୃଷ୍ଟି, ସୁରକ୍ଷା ଏବଂ ସମୃଦ୍ଧି ଏକାନ୍ତ କାମ୍ୟ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଅପରାହ୍ନରେ ଉପସ୍ଥିତ ଅତିଥି, ସ୍ଥାନୀୟ ଅଞ୍ଚଳ ମହିଳା, ଯୁବ ବନ୍ଧୁମାନେ ଭଡଉଁରିଆ ବ୍ରିଜ ଠାରୁ ଦେବୀ ମୁହାଣ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ହେନ୍ତାଳ ଚାରାରୋପଣ କରିଛନ୍ତି।

## ୬ଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ

**ତଦନ୍ତ ଆରମ୍ଭ କଲା ଶିଶୁ ମଙ୍ଗଳ କମିଟି**

ରାୟଗଡ଼ା,୧୯।୪ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ଅଞ୍ଚଳର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରୀ ୬ ମାସର ଗର୍ଭବତୀ ଥିବା ଶୁକ୍ରବାର ଜଣାପଡ଼ିଥିଲା। ଶନିବାର ସ୍ଥାନୀୟ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହଯୋଗରେ ଉକ୍ତ ନାବାଳିକାଙ୍କୁ ରାୟଗଡ଼ା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଛି। ଏହାପରେ କମିଟି ତଦନ୍ତ ଆରମ୍ଭ କରିଛି। ଦୀର୍ଘ ସମୟ ଧରି ନାବାଳିକାଙ୍କୁ ସମସ୍ତ ବିଷୟରେ ପଚରାଉଚରା କରାଯାଇଥିଲା।


ସୂଚନାନୁଯାୟୀ, ରାୟଗଡ଼ା ବ୍ଲକ୍ ଅଞ୍ଚଳର ଜଣେ ନାବାଳକ ଯିଏକି କଲ୍ୟାଣସିଂହପୁରସ୍ଥିତ କଲେଜରେ ପଢ଼ନ୍ତି ତାଙ୍କ ସହ ନାବାଳିକାଙ୍କ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହୋଇଥିଲା। ଏଥିରେ ନାବାଳିକା ଗର୍ଭବତୀ ହୋଇଥିଲେ। ନାବାଳିକାଙ୍କ ପରିବାର ଏ ସମ୍ପର୍କରେ ଜାଣିବା ପରେ ତାଙ୍କୁ ନାବାଳକଙ୍କ ଘରେ ଛାଡ଼ି ଦେଇଥିଲେ। ଏହି ଘଟଣା ଶୁକ୍ରବାର ଜଣାପଡିବା ପରେ ରାୟଗଡ଼ା ମହିଳା ଓ ଶିଶୁ କଲ୍ୟାଣ ବିଭାଗ କର୍ମଚାରୀ ତାଙ୍କୁ ଉଦ୍ଧାର କରିଥିଲେ। ଏବେ ଏହାର ତଦନ୍ତ ଚାଲିଥିବା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ବିଦ୍ୟୁଲତା ହୁଇକା ସୂଚନା ଦେଇଛନ୍ତି।

# ଶିକ୍ଷା ଢାଞ୍ଚାରେ ଏଆଇ ଅନ୍ତର୍ଭୁକ୍ତୀକରଣ ଗୁରୁତ୍ୱପୂର୍ଣ୍ଣ

**ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବ**

**ସମ୍ବଲପୁର ଆଇଆଇଏମ୍ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୬୦% ଛାତ୍ରୀ ଶୁଭଙ୍କର**

ସମ୍ବଲପୁର,୧୯।୪(ପ୍ରମୋଦ ବହିଦାର)




ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଙ୍କ ସହିତ ସ୍ୱର୍ଣ୍ଣପଦକ ହାସଲ କରିଥିବା ଛାତ୍ରୀଛାତ୍ର।

ଆଇଆଇଏମ୍ ସମ୍ବଲପୁରର ଶିକ୍ଷା ଢାଞ୍ଚାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଅନ୍ତର୍ଭୁକ୍ତୀକରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଫଳରେ ଏହି ଶିକ୍ଷାନୁଷ୍ଠାନ ନବସୃଜନ, ସଚ୍ଚୋଟତା ଏବଂ ସାମଗ୍ରିକତାର ମୂଲ୍ୟବୋଧକୁ ବଜାୟ ରଖି ଖ୍ୟାତି ଅର୍ଜନ କରି ପାରିଛି। ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଏହା କହିଛନ୍ତି।

ଆଇଆଇଏମ୍ ସମ୍ବଲପୁର ପରିସରସ୍ଥ କୋଣାର୍କ ପ୍ରେକ୍ଷାଳୟରେ ଅନୁଷ୍ଠିତ ଉତ୍ସବରେ ପ୍ରମୁଖ ସଚିବ ଡ. ମିଶ୍ର ତାଙ୍କ ଦୀକ୍ଷାନ୍ତ ଅଭିଭାଷଣରେ କହିଥିଲେ, ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସଂରକ୍ଷଣ ନେଇ ଦାବି ହୋଇଆସୁଛି। ହେଲେ ଆଇଆଇଏମ୍ ସମ୍ବଲପୁରରେ ମୋଟ ଶିକ୍ଷାର୍ଥୀଙ୍କ ମଧ୍ୟରୁ ଛାତ୍ରୀଙ୍କ ଅନୁପାତ ୬୦ପ୍ରତିଶତ, ତାହାପୁଣି ବିନା କୌଣସି ସଂରକ୍ଷଣରେ। କେବଳ ଯୋଗ୍ୟତାଭିତ୍ତିରେ ଏଠାରେ ଅଧିକ ସଂଖ୍ୟକ ଛାତ୍ରୀ ଅଧ୍ୟୟନ କରିବା ଅତ୍ୟନ୍ତ ଶୁଭଙ୍କର। ଏହାବ୍ୟତୀତ ପଶ୍ଚିମ ଓଡ଼ିଶାର ବୁଣାକାରମାନଙ୍କ ପାଇଁ ମାଷ୍ଟର ବୁଣାକାର କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ସେ ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରକୁ ପ୍ରଶଂସା କରିଥିଲେ। ଏହା ଆଞ୍ଚଳିକ ବିକାଶରେ ବିଶେଷ ସହାୟକ ହେବ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନ ତଥା ନବସୃଜନର ପ୍ରୟୋଗ ମାଧ୍ୟମରେ ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏଥିରେ ଛାତ୍ରୀଛାତ୍ରମାନଙ୍କର ବିଶେଷ ଭୂମିକା ରହିଛି। ତେଣୁ ଆଗାମୀ ଦୁଇ ତିନି ଦଶନ୍ଧି ଛାତ୍ରୀଛାତ୍ରଙ୍କ ସହିତ ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଡ. ମିଶ୍ର କହିଛନ୍ତି।

ଡ. ମିଶ୍ର କହିଥିଲେ, କୋଭିଡ୍ ପରବର୍ତ୍ତୀ ସମୟରେ ଜଟିଳ ଆନ୍ତଃରାଷ୍ଟ୍ରୀୟ ସମ୍ପର୍କ ଉଭୟ ଅର୍ଥନୀତି ଓ ରାଜନୀତିକୁ ପ୍ରଭାବିତ କରିଛି। ନିକଟରେ ଆମେରିକା ଦ୍ୱାରା ଲାଗୁ ପାରସ୍ପରିକ ଶୁଳ୍କ ବିଶ୍ୱ ଅର୍ଥନୀତିକୁ ସୁଦୂରପ୍ରସାରୀ ପ୍ରଭାବିତ କରିବ। ତେଣୁ ଗୋଟିଏ ପଟେ ବ୍ୟାପକ ପରିବର୍ତ୍ତନଶୀଳ ଅନ୍ତର୍ଜାତୀୟ ସମ୍ପର୍କ ଓ ଅନ୍ୟପଟେ ବୈଷୟିକ ଜ୍ଞାନକୌଶଳର ଅଭୂତପୂର୍ବ ବିକାଶ ମଧ୍ୟରେ ଭାରତକୁ ନିଜର ଭବିଷ୍ୟତ ରୂପରେଖ ନିର୍ଦ୍ଧାରଣ କରିବାକୁ ପଡ଼ିବ। ବିଶ୍ୱ ମାନଚିତ୍ରରେ ଭାରତ ଏବେ ମର୍ଯ୍ୟାଦାଜନକ ସ୍ଥାନ ହାସଲ କରିଛି। କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତି, ଯୁବ ଜନସଂଖ୍ୟା, ଉନ୍ନତ ଭିତ୍ତିଭୂମି ଓ ବୈଷୟିକ ଜ୍ଞାନକୌଶଳ ଭାରତର ସ୍ଥିତିକୁ ବିଶ୍ୱ ପ୍ରେକ୍ଷାପଟରେ ସୁଦୃଢ଼ କରିବାର ସକ୍ଷମ ହୋଇଛି। ଭାରତକୁ ବାର୍ଷିକ ୮-୧୦ ମିଲିୟନ୍ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସରକାରଙ୍କ ଡିଜିଟାଲ ଇଣ୍ଡିଆ ଓ ସ୍କିଲ୍ ଇଣ୍ଡିଆ ଦ୍ୱାରା ଘରୋଇ ଶିଳ୍ପରେ ଦକ୍ଷ ଯୁବତୀ ଯୁବକଙ୍କ ପାଇଁ ଦେଶରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କୁ ନିଯୁକ୍ତି ଦେବାକୁ ପଡ଼ିବ। ସଫଳତା ପାଇଁ କେବଳ ବୈଷୟିକ ଜ୍ଞାନ ପର୍ଯ୍ୟାପ୍ତ ନୁହେଁ। ବ୍ୟକ୍ତିଗତ ପ୍ରଜ୍ଞା ବା ଦକ୍ଷତା ଅପେକ୍ଷା ସାମୂହିକ ଭାବେ କାର୍ଯ୍ୟ କରିବାର ଦକ୍ଷତା ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଡ. ମିଶ୍ର କହିଛନ୍ତି।

ଆଇଆଇଏମ୍ ସମ୍ବଲପୁରର ବୋର୍ଡ ଅଫ୍ ଗଭର୍ନାନ୍ସର ଅଧ୍ୟକ୍ଷା ପଦ୍ମଶ୍ରୀ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଉତ୍ସବରେ ଅଧ୍ୟକ୍ଷତା କରି କହିଥିଲେ, ଶିକ୍ଷା ଏକ ଜୀବନବ୍ୟାପୀ ଯାତ୍ରା। ଦ୍ରୁତ ବିକାଶଶୀଳ ଜଗତରେ ଛାତ୍ରୀଛାତ୍ରଙ୍କୁ ଉଭୟ ସୁଯୋଗ ଓ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ମାତ୍ର ଜ୍ଞାନ ଏବଂ ଦକ୍ଷତା ବଳରେ ଏଭଳି ଯେକୌଣସି ପ୍ରତିବନ୍ଧକକୁ ମୁକାବିଲା କରିବାକୁ ସେମାନେ ସକ୍ଷମ ବୋଲି କହିଥିଲେ।

ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଅଭିଭାଷଣରେ କହିଥିଲେ, ପ୍ରଥମ ଥର ପାଇଁ ଏହି ଶିକ୍ଷାନୁଷ୍ଠାନରେ ଏମ୍‌ବିଏ, ଏକଜିକ୍ୟୁଟିଭ୍ ଏମ୍‌ବିଏ, ଏମ୍‌ବିଏ ଫର୍ ୱାର୍କି ପ୍ରଫେସନାଲ୍ସ, ପିଏଚ୍‌ଡି ଓ ପିଏଚ୍‌ଡି ଫର୍ ୱାର୍କି ପ୍ରଫେସନାଲ୍ସ ଆଦି ୫ଟି ଭିନ୍ନ ଭିନ୍ନ ପାଠ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଡିଗ୍ରୀ ହାସଲ କରିଛନ୍ତି। ଏହି ଅନୁଷ୍ଠାନର ୧୦ମ ବର୍ଷ ପୂର୍ତ୍ତି ଅବସରରେ ୬୦ ପ୍ରତିଶତ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ସମଗ୍ର ଭାରତରେ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ସେହିଭଳି କ୍ୟାମ୍ପସ ନିଯୁକ୍ତିରେ ପ୍ୟାକେଜ ମଧ୍ୟ ୩୦ ପ୍ରତିଶତ ବୃଦ୍ଧିରେ ନିଯୁକ୍ତି ମିଳିବା ଏକ ଉଲ୍ଲେଖନୀୟ ଘଟଣା। ଉତ୍ସବରେ ବୋଷ୍ଟନ କନସଲଟିଂ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅମୃତ ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ ୩୧୩ ଜଣ ଏମ୍‌ବିଏ, ୩୮ ଜଣ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ, ୧୦ ଜଣ ଏମ୍‌ବିଏ ଫର୍ ୱାର୍କି ପ୍ରଫେସନାଲ, ୬ ଜଣ ପିଏଚ୍‌ଡି ସ୍କଲାରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଶିକ୍ଷାଗତ ଉତ୍କର୍ଷ ହାସଲ କରିଥିବା ୭ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା।

## ବଜ୍ରପାତରେ ଜୀବନଗଲା

ରାଇରଙ୍ଗପୁର,୧୯।୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ବଡ଼ମୌଦା ଗ୍ରାମ ରାଖାସାହି ବସ୍ତି ଅଞ୍ଚଳରେ ଶୁକ୍ରବାର ଅପରାହ୍ନ ୪ଟାରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାଖାସାହି ବସ୍ତି ଅଞ୍ଚଳର ସତ୍ୟ ଗିରି(୫୮)। ପ୍ରକାଶ ଯେ, ସତ୍ୟ ତାଙ୍କ ବାସଗୃହ ପାର୍ଶ୍ୱ ଗୁହାଳ ଘର ନିକଟରେ ଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା (ନଂ.୬/୨୫) ରୁଜୁ କରିଛି। ପୋଲିସ ଶନିବାର ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।






## ଅଂଶୁଘାତରେ ମହିଳା ଚାଷୀଙ୍କ ମୃତ୍ୟୁ ସନ୍ଦେହ

ଛେଣ୍ଡିପଦା,୧୯।୪ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୁମ୍ଭାରସାହିର ମହିଳା ଚାଷୀ ଅଇଁଠା ବେହେରାଙ୍କ ଶନିବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଏ ନେଇ ସେମାନେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମହିଳା ଚାଷୀ ଅଇଁଠା ବଗିଚାରେ କାମ କରୁଥିବା ବେଳେ ହଠାତ ଅଚେତ ହୋଇଯାଇଥିଲେ। ଏହାଦେଖି ପରିବାର ଲୋକେ ତାଙ୍କୁ ତୁରନ୍ତ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମା' ତାରିଣୀଙ୍କ ଦର୍ଶନକଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ ଓ ତାଙ୍କ ସ୍ତ୍ରୀଙ୍କୁ ପୂଜକମାନେ ସ୍ୱାଗତ କରୁଛନ୍ତି।

କେନ୍ଦୁଝର/ଘଟଗାଁ,୧୯।୪ (ନରେଶ ଚନ୍ଦ୍ର ପଟ୍ଟନାୟକ/ରାଜେନ୍ଦ୍ର ପଟ୍ଟନାୟକ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ ୩ ଦିନିଆ ଓଡ଼ିଶା ଗସ୍ତରେ ଅଛନ୍ତି। ଏହି ଅବସରରେ ଶନିବାର ପୂର୍ବାହ୍ନ ୧୧ଟାରେ କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା'ତାରିଣୀଙ୍କ ଦର୍ଶନ କରିଛନ୍ତି। ଧର୍ମପତ୍ନୀଙ୍କ ସହ ସେ ତାରିଣୀ ମନ୍ଦିରରେ ପହଞ୍ଚିବା ପରେ ଜିଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସପରିବାର ଦର୍ଶନ କରାଇବାରେ ସହଯୋଗ କରାଯାଇଥିଲା। ପ୍ରମୁଖ ସଚିବ ଦାସ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶିଷ ଲାଭ କରିଥିଲେ। ଏହି ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ମା'ତାରିଣୀଙ୍କ ଧାନରେ ନିର୍ମିତ ମୂର୍ତ୍ତି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମା'ଙ୍କ ଦର୍ଶନ ନେଇ ବହୁ ଦିନରୁ ଅଭିଳାଷା ଥିଲା। ସେ ନେଇ ଆଜି ଆସି ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କଲେ ବୋଲି ଦର୍ଶନ ପରେ ପ୍ରମୁଖ ସଚିବ ଦାସ ଖବରଦାତାଙ୍କୁ ସୂଚନା ଦେଇଥିଲେ। ଏହି ସମୟରେ ଜିଲାପାଳ ବିଶାଲ ସିଂହ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## କେଶରୀକୁଣ୍ଡକୁ ନିଷିଦ୍ଧାଞ୍ଚଳ ଘୋଷଣାକଲା ପ୍ରଶାସନ

**ବୈତରଣୀରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ ଘଟଣା**

ଚମ୍ପୁଆ,୧୯।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ସରେଇ ଗ୍ରାମର କେଶରୀକୁଣ୍ଡରେ ଶୁକ୍ରବାର ୨ ଜଣ ଛାତ୍ର ଗାଧୋଇବାକୁ ଯାଇ ବୁଡ଼ି ଯାଇ ପ୍ରାଣ ହରାଇଥିଲେ। ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାରୁ ଉକ୍ତ ସ୍ଥାନକୁ ଶନିବାର ଉପଜିଲାପାଳ ଉମାକାନ୍ତ ପରିଡ଼ା ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରିଛନ୍ତି। ଏନେଇ ସୂଚନା ଫଳକ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଶନିବାର ଉପଜିଲାପାଳଙ୍କ ସମେତ ଚମ୍ପୁଆ ଥାନା ଅଧିକାରୀ ଦେବକୀ ନାୟକ, ତହସିଲଦାର ସଜତ ମାର୍କେ, ସହକାରୀ ଜିଲାପାଳ ସମରେନ୍ଦ୍ର ଦାସ ଓ ଚମ୍ପୁଆ ରାଜସ୍ୱ ନିରୀକ୍ଷକ ସମ୍ପଦ ପ୍ରଧାନ ପ୍ରମୁଖ ଦୁର୍ଘଟଣା ଘଟିଥିବା ସ୍ଥାନ ପରିଦର୍ଶନ କରିଥିଲେ। ବୁଡ଼ିଯାଇଥିବା ଉଭୟ ଛାତ୍ରଙ୍କୁ ପାଣିରୁ ଉଦ୍ଧାର କରିଥିବା ସ୍ଥାନୀୟ ଅଧିବାସୀ ଦଶରୁ ନାଏକଙ୍କ କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହ ଘଟଣା ବିଷୟରେ ପଚାରି ବୁଝିଥିଲେ। ଉକ୍ତ ସ୍ଥାନରେ ସର୍ବସାଧାରଣ ଯାତାୟାତ ବନ୍ଦ ନିମନ୍ତେ ଟ୍ରେଞ୍ଚ୍ ଖୋଳିବା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଡାକବାଜି ଯନ୍ତ୍ର ସହାୟତାରେ ସଚେତନତା ଓ ସୂଚନା ପ୍ରଦାନ ପାଇଁ କରଞ୍ଜିଆ ରାଜସ୍ୱ ନିରୀକ୍ଷକ ଚିନ୍ମୟ ମହାନ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥି ସହିତ ଉକ୍ତ ସ୍ଥାନକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଗଲା ବୋଲି ସୂଚନା ଫଳକ ଲଗାଇବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଚମ୍ପୁଆ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଉପଜିଲାପାଳ ପରିଡା ସୂଚନା ଦେଇଛନ୍ତି।



ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ପେନ୍ ରାଷ୍ଟ୍ରଦୂତ



ଭୁବନେଶ୍ୱର,୧୯।୪(ସୁନିତ୍ ମିଶ୍ର)

**ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ସୁଦୃଢ଼ କରିବା ଉପରେ ଗୁରୁତ୍ୱ**

ଭାରତରେ ଅବସ୍ଥାପିତ ସ୍ପେନର ରାଷ୍ଟ୍ରଦୂତ ଜୁଆନ୍ ଆଣ୍ଟୋନିଓ ମାର୍ଚ ପୁଜୋଲ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରିଛନ୍ତି। ସ୍ପେନ ଏବଂ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ସ୍ପେନ୍ ରାଷ୍ଟ୍ରଦୂତ କହିଛନ୍ତି, ରିନିୱେବଲ୍ ଏନର୍ଜି, ମେଟାଲର୍ଜି, ବୟନଶିଳ୍ପ ଏବଂ ଅଟୋମୋବାଇଲ ଭଳି ପ୍ରମୁଖ କ୍ଷେତ୍ରରେ ଓଡ଼ିଶା ଓ ସ୍ପେନ ମଧ୍ୟରେ ଅଧିକ ସହଯୋଗ ହୋଇପାରିବ। ଆଲୋଚନାରୁ ଜଣାପଡ଼ିଛି, ୨ ଦେଶ ମଧ୍ୟରେ ଶିଳ୍ପ, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରାଯିବ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସତ୍ୟବ୍ରତ ସାହୁ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। –ଶ୍ରୀମା

# ଚାଇନା ଆଗକୁ ବଢୁଛି



ଆକାର ପଟେଲ

ଚାଇନା ଆଗାମୀ କିଛିବର୍ଷ ମଧ୍ୟରେ, ସମ୍ଭବତଃ ୨୦୩୫ ସୁଦ୍ଧା ବିଶ୍ୱର ବୃହତ୍ତମ ଅର୍ଥ ବ୍ୟବସ୍ଥା ହେବ। ଏହାର ମୋଟ ଘରୋଇ ଉତ୍ପାଦ(ଜିଡିପି) ସେତେବେଳକୁ ଆମେରିକାଠାରୁ ଅଧିକ ହୋଇଯିବ। ଏହା ଆମେରିକା ପାଇଁ ଗ୍ରହଣୀୟ ହେଉନାହିଁ, କାରଣ ବିଗତ ଶତାବ୍ଦୀରେ ଏହା ବିଶ୍ୱ ଶକ୍ତି ଭାବେ ପ୍ରାଧାନ୍ୟ ବିସ୍ତାର କରିଆସିଛି ଏବଂ ଏହା ମୁଖ୍ୟତଃ ତାହାର ଅର୍ଥ ବ୍ୟବସ୍ଥା ଯୋଗୁ ହୋଇଛି। ଏହା ଏବେ ୧ ନମ୍ବରରୁ ୨ ନମ୍ବର ଆଡ଼କୁ ଯାଉଥିବା ଆମେ ସ୍ପଷ୍ଟଭାବେ ଦେଖିପାରୁଛୁ। ତାହା ଚାଇନାର ପ୍ରତିରୋଧ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଯୁଦ୍ଧରୁ ଘଟିବାକୁ ଯାଉଛି। ପାଶ୍ଚାତ୍ୟ ଅନ୍ତର୍ଜାତୀୟ ନିୟମ ଆଧାରିତ ବ୍ୟବସ୍ଥାରେ ଉପନିବେଶବାଦ ମାଧ୍ୟମରେ ସିଧାସଳଖ ଶାସନ କରୁଥିଲେ। ଏବେ କିନ୍ତୁ ସେହି ସ୍ଥାନ ନେଇଛି ଜାତିସଂଘ ସୁରକ୍ଷା ପରିଷଦ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ। ଜି୭ ଭଳି ଗୋଷ୍ଠୀଗୁଡ଼ିକୁ ମଧ୍ୟ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ବ୍ୟବହାର କରାଯାଉଛି। ଅଷ୍ଟାଦଶ ଶତାବ୍ଦୀରେ ଭାରତ ଓ ଚାଇନା ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା ଥିଲେ। ସେତେବେଳେ ଜାତୀୟ ଉତ୍ପାଦକତା ଓ ଜିଡିପି ଲୋକଙ୍କ ଉପରେ ନିର୍ଭର କରୁଥିଲା ଏବଂ ଅଧିକାଂଶ ଲୋକ କୃଷିକ୍ଷେତ୍ରରେ ଥିଲେ। କିନ୍ତୁ ଶିଳ୍ପ ବିପ୍ଳବ ତାହାକୁ ପରିବର୍ତ୍ତନ କରିଦେଲା ଏବଂ ଉତ୍ପାଦକତା ମାନବ ଶ୍ରମ ଉପଯୋଗରୁ ଦୂରେଇଯିବା ଆରମ୍ଭକଲା। ତେବେ ୧୮୦୦ ଦଶନ୍ଧିରୁ ଏଯାବତ୍ ପାଶ୍ଚାତ୍ୟ ସବୁବେଳେ ପ୍ରଯୁକ୍ତିଗତ ପରିବର୍ତ୍ତନରେ ଆଗରେ ରହିଆସିଥିଲା। କିନ୍ତୁ ଚାଇନା ଏବେ ସେଥିରେ ସାମିଲ ହୋଇଯାଇଛି। ଚାଇନା ଖୁବ୍‌ଶୀଘ୍ର ତାକୁ ଟପିଯିବ। ଜାନୁଆରୀ ୨୦୨୩ରେ ସିଟିଗ୍ରୁପ୍ ଏକ ରିପୋର୍ଟ ପ୍ରକାଶ କରିଥିଲା, ଯାହାର ଶୀର୍ଷ ଥିଲା 'ଚାଇନାର ଜିଡିପି କେବେ ଆମେରିକାକୁ ଟପିବ? ଶେଷରେ ଦର୍ଶାଇଥିଲା ଯେ, ୨୦୩୦ ଦଶକ ମଧ୍ୟରେ ଯେକୌଣସି ସମୟରେ ସମ୍ଭବତଃ ଏହି ଦଶନ୍ଧିର ମଧ୍ୟଭାଗରେ ଏହା ହୋଇପାରେ। ଅଧିକାଂଶ କ୍ଷେତ୍ରରେ ଏହା ଘଟିସାରିଲାଣି। ଚାଇନା ଆଗକୁ ବଢ଼ିବାରେ ଲାଗିଛି। ଚାଇନାର ନେଭି ପାଖରେ ଆମେରିକା ନେଭିଠାରୁ ଅଧିକ ଯୁଦ୍ଧଜାହଜ ଅଛି। ଚାଇନା ପୃଥକ୍ ତଥା ସ୍ୱାଧୀନ ଭାବେ ଏକ ମହାକାଶ କେନ୍ଦ୍ର ଚଳାଉଛି। ଏହା ଆମେରିକା, ରୁଷିଆ ନେତୃତ୍ୱରେ ଚାଲୁଥିବା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛି। ଗତବର୍ଷ ପ୍ୟାରିସ୍ ଅଲିମ୍ପିକ୍ସରେ ହଂକଂ ସମେତ ଚାଇନା ୪୨ଟି ସ୍ୱର୍ଣ୍ଣ ପଦକ ଜିତିଥିଲା। ଏଥିରେ ଆମେରିକା ୪୦ଟି ସ୍ୱର୍ଣ୍ଣ ଜିତିଥିଲା। ଏପରିକି ବୃହତ୍ତମ ଅର୍ଥ ବ୍ୟବସ୍ଥା ଭାବେ ଉଭାହେବା ପୂର୍ବରୁ ଚାଇନା ଗତ ଦଶନ୍ଧିରେ ବିଶ୍ୱରେ ବୃହତ୍ତମ ଭିତ୍ତିଭୂମି ପ୍ରୋଜେକ୍ଟ ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍(ବିଆର୍‌ଆଇ)କୁ ଦୃଢ଼ କରିଛି। ଚାଇନା ଏବେ ୧୨୦ଟି ଦେଶ ପାଇଁ ସବୁଠୁ ବଡ଼ ବାଣିଜ୍ୟିକ ଭାଗୀଦାରି ହୋଇପାରିଛି, ଅପରପଟେ ଆମେରିକା ୭୦ଟି ଦେଶ ସହ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଛି।

ସିଟିଗ୍ରୁପ୍ ଭଳି ଅନେକ ଆଭ୍ୟନ୍ତରୀଣ ରିପୋର୍ଟ ରାଷ୍ଟ୍ରପତି ଓବାମା, ଟ୍ରମ୍ପଙ୍କ ପ୍ରଥମ ପାଳି ଓ ପରେ ବାଇଡେନ୍‌ଙ୍କ ପ୍ରଶାସନ ଉପରେ ସମୀକ୍ଷା କରିଛନ୍ତି। ଏସବୁରେ ଦର୍ଶାଯାଇଛି ଯେ, ସେମାନେ ସମସ୍ତେ ଚାଇନାକୁ ପଙ୍ଗୁ କରିଦେବାକୁ ଚେଷ୍ଟା କରିଛନ୍ତି। ପ୍ରଥମେ ଆମେରିକାରେ ଡିଜାଇନ୍ କରାଯାଇଥିବା ତାଇୱାନ୍ ନିର୍ମିତ ସେମିକଣ୍ଡକ୍ଟର ଚିପ୍ସ ଯୋଗାଣ ଉପରେ କଟକଣା ଲଗାଇ ଏହା କରିବାକୁ ପ୍ରୟାସ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) କ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟ ସୁରକ୍ଷିତ ରଖିବା। ଏହା କାମ ଦେଲାନାହିଁ। ଚାଇନାର କମ୍ପାନୀ ଡିପ୍‌ସିକ୍ ଆକର୍ଷକ ଏଆଇ ପ୍ରସ୍ତୁତକରି ବିଶ୍ୱକୁ ଦେଖାଇଦେଲା ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଆମେରିକାର ଏକଚାଟିଆ ପଦକ୍ଷେପରେ ଏହା ବାଧକ ସାଜିଛି। ଚାଇନାର ବହୁରାଷ୍ଟ୍ରୀୟ ଟେକ୍‌ନୋଲୋଜି କମ୍ପାନୀ ହୁଏୱେକୁ ୨୦୧୯ରେ ପାଶ୍ଚାତ୍ୟ ନିଷିଦ୍ଧ କରି ଏହାର ଉତ୍ପାଦ ଉପରେ କଟକଣା ଲାଗୁ କରିଥିଲା। କିନ୍ତୁ ଏହା ଉତ୍ପାଦନ ଜାରି ରଖିଥିଲା। କେତେକ ଆକଳନରୁ ଜଣାପଡ଼ିଛି ଯେ, କିଛିବର୍ଷ ପୂର୍ବରୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଅଗ୍ରଣୀ ତାଇୱାନ୍‌ର ଟିଏସ୍‌ଏମ୍‌ସି ଏବଂ ଡଚ୍ କମ୍ପାନୀ ଏଏସ୍‌ଏମ୍‌ଏଲ୍ ଅତ୍ୟାଧୁନିକ ଚିପ୍ସ ନିର୍ମାଣ କରୁଛନ୍ତି। କିନ୍ତୁ ଏ କ୍ଷେତ୍ରରେ ଆବଶ୍ୟକତା ହେଉଛି ଶିଳ୍ପଭିତ୍ତିକ ଡିଜାଇନ୍ ଓ ମାନୁଫାକ୍‌ଚରିଂ ଏବଂ ଏହି ଦୁଇଟି ବିଷୟରେ ଚାଇନାର କମ୍ପାନୀଗୁଡ଼ିକ ସେମାନଙ୍କ ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। ଟ୍ରମ୍ପଙ୍କ ଟାରିଫ ଯୁଦ୍ଧ ପାଶ୍ଚାତ୍ୟ ଓ ତାହାର ଅର୍ଥ ବ୍ୟବସ୍ଥାଗୁଡ଼ିକୁ ଚାଇନାଠାରୁ ଅଲଗା କରିବାକୁ ଚେଷ୍ଟା କରୁଛି। ସମ୍ଭବତଃ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ଅଲଗା କରିବାର ଏହା ହେଉଛି ସଦ୍ୟ ତଥା ଶେଷ ପ୍ରଚେଷ୍ଟା। ଏହା ଯଦି ବିଫଳ ହୁଏ, ତେବେ ଏକମାତ୍ର ବିକଳ୍ପ ହେବ ସାମରିକ ଶକ୍ତି ପ୍ରୟୋଗ ଏବଂ ଏହା ଉପରେ ୱାଶିଂଟନ୍‌ରେ ଅନୌପଚାରିକ ଭାବେ ଆଲୋଚନା ହେଉଛି।

ଅସଙ୍ଗତ ଭାବେ ୧୪୫ ପ୍ରତିଶତ ଟାରିଫ ବୃଦ୍ଧି କରାଯିବା ପରେ ଚାଇନାର ଜାହାଜଗୁଡ଼ିକ ଆମେରିକାର ବନ୍ଦରଗୁଡ଼ିକରୁ ଫେରି ଆସିବାକୁ ଆରମ୍ଭ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ମେ ୨ରେ, ଚାଇନାରୁ ଯାଉଥିବା ୮୦୦ ଡଲାର ତଳେ ଥିବା ପ୍ୟାକେଜ୍‌ଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ଛାଡ଼ ବ୍ୟବସ୍ଥା ଶେଷ ହୋଇଯିବ। ସେ ସମୟରେ ବାଣିଜ୍ୟ ବନ୍ଦ ହେବା ସହିତ ଆମେରିକା ଅର୍ଥ ବ୍ୟବସ୍ଥାରେ ପ୍ରଭାବ ଅନୁଭୂତ ହେବ। ହଁ, ଏହା ସତ୍ୟ ଯେ, ଏଥିରେ ଚାଇନାର କ୍ଷତି ହେବ, କିନ୍ତୁ ବେଶି ନୁହେଁ। ତା' ଜିଡିପିର ମାତ୍ର ୨ ପ୍ରତିଶତ ଆମେରିକାକୁ ରପ୍ତାନି ହୁଏ। ଅପରପଟେ ଆମେରିକା ଅଧିକ କ୍ଷତି ସହିବ। ମାର୍କେଟ ନିୟମ ଦର୍ଶାଏ ଯେ, ଯୋଗାଣ ଏହାର ନିଜସ୍ୱ ଚାହିଦା ସୃଷ୍ଟିକରେ। ଅର୍ଥାତ୍ ସାମଗ୍ରୀ ଉତ୍ପାଦନ ଉପରେ ଧ୍ୟାନ ଦେଉଥିବା ଗୋଟିଏ ଅର୍ଥ ବ୍ୟବସ୍ଥା ଶେଷରେ ତାହାର ଜିନିଷ ବିକ୍ରି କରିବାକୁ ବଜାର ପାଇବ। ଦେଶ ଭିତରେ ମଧ୍ୟ ଏଭଳି ବଜାର ପାଇପାରିବ କାରଣ ଉତ୍ପାଦ ପ୍ରସ୍ତୁତ କରୁଥିବା କର୍ମଚାରୀମାନେ ତାହାକୁ କିଣିପାରିବେ। ଏ ହେଉଛି ଚାଇନା, ଯିଏ ବିଶ୍ୱରେ ସବୁଠୁ ଅଧିକ ସାମଗ୍ରୀ ଉତ୍ପାଦନ କରୁଛି ଏବଂ ଏହା ଏକମାତ୍ର ମାନୁଫାକ୍‌ଚରିଂ ସୁପରପାୱାର। ଆମେରିକା ହେଉଛି ଉପଭୋକ୍ତା। ଯେଉଁ ସାମଗ୍ରୀ ବ୍ୟବହାର କରିବାକୁ ଚାହିଁବ, ତାହାକୁ ଏବେ ଆମେରିକା ଉତ୍ପାଦନ କରିବା ଆରମ୍ଭ କରିବ, ଯାହା ବାସ୍ତବରେ କଠିନ କାର୍ଯ୍ୟ। ଏଥିରେ ସନ୍ଦେହ ରହିଛି ଏବଂ ଏଥିପାଇଁ ଆର୍ଥିକ କ୍ଷତି ସହିବ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 8 | | | | 4 | 3 |
| | | | | | 2 | | | |
| 4 | 6 | | 9 | 7 | | 2 | | 5 |
| | 1 | | | | 9 | | 7 | 6 |
| | | 3 | | | 5 | | | 2 |
| | | | | 1 | | | | |
| | 9 | | | | | | 2 | |
| 5 | 2 | | | | | | | |
| 6 | | | | | 1 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 1 | 8 | 3 | 9 | 7 | 5 | 6 |
| 7 | 3 | 6 | 4 | 5 | 2 | 8 | 9 | 1 |
| 9 | 8 | 5 | 6 | 7 | 1 | 2 | 3 | 4 |
| 3 | 7 | 9 | 2 | 1 | 6 | 4 | 8 | 5 |
| 6 | 5 | 8 | 9 | 4 | 7 | 3 | 1 | 2 |
| 4 | 1 | 2 | 3 | 8 | 5 | 6 | 7 | 9 |
| 5 | 2 | 7 | 1 | 6 | 8 | 9 | 4 | 3 |
| 1 | 9 | 3 | 7 | 2 | 4 | 5 | 6 | 8 |
| 8 | 6 | 4 | 5 | 9 | 3 | 1 | 2 | 7 |

ଗତକାଲିର ଉତ୍ତର

# ଭଲ ସମୟ କେବେ ଆସିବ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ରାଜ୍ୟରେ ନୂଆ ସରକାର ଆସିବା ପରେ ବାରମ୍ବାର ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ଯେଉଁଭଳି ଭାବେ ବିଭିନ୍ନ ଗଣମାଧ୍ୟମରେ ଖବର ପାଲଟିଯାଉଛନ୍ତି, ତାହା ଦେଖି ଲାଗୁଛି ବହୁଦିନ ପରେ ଏକ ଦୁର୍ନୀତିମୁକ୍ତ ସମାଜର ସଂରଚନା କରିବାକୁ ସରକାର ସକ୍ରିୟ ଭାବେ କାମ କରିଚାଲିଛନ୍ତି! ଏମିତି ତ ଲାଗୁଛି ଲାଞ୍ଚ ମିଛ ଅସତ୍ୟ ଅନାଚାର ଓ ଦୁର୍ନୀତି ଦୁରାଚାରଭରା ଦୁର୍ଦ୍ଦିନର ଅବସାନ ଘଟି ଜନଜୀବନକୁ ଭଲ ସମୟ ଆସିଯାଇଛି। ଲକ୍ଷ ଲକ୍ଷ ନଗଦ ଟଙ୍କା, କେଜି କେଜି ସୁନା ଅଳଙ୍କାର, ପାଞ୍ଚଦଶ ବହୁମୂଲ୍ୟ ବିଶିଷ୍ଟ ସୁରମ୍ୟ ପ୍ରାସାଦ, ଦଶଟି ଭିନ୍ନ ଭିନ୍ନ ସ୍ଥାନରେ ଦଶଟି ଫ୍ଲାଟ୍ ଭଳି ଅକଳନ ସମ୍ପତ୍ତିର ହିସାବତାଲିକା ଦେଖି ସାଧାରଣ ଲୋକଟିର ଆଖି ଖୋସିହୋଇଯାଉଛି। ଅବଶ୍ୟ ଏହା ଭିନ୍ନ କଥା ଯେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଘରେ ଚଢ଼ାଉ ଖବର ଯେଉଁ ତୀବ୍ର ଗତିରେ ସାରା ସମାଜରେ ସଞ୍ଚରିଯାଇଥାଏ, ତାହାର ଶେଷ ଗତି ଅବା ପରିଣାମ ସେଇ ଅନୁପାତରେ ଥାଏ ଅତ୍ୟନ୍ତ ସ୍ୱାଦହୀନ। ସେ ଯାହା ବି ହେଉ ଦୁର୍ନୀତି ନିବାରଣ ବିଭାଗର ଚଢ଼ାଉ ବେଳେ ସମାଜର ପ୍ରତ୍ୟେକ ପ୍ରାନ୍ତରେ ଦୁର୍ନୀତିର ଦୁର୍ଗନ୍ଧ ମଧ୍ୟରେ ନାକ ଚିପି ବଞ୍ଚୁଥିବା ସାଧାରଣ ଲୋକଟିକୁ ଲାଗେ– 'ଭଲ ସମୟ ଆସିଯାଇଛି'!!

ଲାଞ୍ଚ ନେଇ ଅବା ସରକାରୀ ଅର୍ଥ ତୋସରପାତକରି ଥରେ ଅଧେ ଧରା ପଡ଼ିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା' ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି ଲାଞ୍ଚ ଦେଇ ନିଜ କାମ ହାସଲ କରୁଥିବା ଲୋକର ବିବଶତା ଓ ବାଧ୍ୟବାଧକତା। ପ୍ରକୃତରେ ଲାଞ୍ଚ ଦେବି ନାହିଁ ବୋଲି ବଜ୍ର ଶପଥ ନେଇଥିବା ପୁରୁଷଟିଏ ହୋଇ ଜୀବନ ନିର୍ବାହକରିବା ତ୍ୟାଗୀ ତପସ୍ୱୀଙ୍କ ସାଧନାଠୁଁ ବଳି ଆହୁରି କଠୋର, ଅଧିକ କଷ୍ଟକର। ତାଙ୍କ ଆଗରେ ପ୍ରତିପକ୍ଷ ଜଣେ ଲାଞ୍ଚ ମିଛର ଲାଞ୍ଜ ଧରି ଆଶା ବୈତରଣୀ ପାରହୋଇଯାଉଥିବ। ତା'ପାଇଁ ଅପ୍ରାପ୍ୟ ହୋଇ ରହିବ, ଏମିତି କିଛି ଚିଜ ନ ଥିବ ଦୁନିଆରେ। ଥରେ ପଇସା ଫିଙ୍ଗିଲେ ବାଘ ଭଳି ହିଂସ୍ର ପ୍ରାଣୀ ତା' ଦେହରେ ଘଷିହେଉଥିବ। ମୂକଟିଏ ବାଚାଳଙ୍କ ପରି ପ୍ରକାଶ କରୁଥିବ ତ ପଙ୍ଗୁଟିଏ ପର୍ବତ ଡେଇଁଯିବାର ସାମର୍ଥ୍ୟ ରଖୁଥିବ। ମାତ୍ର ସଦାଚାରୀ ଲୋକଙ୍କ ପାଇଁ ଏ ମନ୍ତ୍ର ଚମତ୍କାର ତ ଦୂରର କଥା, ସାଧାରଣ ଭାବେ ସର୍ବନିମ୍ନ ଅଧିକାର ମଧ୍ୟ ଅପ୍ରାପ୍ୟ ହୋଇ ରହିଥିବ ଚିରକାଳ। ସକଳ ପ୍ରକାର ଅପ୍ରାପ୍ତିର ବୋଝ ମୁଣ୍ଡାଇ ବଞ୍ଚିରହିବା ଯେମିତି ଲାଞ୍ଚ ବିରୋଧୀଙ୍କ କପାଳଲିଖନ।

ଏମିତି ଜଣେ ସଦାଚାରୀ ସେଦିନ ନିଜ ଆଦର୍ଶକୁ ଅଭିଶାପ ଦେଇ ଅବସୋସ ପ୍ରକାଶ କରୁଥିଲେ। କହୁଥିଲେ,ଜୀବନରେ କେବେ ବି କାହାକୁ ଲାଞ୍ଚ ନ ଦେବାକୁ ବା କାହାଠୁ ଲାଞ୍ଚ ନ ନେବାକୁ ଯେଉଁ ପଣ କରିଥିଲି ସେଥିପାଇଁ ଢେର ମୂଲ୍ୟ ଦେଲିଣି। ଲାଞ୍ଚ ଦେଇ କାମ ହାସଲକରିବା ଭଳି ଆଦର୍ଶକୁ ଆଦରି ନେଇ ମୋର ଜଣେ ସହକର୍ମୀ ଏମିତି କରିତ୍‌କର୍ମା ହୋଇଛନ୍ତି ଯେ ଯେକୌଣସି ସରକାରୀ ଫାଇଲ ତାଙ୍କ ପାଇଁ ପକ୍ଷୀରାଜ ଘୋଡ଼ାର ବେଶ ସାଧାରଣ କରିପାରୁ ଥିଲାବେଳେ ମୋ ଭଳି ଲାଞ୍ଚ ବିଦ୍ୱେଷୀଟି ପାଇଁ ତାହାର ଗତି କଚ୍ଛପଠୁ ଆହୁରି ମନ୍ଥର। ଲାଞ୍ଚ ମିଛର ପ୍ରତିକୂଳ ସ୍ରୋତରେ ପହଁଞ୍ଚିବା ଭଳି ମିଥ୍ୟା ଆଦର୍ଶବୋଧକୁ ଆପଣାଇ ମୁଁ ଆଜି ମୋ ପରିବାର ଆଗରେ ଏକ ଅକର୍ମା ପୁରୁଷ।

ସେ ଆହରି କହୁଥିଲେ, ତାଙ୍କ ମନର କଥା– "ଶୁଣିବାକୁ ମିଠା ଲାଗେ ସାଧୁ ସଚ୍ଚୋଟ ଭଳି ବ୍ୟକ୍ତିତ୍ୱର ବିଶେଷଣମାନ। ମାତ୍ର ସଂସାର ସଡ଼କରେ ବାଟ ଚାଲୁଥିବା ଲୋକଟି ସିନା ଜାଣେ କେତେ କଷ୍ଟକର ଏ ଯାତ୍ରାପଥ! ଏଥର ଆଉ ନୁହେଁ ସାଧୁତା, ସଚ୍ଚୋଟତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ମଣିଷର ଆବଶ୍ୟକତା। ସେଇ ଆବଶ୍ୟକତାର ପରିପୂରଣ ପାଇଁ ଅନ୍ୟମାନଙ୍କ ଭଳି ମୋତେ ବି ସେଇ ରାସ୍ତାକୁ ଆପଣାଇବାକୁ ପଡ଼ିବ।"

ବାସ୍, ବାଲ୍ୟକାଳରୁ ପିତାମାତା ବା ପୁସ୍ତକରୁ ଆହରଣ କରାଯାଇଥିବା ସତ୍ୟ ସଦାଚାରର ଜ୍ଞାନ ସେଇ ବାବୁଙ୍କ ବିସ୍ମୃତିରେ ବିଲୀନ ହୋଇଯିବ। ସକଳ ନୀତି ନୈତିକତାକୁ ବିସର୍ଜନ ଦେଇ ଜନ୍ମ ନେବ ସୁରୁଖୁରୁରେ ଜୀବନ ନିର୍ବାହ କରିବାର ଯେତେ ଯାହା ଗଳାବାଟ। ଜୀବନର ଆବଶ୍ୟକତା ସହ ମୂଲଚାଲ ତାଙ୍କୁ ବାଧ୍ୟକରିବ ନୂଆ ଏକ ରାସ୍ତାରେ ଚାଲିବା ପାଇଁ। ଏପଟେ ସଦାଚାରୀ ମଣିଷଙ୍କ ସଂଖ୍ୟାରୁ ଗୋଟିଏ କମିଯିବ ତ ସେପଟେ ଅନୈତିକ ଉପାୟରେ ନେଇଆଣି ଥୋଇପାରୁଥିବା ଲୋକଙ୍କ ତାଲିକାରେ ନୂଆ ନାଆଁଟିଏ ଯୋଡ଼ିହୋଇଯିବ।

ସମାଜକୁ ସୁଧାରିବା ପାଇଁ, ସମାଜରୁ ଅନ୍ୟାୟ ଅନାଚାର ଦୂରିକରିବା ପାଇଁ ଆମ ବ୍ୟବସ୍ଥାରେ ବହୁବିଧ ଯୋଜନା କାର୍ଯ୍ୟ କରୁଛି। ଅନ୍ୟାୟ ଅନାଚାରକୁ



ପ୍ରତିହତ କରିବାକୁ ବହୁବିଧ ଦଣ୍ଡ ବ୍ୟବସ୍ଥା ମଧ୍ୟ ପ୍ରଚଳିତ ଅଛି। ତଥାପି ଏ ସମାଜରୁ ଦୁର୍ନୀତି ଦୁରାଚାର କମୁନାହିଁ କାହିଁକି? ସାଧୁତା, ସତ୍ୟନିଷ୍ଠା ଆଦି ସୁଗୁଣ ମଣିଷ ଭିତରୁ ହଜିଯାଉଛି କାହିଁକି? ଦୁଃସମୟର ଦହନ ଉପରେ ଶୀତଳ ଚନ୍ଦନର ଲେପଦେବା ପାଇଁ ବିଭିନ୍ନ ସମୟରେ ଯେଉଁ ମହାପୁରୁଷମାନେ ଆବିର୍ଭୂତ ହୁଅନ୍ତି, ସେମାନେ ଆଉ ଏ ସଂସାରରେ ଆତଯାତ ହେଉନାହାନ୍ତି କାହିଁକି?

ଏ ସମସ୍ତ ପ୍ରଶ୍ନର ଉତ୍ତରରେ ବହୁବର୍ଷ ତଳେ ଘଟିଥିବା ଏକ ଘଟଣାର ଅବତାରଣା କରାଯାଇପାରେ। ଏକଦା ଆମ ଦେଶର ଏକ ଉତ୍ତରାଞ୍ଚଳ ରାଜ୍ୟର ଜଣେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ ବୃଦ୍ଧ। ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ପାଇଁ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା ପ୍ରାୟ ୭ଘଣ୍ଟା କାଳ। ଶେଷରେ ଯେତେବେଳେ ସାକ୍ଷାତ ମିଳିଲା, ବଡ଼ ଆବେଗରେ ସେ କହିଉଠିଲେ– "ମୁଁ ଜଣେ ସ୍ୱାଧୀନତା ସଂଗ୍ରାମୀ। ଏ ଦେଶର ମୁକ୍ତି ପାଇଁ ମୁଁ ମୋର ବଳ ବୟସ, ସାମର୍ଥ୍ୟ ସମ୍ବଳ ସବୁକିଛି ସମର୍ପିଦେଇଛି। ସ୍ୱାଧୀନତା ପରେ ଆମ ତ୍ୟାଗକୁ ସମ୍ମାନ ଜଣାଇ କୃତଜ୍ଞ ସରକାର ଆମ ପାଇଁ କେଇଟଙ୍କାର ପେନ୍‌ସନ ଖଞ୍ଜିଦେଇଥିଲେ। ସେଇ ପେନ୍‌ସନ ଗଣ୍ଡାକ ହିଁ ଆମ ସଂଗ୍ରାମର ସନ୍ତକ, ଆମ ପରିଣତ ବୟସର ସମ୍ବଳ। ଅଥଚ ସେତକ ପାଇବା ପାଇଁ ବି ଆମକୁ ଲାଞ୍ଚ ଦେବାକୁ ପଡ଼ିବ।"

ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀଙ୍କ ଅଭିଯୋଗ ଥିଲା ସେଇ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ଅହଂକାର ଉପରେ ଏକ ପ୍ରଚଣ୍ଡ ପ୍ରହାର। ସେ ବିରକ୍ତିର ସହ କହିଲେ, "ଅତୀତକୁ ଫେରି ଚାହିଁଲେ ଦେଶ ପ୍ରଗତି ପଥରେ ଆଗେଇପାରିବ ନାହିଁ। ତୁମେ ଯେଉଁ ଦେଶର ମୁକ୍ତି ପାଇଁ ସଂଗ୍ରାମ କରିଥିଲ, ସେଇ ଦେଶର ବିକାଶ ପାଇଁ ଆମେ ଏବେ କମ୍ ପରିଶ୍ରମ କରୁନାହୁଁ। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆମେ ରାତିରେ ଶୋଇପାରୁ ନ ଥିବା ବେଳେ ତୁମର ଏ ମାମୁଲି ଅଭିଯୋଗ ଶୁଣିବାକୁ ଆମର ସମୟ କାହିଁ?" ରାଜ୍ୟ ମୁଖ୍ୟ ପକେଟରୁ ହଜାରେ ଟଙ୍କା କାଢ଼ି ବୃଦ୍ଧଙ୍କ ହାତକୁ ବଢ଼ାଇଦେଲେ ଓ କହିଲେ– "ସେଇ ପେନ୍‌ସନ ଅଧିକାରୀଙ୍କୁ ଦୁଇଶହ ଟଙ୍କା ଦେଇ ତୁମ ପେନ୍‌ସନ ନେଇଆସିବ। ବାକି ଆଠଶହ ପାଖରେ ରଖିଥିବ। ଭବିଷ୍ୟତରେ ଆଉ କେଉଁଠି କେହି ଲାଞ୍ଚ ମାଗିଲେ ଏ ଟଙ୍କା ଦେଇ ତୁମ କାମ କରିନେବ। ପୁଣି କେବେ ମୋ ପାଖକୁ ଆସି ମୋ ସମୟ ନଷ୍ଟ କରିବ ନାହିଁ।

ସେଦିନ ସେଇ ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ ଫେରିଆସିଲେ ତାଙ୍କ ସ୍ୱାଧୀନତା ସଂଗ୍ରାମର ମୂଳ ସେତକ ସେଇଠି ଥୋଇ। ଘଟଣାଟି ଘଟିବାର ପ୍ରାୟ ୬୦ ବର୍ଷ ବିତିଗଲାଣି। ଉଭୟ ସ୍ୱାଧୀନତା ସଂଗ୍ରାମୀ ଓ ମୁଖ୍ୟମନ୍ତ୍ରୀ ଦୁହେଁ ଆଉ ଏ ସଂସାରରେ ନାହାନ୍ତି। ମାତ୍ର ପ୍ରଶାସନର ଦୁନୀତି ଦୁରାଚାର ସେତେବେଳେ ଯାହା ଥିଲା, ଆଜି ତାହା ବଦଳିଯାଇନାହିଁ। କେବଳ ଯାହା ବଦଳିଯାଇଛି ଟଙ୍କାର ପରିମାଣ। ହଜାରଟା ଏବେ ଲକ୍ଷ ହୋଇଯାଇଛି ତ ଅନ୍ୟ କେଉଁଠି କୋଟିଏ। ଏହାକୁ ଦେଖି କୁହାଯାଇପାରେ ଯେ ଭଲ ସମୟ ନିଶ୍ଚୟ ଆସିଛି!!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର,
ଚକେଇସିହାଣୀ, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଗୋପୀନାଥଙ୍କର ସାରସ୍ୱତ କୃତି



ଭାଗ୍ୟଲିପି ମଲ୍ଲ

ଗୋପୀନାଥ ମହାନ୍ତିଙ୍କର ସମଗ୍ର ସୃଷ୍ଟି, ଓଡ଼ିଶାର ମାଟି, ପାଣି, ପବନ ଓ ଆତ୍ମାର ସ୍ପନ୍ଦନରେ ସ୍ପନ୍ଦିତ। ଜୀବନର ଅଧିକ କାଳ ସାରସ୍ୱତ ସାଧନାରେ ବ୍ରତୀ ଏହି ମଣିଷଟି ଓଡ଼ିଆ ଭାଷା ସାହିତ୍ୟକୁ ଚିରନ୍ତନ ବଞ୍ଚାଇ ରଖିବାର ସମର୍ପଣରେ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଚିରସ୍ମରଣୀୟ।

୧୯୪୦ରୁ ୧୯୯୧ ମସିହା ଭିତରେ ଛୋଟବଡ଼ ୨୫ଟି ଉପନ୍ୟାସ, ୧୧ଟି ଗଳ୍ପ ସଂକଳନ, ୨ଟି ଜୀବନୀ, ୪ଟି ନାଟକ, ୬ଟି ଅନୁବାଦ ଗ୍ରନ୍ଥ, ୨ଟି କବିତା, ଆଦିବାସୀ ଭାଷା ଓ ସାହିତ୍ୟ ଉପରେ ୫ଟି ଗବେଷଣାତ୍ମକ ପୁସ୍ତକ ଓ ଇଂଲିଶ୍‌ରେ ୧ଟି ଜୀବନୀ ପୁସ୍ତିକା ତାଙ୍କର ଅମୂଲ୍ୟ ଅବଦାନ। ଆଶ୍ଚର୍ଯ୍ୟ କଥା, ସେ ଇଂଲିଶ୍‌ରେ ଏମ୍‌ଏ ପଢୁଥିବାବେଳେ ୧୬ଟି ପାରିଭାଷିକ ସାହିତ୍ୟକୁ ନେଇ 'କଳାଶକ୍ତି' ନାମକ ଉଚ୍ଚକୋଟୀର ସମାଲୋଚନା ପୁସ୍ତକଟିଏ ଲେଖିଛନ୍ତି। ଏଥିସହିତ କେତେକ ଗ୍ରନ୍ଥ ବାଇବେଲ, କୋରାନ୍‌ର ଅନୁବାଦ, ସ୍ମୃତିଲିପି ଓ ଦସ୍ତାବିଜ ପ୍ରଭୃତି ଉଲ୍ଲେଖନୀୟ। ତାଙ୍କ ଆତ୍ମଜୀବନୀ 'ସ୍ରୋତସ୍ୱତୀ' ୩ଟି ଭାଗରେ ପ୍ରକାଶ ପାଇଛି, ଯାହା ପ୍ରତ୍ୟେକ ଓଡ଼ିଆଙ୍କର ଜୀବନ ବେଦ। ମଣିଷ ମନର ଅକୁହା କଥା ହୃଦୟର ଗଭୀର ପ୍ରଦେଶରୁ ଛଟପଟ ହେଉଥିବା ଆତ୍ମାର ଉଚ୍ଚାରଣ ସବୁକୁ ବ୍ୟଞ୍ଜନା ମାଧ୍ୟମରେ ଓଡ଼ିଆ ଭାଷାରେ ଖୁବ୍ ସହଜରେ ପ୍ରକାଶ କରିପାରିଛନ୍ତି। ତାଙ୍କର ସମଗ୍ର କାବ୍ୟ ସୌଷ୍ଠବ ତେଣୁ ଅଧିକ ମଞ୍ଜୁଳ ଓ ଆବେଗମୟ।

ଗୋପୀନାଥଙ୍କ ଉପନ୍ୟାସ ସୃଜନଧର୍ମର ଏକ ପରିପ୍ରକାଶ। ୧୯୪୪ରେ ପ୍ରକାଶିତ ଦାଦିବୁଢ଼ା, ୧୯୪୫ରେ ପରଜା, ୧୯୪୯ରେ ଅମୃତର ସନ୍ତାନ, ୧୯୫୫ରେ ଶିବଭାଇ, ୧୯୬୧ରେ ଅପହଞ୍ଚ, ୧୯୭୬ରେ ବଘେଇ, ୧୯୯୩ରେ ଅନାମ– ଏସବୁ ଆଦିବାସୀମାନଙ୍କ କୁରେଇଫୁଲ ଓ ମହୁଲି ବାସ୍ନାରେ ବାସ୍ନାୟିତ। ବିଶେଷକରି କନ୍ଧ ଓ ପରଜା ସମ୍ପ୍ରଦାୟର ସଂସ୍କୃତି, ପରମ୍ପରା, ସଂଘାତ, ଶୋଷଣ, ଗୋତିପ୍ରଥା ଓ ଅନ୍ୟାୟ ବିରୁଦ୍ଧରେ ହିଂସ୍ର ଆକ୍ରମଣ ପ୍ରଭୃତି ଯେମିତି ଗୋପୀନାଥଙ୍କ ଉପନ୍ୟାସରେ କାଚକେନ୍ଦୁ ପରି ଚକ୍‌ଚକ୍ ଦିଶେ।

୧୯୫୫ରେ ଲିଖିତ ଦାନାପାଣି ଉପନ୍ୟାସରେ ଆଧୁନିକସମାଜକୁଏକ ନୈତିକଶିକ୍ଷା ଦେଖାଇବାରେ ସଫଳ ହୋଇଛନ୍ତି। ବଳିଦତ୍ତର ଆଧୁନିକ ସମାଜ ପାଇଁ କୁତ୍ସ ଅଭିଳାଷ ଏବଂ ସରୋଜିନୀର ପରୋକ୍ଷ କଟାକ୍ଷ ଦାନାପାଣିକୁ ଦେଇଛି ବାସ୍ତବଜୀବନର ନିଚ୍ଛକ ପ୍ରତିଛବି। ରାହୁର ଛାୟା ଓ ଲୟବିଲୟ ବି ସେମିତି। ମନର ନିଆଁ ପୁଣି କିଛି କହିବାକୁ ଚାହେଁ, ମାତ୍ର କହିପାରେନି। ସବୁ ଚରିତ୍ରଗୁଡ଼ିକୁ ଜୀବନ୍ତ ଭାବେ ପ୍ରତିପାଦିତ କରେଇବାରେ ଗୋପୀନାଥ ସିଦ୍ଧହସ୍ତ।

୧୯୬୪ରେ ପ୍ରକାଶିତ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ତାଙ୍କ ମାଟି ମଟାଳ ଏପିକ୍ ଓଡ଼ିଆ ଭାଷା ଭଣ୍ଡାରର ଏକ ଅମୂଲ୍ୟକୀର୍ତ୍ତି। ଏଥିରେ ମାନବବାଦୀ ଦର୍ଶନ ଏବଂ ସାମ୍ୟବାଦୀ ଚିନ୍ତାଧାରା ସହିତ ଆଦର୍ଶ ଗ୍ରାମ୍ୟ ଜୀବନ, ସାମାଜିକ ନ୍ୟାୟକୁ ଗୋପୀନାଥ ଗୁରୁତ୍ୱ ଦେଇଛନ୍ତି। ସମୟସ୍ରୋତରେ ବଦଳିଯାଉଥିବା ମଣିଷର ଅନ୍ତଃପ୍ରକୃତିକୁ କିପରି ସ୍ୱଚ୍ଛ କରାଯାଇପାରିବ– ମାଟି ମଟାଳ ତାହାର ଏକ ବାସ୍ତବ ପରୀକ୍ଷାଗାର। ବନ୍ଧମୂଳଗାଁର ବଟ ମହାନ୍ତିଙ୍କ ଶିକ୍ଷିତ ପୁଅ ରବି ଏବଂ ରବିର ଗାଁଠାରୁ ଅନତିଦୂରରେ ଥିବା ପାଟେଲିଗାଁର ସିନ୍ଧୁ ଚୌଧୁରୀଙ୍କ ଯୁବତୀଝିଅ ଛବି, ଗାଁ ଲୋକଙ୍କୁ ବନ୍ୟାଦାଉରୁ ରକ୍ଷା କରିଥିବାର ଉପସ୍ଥାପନା, ଗୋପୀନାଥଙ୍କର ଏକ ଅନନ୍ୟ ସଂସ୍କାରୀ ଉଦ୍ୟମ। ୧୯୪୦–୧୯୪୪ ଭିତରେ କୋରାପୁଟର ଉଚ୍ଚ ପଦବୀରେ ଥାଇ ସରକାରୀ ଜୀବନକାଳ ଭିତରେ ଦାଦିବୁଢ଼ା, ପରଜା, କୁଇକନ୍ଧ ଭାଷାତତ୍ତ୍ୱ, ଗଦବା ଭାଷାପରିଚୟ, କନ୍ଧ– ପରଜାସ୍ତୋତ୍ର ଓ ସଂଗୀତ ଆଦି ତାଙ୍କୁ ଆଶ୍ଚର୍ଯ୍ୟର ଉଲ୍‌କାପିଣ୍ଡ ଭାବେ ପରିଚିତି ଦେଇପାରିଛି। କୋରାପୁଟର ପାହାଡ଼ିଆ ପବନର ନୀରବ ଗୀତ ଓ ନିଃସଙ୍ଗ ଇଲାକାରେ ଜୀବନ ବଞ୍ଚିଥିବା ଦାଦିବୁଢ଼ାର ଜୀବନଗାଥା, ଜଣେ ପଢ଼ିଲେ ଅନୁଭବ କରିପାରିବ ଗୋପୀନାଥ କେତେ ନିବିଡ଼ ଭାବରେ ଏମାନଙ୍କ ଭିତରେ ସଞ୍ଚରି ଯାଇଛନ୍ତି। ସେଇ କୋରାପୁଟର ସରଷୁପଦର ଗାଁର ଶୁକ୍ରୁଜାନି, ତା'ର ଦୁଇ ଭେଣ୍ଡିଆ ପୁଅ– ମାଣ୍ଡିଆ ଓ ଟିକ୍ରା, ଦୁଇ ଅଭିଆଡ଼ୀ ଧାଙ୍ଗେଡ଼ୀ ଜିଲି ଆଉ ବିଲିକୁ ନେଇ ପରଜା ଉପନ୍ୟାସର ପରିଧି। ସାହୁକାରମାନଙ୍କର ଯାବତୀୟ ନିର୍ଯାତନାର ସ୍ୱର ଏଥିରେ ଶାଣିତ। ଧନିକମାନଙ୍କ ପାଇଁ ଏକ ତୀକ୍ଷ୍ଣ ସମାଲୋଚନା।

ଜୟନ୍ତୀ ଉପଲକ୍ଷେ



୧୯୪୯ ମସିହାରେ ଗୋପୀନାଥଙ୍କର ଅନ୍ୟ ଏକ ଅନୁପମ ଉପନ୍ୟାସ ଅମୃତର ସନ୍ତାନ। ଏଥିରେ କୋରାପୁଟର ମଣିପାୟୁ ଗାଁର ଆଦିବାସୀ ଜୀବନର ନିଚ୍ଛକ ପ୍ରତିଛବି ପ୍ରତିଫଳିତ। ଏହାକୁ ଏକ ଗୀତିମୟ ଉପନ୍ୟାସ ବି କୁହାଯାଇପାରେ। ଭାଙ୍ଗିପଡୁଥିବା ଜୀବନକୁ ସାଉଁଟି ଆଣି ଜୀବନ ଦେବାରେ ସଫଳ ଗୋପୀନାଥଙ୍କର ଏହାହିଁ ସ୍ୱତନ୍ତ୍ରତା। ଜୀବନକୁ ନେଇ ସେ ଖୁବ୍ ଆଶାବାଦୀ। କହିଛନ୍ତି– "ଜୀବନରେ ସୁଆଦ ଅଛି। ମରଣ ନାହିଁ। ଦୁଃଖ ନାହିଁ।" ସତରେ କେତେ ଜୀବନବାଦୀ ମଣିଷଟିଏ! ଜୀବନର ବାସ୍ତବତା ଉପରେ ବିଶ୍ୱାସ ରଖିଥିବା ମଣିଷମାନଙ୍କର ନିରୀହ ଆଖିକୁ ସେ ପଢ଼ିପାରିଛନ୍ତି ଏବଂ ଲେଖିଛନ୍ତି ୧୯୪୮ରେ ହରିଜନ। ଏଥିରେ ହରିଜନ ଝିଅଟିଏ 'ପୁନି'ର ସରଳ ଚାହାଣି ତାଙ୍କ ହୃଦୟକୁ ଖିନ୍‌ଭିନ୍ କରିଦେଇଛି। ଜଣେ ଦାୟିତ୍ୱହୀନ ପଶ୍ଚିମ ଭାରତୀୟ ବ୍ୟକ୍ତି ସହ ସଂସ୍ପର୍ଶରେ ଆସିଥିବା ମେହେନ୍ତରାଣୀ ପୁନିମାଆର ସମ୍ପର୍କରୁ ସୃଷ୍ଟି ପୁନିର ଜୀବନଗାଥା। କେତେ କରୁଣ, କେତେ ଦୟନୀୟ ଗୋପୀନାଥଙ୍କ ଲେଖନୀରେ ତାହା ଜୀବନ୍ତ। ଶିବଭାଇ, ବଘେଇ ଉପନ୍ୟାସଗୁଡ଼ିକ ମଧ୍ୟରେ କନ୍ଧ, ଆଦିବାସୀମାନଙ୍କର ଜୀବନଯନ୍ତ୍ରଣାର ସ୍ୱରଲିପି ସୁସ୍ପଷ୍ଟ।

ତାଙ୍କ କୃତୀ ଓ କୃତିତ୍ୱକୁ ବଖାଣିବା ଏତେ ସ୍ୱଳ୍ପ ସମୟ ଭିତରେ କେବଳ ଦୁଃସାହସ ମାତ୍ର। ତାଙ୍କ ଗଳ୍ପ ସଂକଳନଗୁଡ଼ିକ ଭିତରେ ଘାସଫୁଲ, ପୋଡ଼ା କପାଳ, ନବବଧୂ, ରଣଧନ୍ଦୋଳ, ଛାଇଆଲୁଅ, ଉଡ଼ନ୍ତାଖଇ, ମନର ନିଆଁ, ସାତପାଞ୍ଚ, ଶରଶଯ୍ୟା ଇତ୍ୟାଦି ଏବଂ ମୃତ୍ୟୁ ପରେ ପ୍ରକାଶିତ ତିନିକାଳ, ବାଟବନ୍ଧ ଓ ଅନ୍ୟାନ୍ୟ ଗ୍ରନ୍ଥ ଏବଂ ଗୁରୁତ୍ୱପୂର୍ଣ୍ଣ କଥା ୨୦୦୭ ମସିହାରେ ୨୦ଟି ଗ୍ରନ୍ଥର ସମାହାରରେ ସୋପାଂଗାଡ଼ା, ସମଗ୍ର ଓଡ଼ିଆ ସାହିତ୍ୟ ଜଗତକୁ ଚମତ୍କୃତ କରିଦେଇଛି। ତାଙ୍କର ଅନ୍ୟତମ ଶ୍ରେଷ୍ଠ କୃତି ହେଉଛି ଆତ୍ମଜୀବନୀ ସ୍ରୋତସ୍ୱତୀ। ଏହା ତିନିଖଣ୍ଡରେ ପ୍ରକାଶ ପାଇଛି।

ଏତେସବୁ ସୃଷ୍ଟିର ସ୍ରଷ୍ଟା, ଉତ୍କଳ ମାଟିର ଯୋଗ୍ୟତମ ସନ୍ତାନ, ଓଡ଼ିଆ ଅସ୍ମିତାର ଆଦି ସ୍ୱରର ନାୟକ ଗୋପୀନାଥ ମହାନ୍ତି, ୧୯୧୪ ମସିହା ଏପ୍ରିଲ ୨୦ରେ ଜନ୍ମଗ୍ରହଣ କରି ୧୯୯୧ ମସିହା ଅଗଷ୍ଟ ୨୦ରେ ନଶ୍ୱର ଶରୀର ତ୍ୟାଗ କରିଛନ୍ତି। ଛାଡ଼ିଯାଇଛନ୍ତି ଓଡ଼ିଶାର ଅଗଣିତ ପାଠିକା ପାଠକଙ୍କ ପାଇଁ ଜୀବନବୋଧର ମନ୍ତ୍ର, ସମାଜ ସଂସ୍କାରର ସଂହିତା। ଗୋପୀନାଥଙ୍କର ଅମୂଲ୍ୟ କୃତିଗୁଡ଼ିକ ଚିରକାଳ ଓଡ଼ିଆ ଭୂମିରେ, ଓଡ଼ିଆ ହୃଦୟରେ ଓ ଓଡ଼ିଆ ସାହିତ୍ୟ ଜଗତରେ ଅମୂଲ୍ୟ କୀର୍ତ୍ତିସ୍ତମ୍ଭ ହୋଇ ରହିଥିବ।

ମୋ: ୮୯୧୭୩୩୨୫୮୫

## ଏଇ ଭାରତରେ

ଅଲିଭ ରିଡ୍‌ଲେ କଇଁଛ ସମୁଦ୍ର କୂଳ ବାଲିରେ ଅଣ୍ଡାଦେବା ସମୟରେ ସେହି ଅଞ୍ଚଳକୁ ପ୍ରଦୂଷଣମୁକ୍ତ ତଥା ସୁରକ୍ଷିତ ରଖିବାକୁ ହୋଇଥାଏ। ଚେନ୍ନାଇର ଷ୍ଟୁଡେଣ୍ଟ୍ସ ସି ଟର୍ଟଲ କଞ୍ଜରଭେଶନ ନେଟ୍‌ୱର୍କ(ଏସ୍‌ଏସ୍‌ଟିସିଏନ୍) ଏ କ୍ଷେତ୍ରରେ ଆଖିଦୃଶିଆ କାମ କରୁଛି। ଏଥିରେ ମାର୍କେଟିଂ, ପରିବେଶ ବିଜ୍ଞାନ, କନ୍‌ସଲଟିଂ ଏବଂ ଅନ୍ୟ କ୍ଷେତ୍ରରୁ ଆସିଥିବା ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାସେବୀ ଭାବେ କାମକରନ୍ତି। ପ୍ରତିଦିନ ସେମାନେ ଚେନ୍ନାଇ ବେଳାଭୂମିରେ ଏକାଠି ହୋଇ ଅଲିଭ ରିଡ୍‌ଲେ ଅଣ୍ଡା ଦେଉଥିବା ସ୍ଥାନର ସୁରକ୍ଷା କରୁଛନ୍ତି। କଇଁଛ ଅଣ୍ଡାଦେଉଥିବା ସ୍ଥାନ ଚାରିପାଖରେ ବ୍ୟାରିକେଡ୍ କରାଯିବା ସହ ସେହି ସ୍ଥାନକୁ ପ୍ରଦୂଷଣ ଓ କୋଳାହଳମୁକ୍ତ ରଖାଯାଇଛି। ଏହି କାର୍ଯ୍ୟରେ ତାମିଲନାଡୁ ବନ ବିଭାଗ ସହଯୋଗ କରୁଛି। କଇଁଛ କିଭଳି ଅଣ୍ଡା ଦେଇ ସୁରକ୍ଷିତ ଭାବେ ଫେରିଯିବ ତା'ଉପରେ ଗୁରୁତ୍ୱ ଦିଆଯିବା ସହ ଅଣ୍ଡାକୁ କୌଣସି ପ୍ରାଣୀ ଯେପରି ନଷ୍ଟକରି ନ ଦିଅନ୍ତି ସେଥିପ୍ରତି ନଜର ରଖାଯାଉଛି। ସ୍ୱେଚ୍ଛାସେବୀମାନେ ପାଳିକରି ରାତି ୧୧ରୁ ଭୋର ୪ଟା ଯାଏ ଜଗି ରହୁଛନ୍ତି। ବଡ଼କଥା ହେଉଛି କଇଁଛ ଅଣ୍ଡା ଦେବା ପରେ ସେଗୁଡ଼ିକୁ ସଂଗ୍ରହ କରାଯାଏ। ପରେ ଏସ୍‌ଏସ୍‌ଟିସିଏନ ଦ୍ୱାରା ନିର୍ମିତ ହ୍ୟାଚେରିକୁ ନିଆଯାଏ। ଅଣ୍ଡାରୁ କଇଁଛ ଛୁଆ ବାହାରିବା ପରେ ସେମାନଙ୍କୁ ରାତିରେ ଟର୍ଚ୍ଚ ଲାଇଟ୍‌ରେ ବାଟ କଢ଼ାଇ ନେଇ ପାଣିରେ ଛାଡ଼ୁଛନ୍ତି। ଏହାବ୍ୟତୀତ ପାଣିରୁ ଛୁଆଗୁଡ଼ିକ ଯେମିତି ଫେରି ନ ଆସନ୍ତି ତାହାକୁ ନିରୀକ୍ଷଣ କରୁଛନ୍ତି ଏବଂ ଫେରିଆସୁଥିବା ଛୁଆକୁ ପୁନର୍ବାର ପାଣିରେ ଛାଡ଼ୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଏପ୍ରିଲ ୧୯୭୬

- ଲେବାନନ୍‌ରେ ଯୁଦ୍ଧବିରତି ଘୋଷଣା କରାଯିବା ସତ୍ତ୍ୱେ କ୍ରମାଗତ ସଂଘର୍ଷ ହେତୁ ଲେବାନନ୍‌ର ଶାନ୍ତି ପ୍ରଚେଷ୍ଟା ଉଦ୍ୟମ ବ୍ୟାହତ।
- ପଞ୍ଚମ ଯୋଜନା କାଳରେ ଦେଶର ପାର୍ବତ୍ୟ ଅଞ୍ଚଳରେ ବିକାଶ ପାଇଁ ସରକାର ୫ଶହ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି।

## ଚିରନ୍ତନୀ

ସକଳ ଗ୍ଳାନି ସକଳ ତାପ
ପୁଞ୍ଜୀଭୂତ ଜୀବନେ ପାପ
ଉଭେଇ ଗଲା ମାନବ ପରୁଁ
ସକଳ ଅବିଶ୍ୱାସ
ବିଶ୍ୱ ହେଲା ନିକଟତମ ଅତି ହିଁ ପ୍ରିୟ, ପ୍ରାସ।
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମ୍ୟୁଜିୟମ ଦେୟ ହ୍ରାସ ହେଉ

ମହାଶୟ,

ନେତାଜୀ ସଂଗ୍ରହାଳୟରେ ପ୍ରବେଶ ପାଇଁ ୮୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଛୋଟପିଲା ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ଦେୟମୁକ୍ତ ରଖାଯାଇଛି। କିନ୍ତୁ ଛାତ୍ରୀଛାତ୍ରମାନଙ୍କ ପାଇଁ ଅଧା ଦେୟ ଧାର୍ଯ୍ୟ ରହିଛି। ବୟସ୍କଙ୍କ ପାଇଁ ଯାନବାହନ ସହ ବିଭିନ୍ନ ପ୍ରକୋଷ୍ଠ ନିମନ୍ତେ ଅଲଗା ଦେୟ ରଖାଯାଇଛି। ଜଣେ ବୟସ୍କଙ୍କ ପାଇଁ ସବୁଶ୍ରେଣୀର ଲୋକଙ୍କ ପ୍ରତି ଯାହା ପ୍ରଯୁଜ୍ୟ ତାହା ହେବା ଉଚିତ ନୁହେଁ। ଏହି ଦେୟ ଗରିବଙ୍କ ପାଇଁ କୋହଳ କରାଯାଉ। ରାଜ୍ୟ ସରକାର ହ୍ରାସ କରିବାକୁ ଧ୍ୟାନ ଦିଅନ୍ତୁ।

**– ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୁସୁମପାଲି ମୌଜା ନାଁ ଅପରିବର୍ତ୍ତିତ ରଖିବାକୁ ଦାବି

ନବରଙ୍ଗପୁର,୧୯।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ଅଧୀନ କୁସୁମପାଲି ମୌଜାକୁ କଟନିଆଗୁଡ଼ାରେ ମିଶାଇ ଦିଆଯିବ । ଏହାକୁ କୁସୁମପାଲି ମୌଜା ଲୋକେ ଦୁର୍ଭାଗ୍ୟଜନକ କହିବା ସହ ଶନିବାର ପୂର୍ବାହ୍ନରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ମିନାକ୍ଷୀ ନାୟକଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଦୀର୍ଘ ବର୍ଷ ଧରି ମୌଜାରେ ରହି ଆସିଥିବା କୁସୁମପାଲିରାଜୋତା ରାଜସ୍ୱ ବିଭାଗର ଏକ ବଡ଼ ଗାଁ। ଜନସଂଖ୍ୟା ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ହେବ। କିନ୍ତୁ କଟନିଆଗୁଡ଼ା କୁସୁମପାଲି ତୁଳନାରେ ଜନସଂଖ୍ୟା କମ୍। ୨ ଗ୍ରାମ ମଧ୍ୟରେ ଦୂରତା ମାତ୍ର ୮୦୦ ମିଟର । ଜନସଂଖ୍ୟା ହିସାବରେ କୁସୁମପାଲି ଗାଁରେ ୨ଟି ଭୋଟ ଗ୍ରହଣ କେନ୍ଦ୍ର ମଧ୍ୟ ଅଛି। କଟନିଆଗୁଡ଼ାର ଭୋଟରମାନେ କୁସୁମପାଲି ଗାଁକୁ ଆସି ଭୋଟ ଦେଇଥାନ୍ତି। କେତେକଣ ବ୍ୟକ୍ତି ୨ ଗ୍ରାମକୁ ବିଭାଜନ କରିବାକୁ ଚେଷ୍ଟା କରୁଥିବା ହେତୁ ଏହି ସମସ୍ୟା ଦେଖାଦେଇଛି, ଯାହାକି କୁସୁମପାଲି ଗ୍ରାମବାସୀ କଦାପି ଚାହୁଁନାହାନ୍ତି। କିଛିଦିନ ପୂର୍ବେ କୁସୁମପାଲି ଗ୍ରାମର ଲୋକଙ୍କ ଦସ୍ତଖତରେ କଟନିଆଗୁଡ଼ା ମୌଜା ହେବ ବୋଲି କୁହାଯାଇଛି। କିନ୍ତୁ ଏଠାକାର ଗ୍ରାମବାସୀ କେବେ ସେ ସପକ୍ଷରେ ସ୍ୱାକ୍ଷର ଦେଇନାହାନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ପୂର୍ବପୁରୁଷରୁ ଦେବଦେବୀଙ୍କ ପୂଜାସ୍ଥଳିମାନ ରହିଛି, ଯେଉଁଥିରେ ଉଭୟେ ଆଦିବାସୀ ସମ୍ପ୍ରଦାୟ ଗ୍ରାମବାସୀ ପୂଜାର୍ଚ୍ଚନା କରନ୍ତି। ବର୍ତ୍ତମାନ କିଛି ସ୍ୱାର୍ଥପର ଲୋକ ଦୁଇ ଗ୍ରାମ ମଧ୍ୟରେ ଅଶାନ୍ତି ପରିବେଶ ସୃଷ୍ଟିକରିବାକୁ ଚେଷ୍ଟା କରୁଥିବା ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। କୁସୁମପାଲି ମୌଜା ଅପରିବର୍ତ୍ତିତ ରଖିବା ପାଇଁ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କୁସୁମପାଲି ଗାଁର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।


କୁସୁମପାଲିବାସୀ ଡେପୁଟି କଲେକ୍ଟର ମିନାକ୍ଷୀ ନାୟକଙ୍କୁ ଦାବିପତ୍ର ଦେଉଛନ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ନବରଙ୍ଗପୁର,୧୯।୪(ସଦାଶିବ ପ୍ରହରାଜ)

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦୁପତ୍ର କର୍ମଚାରୀ ସଂଘର ଦାବିପତ୍ର

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ନବରଙ୍ଗପୁର ଶାଖା ପକ୍ଷରୁ ସ୍ଥାନୀୟ ଶନିବାର ରିଜିଶାନ ପ୍ରିମିୟମ ମଣ୍ଡପରେ ଏକ ବୈଠକ କରାଯାଇଥିଲା। ସେଥିରେ ସଂଘ ପକ୍ଷରୁ ରହିଥିବା ୧୦ଟି ଦାବି ଉପରେ ଆଲୋଚନା ହୋଇଥିଲା। ପରେ ସଂଘ ସଦସ୍ୟମାନେ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦୁପତ୍ର ଡିଏଫଓ ଘନଶ୍ୟାମ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ବଜେଟ ପ୍ରାପ୍ତ ୧୦୦ କୋଟି ଟଙ୍କାରୁ ୫୦ କୋଟି ଟଙ୍କା କାଟ କରିଦେବା, ସରକାରୀ ଘୋଷଣା ସତ୍ତ୍ୱେ କନ୍ୟା ବିବାହ ସହାୟତା ପ୍ରଦାନରେ ବିଳମ୍ବ ଓ ଅବହେଳା କରାଯାଉଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ସର୍ବନିମ୍ନ ମଜୁରି ବୃଦ୍ଧି ନେଇ ଜୁଲାଇ ମାସରୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ କରାଯାଇନାହିଁ। ତ୍ରୁଟିପୂର୍ଣ୍ଣଭାବେ କେଏଲବିଚ ଗଠନ କରାଯାଉଥିବାରୁ ଏସବୁର ପ୍ରତିବାଦ କରାଯାଇଛି। ଅନ୍ୟ ସାମାଜିକ ନିରାପତ୍ତାମୂଳକ ଆର୍ଥିକ ସହାୟତା ପ୍ରଦାନରେ ବିଳମ୍ବ, ଘୋଷଣା ଅନୁଯାୟୀ କେନ୍ଦୁପତ୍ର ଅବହେଳା କରାଯାଏ ତା'ହେଲେ ରାଜ୍ୟବ୍ୟାପୀ ଡିଏଫଓ କାର୍ଯ୍ୟାଳୟରେ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନରେ ଓଡ଼ିଶାର ୧୯ ଡିଭିଜନରେ ଧାରଣା ସମାବେଶ କରାଯାଉଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବା ନେଇ ସଙ୍ଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ଚେତାବନୀ ଦେଇଛନ୍ତି। ସମ୍ପାଦକ ମହମ୍ମଦ ମୁସ୍ତଫା ଏହାକୁ ସମର୍ଥନ କରିଥିଲେ। ଏହି ଦାବିପତ୍ରର ନକଲ ଜଙ୍ଗଲ ବିଭାଗ ମନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପିସିସିଏଫଙ୍କୁ ପ୍ରଦାନ କରାଯାଇଛି। ଏହି ଧାରଣା, ଘେରାଉ କାର୍ଯ୍ୟକ୍ରମରେ ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୁସ୍ତଫା, ମିଡିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ, ଯୁବନେତା ଧର୍ମେନ୍ଦ୍ର ଅଧିକାରୀ, ଡିଭିଜନ ସମ୍ପାଦକ ଭାଗିରଥି ବିଷୋୟୀ, ଜଗନ୍ନାଥ ଶତପଥୀ, ସହସମ୍ପାଦକ



କେନ୍ଦୁପତ୍ର ତୋଳାଳି ସଂଘ ବୈଠକରେ ଆଲୋଚନା ଚାଲିଛି।

ଦର ବୃଦ୍ଧି ହେଉ ନ ଥିବା ଉଲ୍ଲେଖ ରହିଛି। କେନ୍ଦୁପତ୍ର ସଂସ୍ଥାରୁ ସଂଗ୍ରହ କରାଯାଉଥିବା ୧୮ ପ୍ରତିଶତ ଜିଏସ୍‌ଟିକୁ ବାତିଲ ହୋଇଛି । ଏହି ବାବଦରେ ଅସୁଲ ଅର୍ଥକୁ କେନ୍ଦ୍ର ଓ ରାଜ୍ୟ ସରକାର ଫେରସ୍ତକରି ସାମାଜିକ ଯୋଜନା ମାଧ୍ୟମରେ ତୋଳାଳି ଓ କର୍ମଚାରୀଙ୍କୁ ପ୍ରଦାନ କରିବାକୁ ଦାବି ହୋଇଛି। କନ୍ୟା ବିବାହ ସହାୟତା ଦେବାରେ ଯଦି କୋକିଳ ନାୟକ, ଲକ୍ଷ୍ମୀ ବିଷୋୟୀ, ରାମଚନ୍ଦ୍ର ବିଷୋୟୀ, ରାଜେଶ କୁଲଦୀପ, ସଞ୍ଜୀବ ଗଣ୍ଡ, ଲାଇରମ୍ ଗୁଇଁତା, ଯୋଦ୍ଧା ସୁନା, ଲମ୍ବୁଧର ଶତପଥୀ, ବାସୁଦେବ ନାୟକ, ଶୋଭା ସୁନ୍ଦର ଗିରି, ଗୋମତି ନାୟକ, ଆରତୀ ହରିଜନ, ଶକୁନ୍ତଳା ମାଝି, ମୁଦ୍ରିକା ବାଗ, ତିଲୋତ୍ତମା ପୂଜାରୀ ତୋଳାଳି ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ।

# ରକ୍ତଦାନ କଲେ ରକ୍ତ ଭଣ୍ଡାରର ୨୬ କର୍ମଚାରୀ

ଉମରକୋଟ, ୧୯।୪ (ସନ୍ତୋଷ ଶତପଥୀ)


ଜଣେ କର୍ମଚାରୀ ରକ୍ତ ଦେଉଛନ୍ତି ।

ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଥିବା ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଯୋଗୁ ରୋଗୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିସ୍ଥିତି ଗମ୍ଭୀର ହେଉଥିବା ଦେଖି ଦେଖି ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ଉପଖଣ୍ଡ ଚିକିତ୍ସାଳୟର ସମସ୍ତ କର୍ମଚାରୀଙ୍କ ପ୍ରୟାସରେ ଶନିବାର ୨୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହାକୁ ରକ୍ତ ଭଣ୍ଡାରରେ ଗଚ୍ଛିତ ରଖାଯାଇଛି। ରକ୍ତ ସଂଗ୍ରହ ସମୟରେ ଉପଖଣ୍ଡ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ଡା.ଶରତଚନ୍ଦ୍ର ସେଠି, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡକ୍ଟର ସୁମନ୍ତ ରାଉଳ, ରକ୍ତ ଭଣ୍ଡାର ଅଧିକାରୀ ଡା.ସବ୍ୟସାଚୀ ଦାସ ଏବଂ ଅନ୍ୟ ଡାକ୍ତର ଓ ହସ୍ପିଟାଲ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଏଏମ୍ ବିଶ୍ୱଜିତ ସୁନା, ଡା. ଦେବବ୍ରତ ପାଢ଼ୀ, ଡା. ଅର୍ପିତା ପ୍ରିତମ ନାୟକ ଏବଂ ଅନୁଷ୍ଠାନ ଅନ୍ୟ କର୍ମଚାରୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ସିଡିଏମ୍‌ଓ ଡା ସନ୍ତୋଷ କୁମାର ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି।

# ଉତ୍ତରାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ସଂଶୋଧନ ଦାବି

ନବରଙ୍ଗପୁର, ୧୯।୪ (ସଦାଶିବ ପ୍ରହରାଜ)

## ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ପରିଷଦ ଅଧ୍ୟକ୍ଷଙ୍କ ଖବରଦାତା ସମ୍ମିଳନୀ

ରାଜ୍ୟ ସରକାରଙ୍କ ପକ୍ଷରୁ ମୃତ ରୟତ (ଭୂ –ସମ୍ପତ୍ତି ମାଲିକ)ଙ୍କ ଉତ୍ତରାଧିକାରୀ ଚିହ୍ନଟ ସହ ପ୍ରଜାଖାତା ସଂଶୋଧନ ନିମନ୍ତେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୨୦୨୫ ଫେବୃୟାରୀ ୧୮ ପତ୍ର ସଂଖ୍ୟା ୬୫୬୨ ଅନୁଯାୟୀ ନିର୍ଦ୍ଧାରିତ ମୃତ ସମ୍ପତ୍ତି ମାଲିକଙ୍କ ବଂଶାବଳୀ ନିରୂପଣ ସହ ଉତ୍ତରାଧିକାରୀ ଚିହ୍ନଟ ତଦନ୍ତ ପ୍ରକ୍ରିୟାରେ ରାଜସ୍ୱ ନିରୀକ୍ଷକ ମାନଙ୍କୁ ନିୟୋଜିତ କରାଯାଇଛି। ତେବେ ଏଥିପାଇଁ ବ୍ୟବହୃତ ନିୟମାବଳୀ କେବଳ ହିନ୍ଦୁ ଉତ୍ତରାଧିକାରୀ ନିରୂପଣ ତଥା ହିନ୍ଦୁ ସକ୍ସେସନ ଆକ୍ଟ –୧୯୫୬ ଅନୁଯାୟୀ ବ୍ୟବହାର ହେଉଥିବା ବେଳେ ଆଦିବାସୀ ରୟତଙ୍କ ଉତ୍ତରାଧିକାରୀ ଚିହ୍ନଟ ପ୍ରକ୍ରିୟାକୁ ବାଦ ଦିଆଯାଇଥିବା ବରିଷ୍ଠ ଆଦିବାସୀ ନେତା ତଥା ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝୀ ଶନିବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସେ ସରକାରଙ୍କ କାର୍ଯ୍ୟାବଳୀକୁ ପ୍ରଶଂସା କରିଥିବାବେଳେ ତଦନ୍ତ ପାଇଁ ବ୍ୟବହୃତ ବିବରଣୀ ସଂଗ୍ରହ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ଉତ୍ତରାଧିକାରୀ ନିରୂପଣ ବା ସାବ୍ୟସ୍ତ ହିନ୍ଦୁ ସକ୍ସେସନ ଆକ୍ଟରେ ଯାହା ରହିଛି ତାହା ଆଦିବାସୀଙ୍କ ପାଇଁ ଲାଗୁ ହୋଇପାରିବ ନାହିଁ। କାରଣ ଓଡିଶା ସରକାରଙ୍କ ଟ୍ରାଇବାଲ ରିସର୍ଚ୍ଚ ବ୍ୟୁରୋଙ୍କ ୧୯୭୨ ସେପ୍ଟେମ୍ବର ୧୪ ତାରିଖର ପତ୍ର ସଂଖ୍ୟା ୧୯୫୨ ଅନୁଯାୟୀ ଆଦିବାସୀ ସମ୍ପ୍ରଦାୟ ହିନ୍ଦୁ ଉତ୍ତରାଧିକାରୀ ନିୟମ ଅନୁଯାୟୀ ପରିଚାଳିତ ନୁହନ୍ତି। ସେମାନଙ୍କ ପ୍ରଚଳିତ ପ୍ରଥା ଅନୁଯାୟୀ ଝିଅ ବିବାହ ପରେ ପରିବାର ବର୍ହିଭୁତ ହେଉଥିବା ଓ ମୃତ ପିତୃ ପୁରୁଷଙ୍କ ପିଣ୍ଡଦାନ କରୁନଥିବାରୁ ମୃତ ପିତାଙ୍କ ସମ୍ପତ୍ତିରୁ ବଞ୍ଚିତ ରହିବେ। ସେହିଭଳି ବିବାହିତା ପତ୍ନୀ ସ୍ୱାମୀଙ୍କ ଅନ୍ତେ ପିତୃ ପୁରୁଷଙ୍କ ପିଣ୍ଡଦାନ ଓ ଗ୍ରାମଦେବତୀଙ୍କ ପୂଜାପାଠରେ ଯୋଗ ଦେଉନଥିବାରୁ ସେ ମଧ୍ୟ ସମ୍ପତ୍ତିର ପୂର୍ଣ୍ଣ ଉତ୍ତରାଧିକାରୀ ହୋଇପାରିବେ ନାହିଁ। ତେଣୁ ଉଭୟ ବର୍ଗ ପାଇଁ ଉତ୍ତରାଧିକାରୀ ଚିହ୍ନଟ ପ୍ରକ୍ରିୟା ଭିନ୍ନ ରହିଥିବାବେଳେ ସରକାରଙ୍କ ବର୍ତ୍ତମାନର ତଦନ୍ତ ବ୍ୟବସ୍ଥାରେ ଢାଞ୍ଚା ପରିବର୍ତ୍ତନ ହୋଇନାହିଁ। ଗୋଟିଏ ପଟେ ସର୍ଭେରେ ବ୍ୟବହୃତ ଫର୍ମାଟ କେବଳ ହିନ୍ଦୁ ସକ୍ସନ ଆକ୍ଟ ଅନୁସାରେ ହୋଇଥିବାବେଳେ ତଦନ୍ତକାରୀ ଅଧିକାରୀ ରାଜସ୍ୱ ନିରୀକ୍ଷକ ଅଥବା କର୍ମଚାରୀଙ୍କୁ ଏ ବାବଦରେ ତାଲିମ ପ୍ରଦାନ କରାଯାଇନାହିଁ। ଯାହାଦ୍ୱାରା ଉତ୍ତରାଧିକାରୀ ଚିହ୍ନଟ ପ୍ରକ୍ରିୟା ଦ୍ୱାରା ଆଦିବାସୀଙ୍କ ଅଧିକାର କ୍ଷୁର୍ଣ୍ଣ ହେବା ଆଶଙ୍କା ରହିଥିବା ସେ କହିଛନ୍ତି। ଏଣୁ ହିନ୍ଦୁ ଓ ଆଦିବାସୀ ଆକ୍ଟ ଅନୁଯାୟୀ ଉଭୟ ବର୍ଗର ଉତ୍ତରାଧିକାରୀ ଫର୍ମାଟ ଅଲଗା କରାଯାଉ ଅଥବା ତଦନ୍ତ ସମୟରେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଧିକାରୀମାନଙ୍କୁ ତାଲିମ ଦେବାକୁ ସେ ଦାବି କରିଛନ୍ତି।

# ଭାଜପାର ବିକ୍ଷୋଭ

## ସୋନିଆ, ରାହୁଲଙ୍କ କୁଶପୁତ୍ତଳିକା ଦାହ


ଭାଜପା ନେତାମାନେ କୁଶପୁତ୍ତଳିକା ଦାହ କରୁଛନ୍ତି।

ନବରଙ୍ଗପୁର,୧୯।୪ (ସଦାଶିବ ପ୍ରହରାଜ)

ନ୍ୟାସନାଲ ହେରାଲ୍ଡ ଦୁର୍ନୀତି ମାମଲାରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ସମ୍ପୃକ୍ତିକୁ ବିରୋଧ କରି ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଉଭୟଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସ୍ଥାନୀୟ ଗାନ୍ଧୀ ଛକ ନିକଟରେ ଭାଜପା ନେତା ଓ କର୍ମୀମାନେ କଂଗ୍ରେସକୁ ତୀବ୍ର ବିରୋଧ ଓ ସମାଲୋଚନା କରିଥିଲେ। କୁଶପୁତ୍ତଳିକା ଦାହବେଳେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଜିଲା ଯୁବମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ପୂର୍ବତନ ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଶୋୟୀ, ଜିଲା ସାଧାରଣ ସମ୍ପାଦକ ଦେବଦାସ ମହାକୁଡ, ଅଚ୍ୟୁତାନନ୍ଦ ବିଷୋୟୀ, ନବରଙ୍ଗପୁର ଜିଲ୍ଲା ଯୁବ ମୋର୍ଚ୍ଚା ମିଡିଆସେଲ ପ୍ରମୁଖ ଶ୍ରୀକାନ୍ତ ପଣ୍ଡା, ବରିଷ୍ଠ ନେତା ମନୋଜ ମହାକୁଡ, ଶର୍ମିଷ୍ଠା ଦେଓଙ୍କ ସମେତ ଯୁବ ମୋର୍ଚ୍ଚା କର୍ମକର୍ତ୍ତା ଓ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ତୁରନ୍ତ ଇ-କେୱାଇସି କରାଇବା ନିର୍ଦ୍ଦେଶ

ନବରଙ୍ଗପୁର,୧୯।୪(ସଦାଶିବ ପ୍ରହରାଜ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂତନ ରାସନ କାର୍ଡ଼ ପାଇଁ ଆବେଦନ କରିଥିବା ସମସ୍ତ ଆବେଦନକାରୀଙ୍କ ଯାଞ୍ଚ ତଥା କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ବର୍ତ୍ତମାନ ନୂତନ ରାସନ କାର୍ଡ଼ ପ୍ରସ୍ତୁତ କରାଯାଉଛି। ଏହି ପରିପ୍ରେକ୍ଷୀରେ ନୂତନ ରାସନ କାର୍ଡ଼ ପ୍ରସ୍ତୁତ ନିମନ୍ତେ ପରିବାରର ସମସ୍ତ ସଦସ୍ୟଙ୍କ ଇ–କେୱାଇସି ଯାଞ୍ଚ ନିହାତି ଜରୁରୀ। ଜିଲାର ସମସ୍ତ ଆବେଦନକାରୀ ନିଜ ବ୍ଲକ କିମ୍ବା ପୌରାଞ୍ଚଳରେ ଥିବା ଯୋଗାଣ ନିରୀକ୍ଷକଙ୍କ ସହ ଯୋଗାଯୋଗ କରି ଯଥାଶୀଘ୍ର ଇ–କେୱାଇସି ଯାଞ୍ଚ କରାଇନିଅନ୍ତୁ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

# ଟ୍ରେନ୍ ବିଳମ୍ବ ନେଇ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜୟପୁର,୧୯।୪(ପବନ ପାଣିଗ୍ରାହୀ)

ଭାରତବର୍ଷରେ ଚଳାଚଳ କରୁଥିବା ସମସ୍ତ ଟ୍ରେନ ବିଳମ୍ବରେ ଷ୍ଟେଶନରେ ପହଞ୍ଚୁଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସୁଧାର ଆଣିବାକୁ ଶନିବାର କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଷ୍ଟେଶନ ମାଷ୍ଟର ରୋଶନ କୁମାରଙ୍କୁ ରେଲୱେ ୟୁନିୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମସ୍ତ ଟ୍ରେନର ରେଳବାଇ ସମୟ ସାରଣୀ ଅନୁସାରେ ସମୟାନୁବର୍ତ୍ତିତା ରକ୍ଷା କରିବା, ଟ୍ରେନରେ ଯଥେଷ୍ଟ ସଂଖ୍ୟକ ବଗି ସଂଯୋଗ କରିବା, ଶୌଚାଳୟରେ ଯଥେଷ୍ଟ ପରିମାଣରେ ଜଳ ଯୋଗାଣ ଓ ପ୍ରତି ଷ୍ଟେଶନରେ ପାନୀୟଜଳ ବ୍ୟବସ୍ଥା କରିବା, ଚଳନ୍ତା ଟ୍ରେନର ଶୌଚାଳୟଗୁଡିକ ପରିଷ୍କାର ରଖିବା, ବରିଷ୍ଠ ନାଗରିକଙ୍କ ପାଇଁ ଆଗରୁ ଥିବା ରିହତିକୁ ପୁନର୍ବାର ଲାଗୁ କରିବା, ଦେଶର ସମସ୍ତ ଭାଗକୁ ରେଳପଥ ଦ୍ୱାରା ସଂଯୋଗୀକରଣ ଓ ରେଳବାଇର ଘରୋଇକରଣ ବନ୍ଦ କରାଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏଥିରେ କମ୍ୟୁନିଷ୍ଟ ପାର୍ଟିର ଜିଲା ସମ୍ପାଦକ କାହ୍ନୁ ଚରଣ ବିଶ୍ୱାଳ, ସୂର୍ଯ୍ୟ ବିଷୋୟୀ, ରାମ ବାରିକ, ସୁଭାଷ ଭଟ୍ଟାଚାର୍ଯ୍ୟ,ରବି ପଣ୍ଡା, ଲକ୍ଷ୍ମୀ ବାରିକ, ଜଗନ୍ନାଥ ହରିଜନ, ଦେବରାଜ କମାର ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍
ଜୋନ୍-ଏ, ଚତୁର୍ଥ ମହଲା, ଫରଚୁନ୍ ଟାୱାର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୨୩

### ସର୍ବସାଧାରଣ ବିଜ୍ଞପ୍ତି
**କେଶ୍ ନମ୍ବର ୫ ଅଫ୍ ୨୦୨୫**

୧) ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଏବଂ ୮୬ ଅନୁଯାୟୀ ଆବେଦନ ପ୍ରକାଶନ ଓଡ଼ିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍ (ଓଇଆରସି) (ଜେନେରେସନ୍ ଶୁଳ୍କ ନିର୍ଣ୍ଣୟ ପାଇଁ ସର୍ତ୍ତାବଳୀ ଏବଂ ନିୟମାବଳୀ) ନିୟମାବଳୀ, ୨୦୨୦ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ସହିତ ଓଇଆରସି (କଣ୍ଡକ୍ଟ ଅଫ୍ ବିଜିନେସ୍) ନିୟମାବଳୀ, ୨୦୦୪ ଅନୁଯାୟୀ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଇଥିବା ତା୩୦.୦୯.୨୦୨୧ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଓଇଆରସି (ଭୁବନେଶ୍ୱର-୨୧)କୁ କରାଯାଇଥିବା ଅନୁମୋଦନ ।

୨) ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ଦ୍ୱାରା ଓଇଆରସିକୁ ୧୧.୦୨.୨୦୨୫ରେ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀ ପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଇଥିବା ତା୩୦.୦୯.୨୦୨୧ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣର ସାର୍ବଜନୀନ ବିଜ୍ଞପ୍ତିର ଦାଖଲ ଏବଂ ସବିଶେଷ ବିଷୟଗୁଡିକ ଓସିପିଏଲ୍ ୱେବସାଇଟ୍ www.ocpl.org.in ଓ ଆୟୋଗର ୱେବସାଇଟ୍ www.orierc.org ରୁ ଡାଉନଲୋଡ୍ କରାଯାଇପାରିବ ।

୩) ଓସିପିଏଲ୍ ଦ୍ୱାରା ଦାଖଲ କରାଯାଇଥିବା ଆବେଦନପତ୍ରର ସମ୍ପୂର୍ଣ୍ଣ ସେଟ୍ ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଓ ୮୬ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ଅନୁଯାୟୀ ଓସିପିଏଲ୍ କାର୍ଯ୍ୟାଳୟରୁ (ଭୁବନେଶ୍ୱର-୭୫୧୦୨୩) ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ କାର୍ଯ୍ୟାଳୟ ସମୟରେ ୧୦୦ ଟଙ୍କା ଶୁଳ୍କ ପ୍ରଦାନ କରି ଉକ୍ତ ପତ୍ରର ଫଟୋକପି ମଧ୍ୟ ପାଇପାରିବେ ।

୪) ଯଦି କୌଣସି ପରାମର୍ଶ/ଆପତ୍ତି ଥାଏ, ଉକ୍ତ ପରାମର୍ଶ/ଆପତ୍ତିକୁ ପତ୍ର ମାଧ୍ୟମରେ ଆବଶ୍ୟକୀୟ ତଥ୍ୟ ସହିତ ଓଇଆରସିର ସଚିବଙ୍କ କାର୍ଯ୍ୟାଳୟ ଯଥା: "ଓଡିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍, ପ୍ଲଟ୍ ନମ୍ବର ୪, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧" ଠିକଣାରେ ବ୍ୟକ୍ତିଗତ ଭାବରେ କିମ୍ବା ଡାକ ମାଧ୍ୟମରେ ଦାଖଲ କରାଯାଇପାରିବ, ଯାହା ଓଇଆରସିର କାର୍ଯ୍ୟାଳୟରେ ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ ପହଞ୍ଚିବା ଆବଶ୍ୟକୀୟ ଅଟେ ଏବଂ ଉକ୍ତ ପତ୍ରର ଏକ ନକଲ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତିଙ୍କୁ ପ୍ରଦାନ କରିବା ଜରୁରୀ ଅଟେ ।
(କ) ପରାମର୍ଶ/ଆପତ୍ତିପତ୍ର ସାତଟି କପି ସହିତ ଦାଖଲ କରାଯିବା ଜରୁରୀ ଅଟେ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିର ସମ୍ପୂର୍ଣ୍ଣ ନାମ ସହିତ ସଂସ୍ଥା/ପ୍ରତିଷ୍ଠାନର ସମ୍ପୂର୍ଣ୍ଣ ଡାକଠିକଣା, ଇ-ମେଲ୍ ଆଇଡି ଏବଂ ଯୋଗାଯୋଗ ଟେଲିଫୋନ୍ ନମ୍ବର ରହିବା ଆବଶ୍ୟକୀୟ ଅଟେ। ଉକ୍ତ ପତ୍ରଟି ଏକ ଆଫିଡେଭିଟ୍ ଦ୍ୱାରା ଦାଖଲ କରିବା ଜରୁରୀ ଅଟେ ।
(ଖ) କେବଳ ଆଫିଡେଭିଟ୍ ସହିତ ଗ୍ରହଣ କରାଯାଇଥିବା ବୈଧ ଆପତ୍ତି/ପରାମର୍ଶଗୁଡ଼ିକ ଶୁଣାଣି ପାଇଁ ବିଚାରକୁ ନିଆଯିବ ।

୫) ଯେଉଁ ପକ୍ଷମାନଙ୍କର ଆପତ୍ତି ସ୍ୱୀକାର କରାଯିବ, କମିଶନ ସେମାନଙ୍କୁ ଶୁଣାଣିର ତାରିଖଗୁଡ଼ିକ ବିଧିବଦ୍ଧ ଭାବରେ ଜଣାଇବେ।

**ତାରିଖ: ୧୮.୦୪.୨୦୨୫ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଓସିପିଏଲ୍)**

House Construction
Starting @1599/per Sqft.
Simplex /Duplex / Triplex / Apartment
By The Experts Only.
(With Branded Materials like Rebar-Tata /Jsw /Jindal , Cement-Ultratech /Acc / Dalmia, Bricks-10", Tiles-kajaria / Somany, Paints-Asian / Berger, Sanitary Fittings-Jaquar / Hindware / Cera, Electrical Wire - Finolex / Havells / Polycab, Modular Switches Havells / Anchor / Cona / Goldmedal, UPvc Window- Fenesta / Veka / Lg / Saint Gobain)
M Planets -7008550473
L427, Baramunda, Bhubaneswar.

## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, लातेहार।

### अल्पकालीन ई–निविदा आमंत्रण सूचना
संख्या – EE/RDSD/LATEHAR/2/2025-26

1. कार्य की विस्तृत विवरणी:

| क्र०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार के पंचायत भुसूर में Integrated Sports cum Knowledge Center में Administrative Block का निर्माण। | 45015396 | 900500 | 10000 | 12 माह |

2. वेबसाइट में निविदा प्रकाशन की तिथि – 25.04.2025
3. ई–निविदा प्राप्ति की तिथि एवं समय – दिनांक 25.04.2025 से दिनांक 10.05.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –13.05.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
लातेहार।

PR 350643 (Rural Development) 25-26 (D)

## ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

### ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, କଲେଜ ସ୍କୋୟାର ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, କଲେଜ ସ୍କୋୟାର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| କଲେଜ ସ୍କୋୟାର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ପ୍ଲୁଟୋ ପେଟ୍ ସପ୍, ସ୍ୱତ୍ୱାଧିକାରୀ: ଶ୍ରୀ ସଂଗ୍ରାମ ସେନାପତି,** ପିତା: ଶ୍ରୀ ଯୁଧିଷ୍ଠିର ସେନାପତି, ସା: ରିଙ୍ଗ୍ ରୋଡ଼, ଖାନ୍ ନଗର, ଜିଲ୍ଲା: କଟକ-୭୫୩୦୧୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ସୁଜିତ୍ ସେନାପତି,** ପିତା: ଶ୍ରୀ ଯୁଧିଷ୍ଠିର ସେନାପତି, ସା: ଗୋପେଶ୍ୱର ବିହାର, କଲ୍ୟାଣୀ ନଗର, ଦରଘାପାଟଣା, ଜିଲ୍ଲା: କଟକ-୭୫୩୦୧୩ | ଟ.୨୨,୮୫,୮୪୫.୮୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୮.୦୧.୨୦୨୫ / ୧୬.୦୪.୨୦୨୫ | **ଶ୍ରୀ ସୁଜିତ୍ ସେନାପତି,** ପିତା: ଶ୍ରୀ ଯୁଧିଷ୍ଠିର ସେନାପତିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୂଆପଡ଼ା, ଥାନା: କଟକ ସଦର, ତହସିଲ: କଟକ ସଦର, ଜିଲ୍ଲା: କଟକ, ପ୍ଲଟ୍ ନଂ.: ୭୩/୬୨୦୦, ଖାତା ନଂ.: ୬୧୪/୨୬୯୩, ପରିମିତ କ୍ଷେତ୍ର: ଏକର ୦.୦୧୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମୀ ନାରାୟଣ ସିଂ, ପୂର୍ବ: ପ୍ଲଟ୍ ନଂ.: ୨୩୫, ଦକ୍ଷିଣ: ଅବଧୂତ ମିଶ୍ର, ପଶ୍ଚିମ: ଇଜମାଇଲ୍ ରୋଡ଼ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୧୯.୦୪.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

## ବ୍ୟାଙ୍କ ଅଫ୍ ଇଣ୍ଡିଆ
ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

### ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ସରଫେଶୀ ଆକ୍ଟ ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିବା ପରେ ଯଦି କିଛି ଅର୍ଥ ପୈଠ କରାଯାଇଥାଏ ତେବେ ଆକାଉଣ୍ଟ ସମାଧାନ ସମୟରେ ପ୍ରଦାନ କରାଯିବାକୁ ଥିବା ଦେୟ ବିଷୟରେ ଜାଣିବା ପାଇଁ ସେହି ଅର୍ଥକୁ କଳନା କରାଯିବ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା/ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ମମତା ଭେରାଇଟି ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ କୃପାସିନ୍ଧୁ ପ୍ରଧାନ,** ପିତା: ୰ କରୁଣାକର ପ୍ରଧାନ / **ଗ୍ୟାରେଣ୍ଟିଦାତା: ୰ କରୁଣାକର ପ୍ରଧାନ,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯ / **ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ କୃପାସିନ୍ଧୁ ପ୍ରଧାନ (ଋଣଗ୍ରହୀତା ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ପିତା: ୰ କରୁଣାକର ପ୍ରଧାନ, **୨) ଧାନି ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ୰ କରୁଣାକର ପ୍ରଧାନ, **୩) ସୌଦାମିନୀ ପ୍ରଧାନ (ମୃତକ ଦିନବନ୍ଧୁ ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ୰ ଦିନବନ୍ଧୁ ପ୍ରଧାନ, **୪) ସୌଦାମିନୀ ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ ଦିନବନ୍ଧୁ ପ୍ରଧାନଙ୍କ ନାବାଳକ ପୁତ୍ର ଶ୍ରୀ ସତ୍ୟଜିତ୍ ପ୍ରଧାନଙ୍କ ତରଫରୁ),** ସ୍ୱାମୀ: ୰ ଦିନବନ୍ଧୁ ପ୍ରଧାନ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯, **୫) ଶ୍ରୀମତୀ ମମତା ପାତ୍ର (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ଗଦାଧର ପାତ୍ର, ସା/ପୋ: ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯ | ଟ.୮,୮୯,୨୯୫/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୦୨.୨୦୨୫ / ୧୯.୦୪.୨୦୨୫ | **୰ କରୁଣାକର ପ୍ରଧାନ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଉସ୍ ନଂ.: ଏଲ୍-୧୧୫୬, ଖାତା ନଂ.: ୫୧୭, ପ୍ଲଟ୍ ନଂ.: ଏଲ୍‌ଆଇଜି-୧୧୧୦(ଅଂଶ), କ୍ଷେତ୍ର: ଏକର୦.୦୨୬ ଡିସିମିଲି ଯାହା ୧୧୨୫ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଡୁମୁଡୁମା, ଥାନା: ଖଣ୍ଡଗିରି, ଏସ୍‌ଆରଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୩୦ ଫୁଟିଆ ଚଉଡା ସିସି ରୋଡ, ଦକ୍ଷିଣ: ଏଲ୍-୧୧୫୭, ପୂର୍ବ: ୩୦ ଫୁଟିଆ ଚଉଡା ସିସି ରୋଡ, ପଶ୍ଚିମ: ଏଲ୍-୧୧୫୫ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୦.୦୪.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

# ପେଣ୍ଟୋଗ୍ରାଫ୍ ଅଚଳ, ୫ ଘଣ୍ଟା ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

ରାୟଗଡ଼ା/ଟିକିରି,୧୯।୪(ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା)

ରାଉରକେଲାରୁ ଜଗଦଲପୁର ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ ଇଞ୍ଜିନର ପେଣ୍ଟୋଗ୍ରାଫ କାଶୀପୁର ବ୍ଲକ ଲେଲିଗୁମ୍ମା ଓ ରାଉଳି ଷ୍ଟେଶନର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅଚଳ ହେବା ଯୋଗୁ କୋରାପୁଟ - ରାୟଗଡ଼ା (କେଆର) ରେଳଲାଇନରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ୫ଘଣ୍ଟାରୁ ଅଧିକ ସମୟ ଧରି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଶନିବାର ଭୋରରୁ ଏହି ସମସ୍ୟା ଦେଖାଦେଇଥିଲା। ଫଳରେ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି।

ରାଉରକେଲା-ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ୍ ଲେଲିଗୁମ୍ମା ଓ ରାଉଳି ମଧ୍ୟରେ ଅଟକି ରହିଥିଲା। ସେହିଭଳି ଭୁବନେଶ୍ୱରରୁ ଜଗଦଲପୁର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ଲେଲିଗୁମାରେ ଅଟକି ରହିଥିଲା। ତେବେ ସେହି ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ କାର୍ଯ୍ୟ କରୁ ନ ଥିବାରୁ ଯାତ୍ରୀଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଥିଲା। ଦୀର୍ଘ ୫ ଘଣ୍ଟାରୁ ଅଧିକ ସମୟ ଏହି ରୁଟ୍‌ରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଟ୍ରେନ୍ ଇଞ୍ଜିନକୁ ବିଦ୍ୟୁତ୍ ଯୋଗାଣ ନହେବା


ରେଳଧାରଣାରେ ଅଟକି ରହିଥିବା ଟ୍ରେନ।

### କେଆର୍ ଲାଇନ୍‌ରେ ଅଟକି ରହିଲା ୨ ଟ୍ରେନ୍

ଯୋଗୁ ଟ୍ରେନ ଆଗକୁ ଆଉ ଗଡ଼ି ପାରି ନ ଥିବା ଜଣେ ରେଳବାଇ କର୍ମଚାରୀ ପ୍ରକାଶ କରିଛନ୍ତି। ଓଭର ହେଡେଡ୍ ଇଲେକ୍ଟ୍ରିକାଲ ଇକ୍ୟୁପମେଣ୍ଟ ଜରିଆରେ ବିଦ୍ୟୁତ୍ ଲାଇନରୁ ଟ୍ରେନ ଇଞ୍ଜିନକୁ ବିଦ୍ୟୁତ୍ ଯୋଗାଉଥିବା ପେଣ୍ଟୋଗ୍ରାଫ ଅଚଳ ହେବାରୁ କରେଣ୍ଟ ଯୋଗାଣ ବନ୍ଦ ହୋଇଗଲା। ଫଳରେ ଏହିଳି ହୋଇଥିବା ରାୟଗଡା ଷ୍ଟେସନ ପ୍ରବନ୍ଧକ ପରମାନନ୍ଦ ପିଡିକାକା ପ୍ରକାଶ କରିଛନ୍ତି। ରେଳ ବିଭାଗର ଟେକନିକାଲ ଟିମ ଘଟଣାସ୍ଥଳରେ ପହଞ୍ଚି ଏହାକୁ ମରାମତି କରିବା ପରେ ଦିନ ୧୧ଟାବେଳେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଜୟପୁର କୋରାପୁଟ ରୁଟ୍‌ରେ ଥିବା ଜରଟି ନିକଟରେ ଏକ ମାଲବାହୀ ଟ୍ରେନ୍‌ର ପେଣ୍ଟୋଗ୍ରାଫ ଅଚଳ ହେବାରୁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବାରମ୍ବାର ଏହି ରୁଟ୍‌ରେ ପେଣ୍ଟୋଗ୍ରାଫ କାହିଁକି ଅଚଳ ହେଉଛି ତାହା ବିଭାଗ ତରଫରୁ ତଦନ୍ତ ଚାଲିଥିବା ବୋଲି ଷ୍ଟେସନ ପ୍ରବନ୍ଧକ ପ୍ରକାଶ କରିଛନ୍ତି।

# ପ୍ରଧାନ ଶିକ୍ଷକଙ୍କ ନାଁରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଦାବିପତ୍ର

ରାମନାଗୁଡ଼ା,୧୯।୪(ସଞ୍ଜୟ ପ୍ରଧାନ)

### କୁଜେନ୍ଦ୍ରୀ ଆଶ୍ରମ ଉଚ୍ଚ ବିଦ୍ୟାଳୟ

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ କୁଜେନ୍ଦ୍ରିଠାରେ ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆଶ୍ରମ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପୀନାଥ ନାୟକଙ୍କ ନାଁରେ ଅନିୟମିତତା ଅଭିଯୋଗ ହୋଇଛି। ଏ ନେଇ ଅଞ୍ଚଳବାସୀ ଗୁରୁବାର ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପ୍ରଧାନ ଶିକ୍ଷକ ନାୟକଙ୍କୁ ଏଠାରୁ ବଦଳି କରିବା ତଥା ପୂର୍ବରୁ ଏଠାରେ ମାଟ୍ରନ୍ ଥିବା ସୌଦାମିନି ଗମାଙ୍ଗଙ୍କୁ ଆଉଥରେ କୁଜେନ୍ଦ୍ର ସ୍କୁଲକୁ ଫେରାଇ ନ ଆଣିବା ଲାଗି ଦାବି କରିଛନ୍ତି। ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବଦଳି ହୋଇଥିବା ମାଟ୍ରନ୍‌ଙ୍କ ଦ୍ୱାରା ପରିଚାଳିତ ହେଉଥିଲେ। ପ୍ରଧାନ ଶିକ୍ଷକ ୨୦୧୮-୧୯ ଆର୍ଥିକ ବର୍ଷର ପ୍ରି ମାଟ୍ରିକ୍ ସ୍କଲାରଶିପ୍ ରାଶି ହଡ଼ପ କରିଥିଲେ। ସରକାରୀ ନିୟମ ଅନୁସାରେ ବାଳିକା ହଷ୍ଟେଲରେ ଜଣେ ମହିଳା କର୍ମଚାରୀ ଦାଇତ୍ୱରେ ରହିବା ସହ ପୁରୁଷ କର୍ମଚାରୀଙ୍କୁ ପ୍ରବେଶ ଉପରେ କଟକଣା ଥିବା ସତ୍ତ୍ୱେ ପ୍ରଧାନଶିକ୍ଷକ ସରକାରୀ ନିୟମ ଉଲ୍ଲଂଘନ କରି ନିଜ ଜନ୍ମଦିନ ପାଳିବା ଚର୍ଚ୍ଚାର ବିଷୟ ହୋଇଛି।

ଏପରିକି ପୂର୍ବରୁ ପ୍ରଧାନ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଆଡମିଶନ ସମୟରେ ଅର୍ଥ ଆଦାୟ ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାର ବିଭାଗୀୟ ତଦନ୍ତ ବିଷୟରେ ଜାଣିବା ପରେ ପ୍ରଧାନ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ସେମାନଙ୍କ ପିଲାଙ୍କୁ ଟିସି ଦେବା ଏବଂ ପରୀକ୍ଷାରେ ଫେଲ୍ କରିବା ନେଇ ଧମକ ଦେଇଥିବା, ପ୍ରଧାନ ଶିକ୍ଷକ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ଅନୁପସ୍ଥିତ ରହୁଥିବା ନେଇ ଅଭିଯୋଗ ହୋଇଛି। ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ସେଠାରୁ ବଦଳି କରାଯିବା ସହ ପୂର୍ବରୁ ବଦଳି ହୋଇଥିବା ମାଟ୍ରନଙ୍କ ବଦଳି ବାତିଲ ନ କରିବା ପାଇଁ କୁଜେନ୍ଦ୍ରି ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ, ଅଞ୍ଚଳବାସୀ ଓ ଅଭିଭାବକ ଲିଖିତ ଅଭିଯୋଗ ଜିଲା ମଙ୍ଗଳ ଅଧିକାରୀ ଅସୀମାଙ୍କୁ ଦେଇଛନ୍ତି। ପ୍ରଧାନ ଶିକ୍ଷକ ଗୋପୀନାଥ ନାୟକଙ୍କୁ ପଚାରିବାରୁ ସେ ମୁଁ ଏ ବିଷୟରେ କିଛି ଜାଣିନି। ମଙ୍ଗଳ ଅଧିକାରୀ ଆସି ମାଟ୍ରନଙ୍କ ବଦଳି ପାଇଁ ମୋତେ ଆଦେଶ ଦେଇଥିଲେ ବୋଲି ସେ କହିଛନ୍ତି।

# 'ସକ୍ରିୟ ସଦସ୍ୟଙ୍କ ନିଜ ଅଞ୍ଚଳ ପାଇଁ ଗୁରୁ ଦାୟିତ୍ୱ ରହିଛି'

ମୁନିଗୁଡ଼ା,୧୯।୪ (ନନ୍ଦ କିଶୋର ପଟ୍ଟନାୟକ)

### ଭାଜପାର ବିଧାନସଭାସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀ

ମୁନିଗୁଡ଼ାର ଶୌଣ୍ଡିକ ମଙ୍ଗଳ ଭବନ ପରିସରରେ ବିଷମକଟକ ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ବିଧାନସଭାସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଛି। ଭାଜପା ନେତା ଜଗନ୍ନାଥ ନୁଣ୍ଡ୍ରୁକାଙ୍କ ସଭାପତିତ୍ୱ ଓ ପୂର୍ବତନ ସାଧାରଣ ସମ୍ପାଦକ ରାମକୃଷ୍ଣ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ କୋରାପୁଟ ଏମ୍‌ପି ପ୍ରାର୍ଥୀ କାଳିରାମ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଜିଲା ସଂଯୋଜିକା କେ.ଅଶ୍ୱିନୀ ଦେବୀ, ବିଧାନସଭା କ୍ଷେତ୍ର ସଂଯୋଜକ ବାଦଲ କୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କାର୍ଯ୍ୟକ୍ରମ ଆଭିମୁଖ୍ୟ ସହିତ ସକ୍ରିୟ ସଦସ୍ୟଙ୍କ ନିଜ ଅଞ୍ଚଳ ପାଇଁ ଗୁରୁ ଦାୟିତ୍ୱ ରହିଥିବା କହିଥିଲେ। ନେତା ଓ କର୍ମୀମାନେ ତୃଣମୂଳସ୍ତରରୁ ଦଳକୁ ଆହୁରି ମଜଭୁତ କରି ସଙ୍ଗଠନକୁ ସକ୍ରିୟ ରଖିବାକୁ ଆହ୍ୱାନ ଦେଇଥିଲେ। ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ପ୍ରତି ବୁଥରେ ସକ୍ରିୟ ସଦସ୍ୟମାନଙ୍କ ସକ୍ରୀୟତା କାର୍ଯ୍ୟରେ ପ୍ରତିପାଦିତ କରିବାକୁ ପଡ଼ିବ ବୋଲି ସମସ୍ତେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ସୁବାସ ଗୌଡ଼, ଅନନ୍ତ ମାଲଦୋରା, ବେଣୁଧର ଗାଡ଼େକା, ଜଗା ଶବର, ମୀନ ଗୌଡ଼, ଭୀମ ବେହେରା, ପଦ୍ମ ବେହେରା, ସୁଶୀଳା ସରାଫ, ଟୁନା କରକରିଆ, ଗରିବ ଗରଡ଼ିଆ, ସୁନାକର କୁଶୁଲିଆ, ସୋମନାଥ ହିମିରିକା, ଅଜିତ ପାଣିଗ୍ରାହୀ, ସଞ୍ଜୁ ତିଆକା, ଜଗନ୍ନାଥ ପାଢ଼ୀ, ମନମୋହନ ମହାନ୍ତି, ରୋହିତ ଦଣ୍ଡସେନା, ଦୁର୍ଯ୍ୟୋଧନ ପାଳ, ଭିକାରୀ ନାହାକ, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ବାଦଳା ମଣ୍ଡଳ ସଭାପତି ଅନନ୍ତ ମାଲଦୋରା ଧନ୍ୟବାଦ ଦେଇଥିଲେ।

# ସ୍ଥାୟୀ ବିକାଶ ପାଇଁ ଅତ୍ୟାଧୁନିକ ପଦାର୍ଥର ଆବଶ୍ୟକାତା ରହିଛି

ଗୁଣପୁର,୧୯।୪(ପ୍ରଦୀପ କୁମାର ପାଢ଼ୀ)

### ଜିଆଇଇଟି ବିଶ୍ୱବିଦ୍ୟାଳୟରେ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂର ବେସିକ ସାଇନ୍ସ ଆଣ୍ଡ ହ୍ୟୁମାନିଟିସ ଏବଂ ସ୍କୁଲ ଅଫ ସାଇନସେସ୍ ପକ୍ଷରୁ 'ସ୍ଥାୟୀ ବିକାଶ ପାଇଁ ଅତ୍ୟାଧୁନିକ ପଦାର୍ଥର ଆବଶ୍ୟକାତା' ସମ୍ପର୍କୀୟ ୨ ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଛି। ଭାରତ ସରକାରଙ୍କ ଅଧୀନରେ ଥିବା ଜାତୀୟ ଅନୁସନ୍ଧାନ ଭିତ୍ତିପ୍ରସ୍ତର ଏବଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗ ପକ୍ଷରୁ ପ୍ରଯୋଜିତ ଏହି ସମ୍ମିଳନୀ ଉଦ୍‌ଘାଟନରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ ସତ୍ୟବାନ୍ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତ୍ୟାଧୁନିକ ପଦାର୍ଥର ଉତ୍ପତ୍ତି ଓ ଏହାର ବିଭିନ୍ନ କାର୍ଯ୍ୟକାରିତା ସମ୍ପର୍କରେ ମତ ଦେଇଥିଲେ। ବର୍ତ୍ତମାନ ଯୁଗରେ ଏହାର ଅଧିକ ଗବେଷଣାର ଆବଶ୍ୟକତା ରହିଥିବାବେଳେ ପରିବେଶ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବାକୁ କହିଥିଲେ।

ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂର ଆଣ୍ଡ ଟେକ୍ନୋଲୋଜିର ଡିନ୍ ଡ ଡୁଲୁ ପଟ୍ଟନାୟକ ବିଭାଗୀୟ ଅନୁସନ୍ଧାନ ଓ ଗବେଷଣା ବିଷୟରେ କହିଥିଲେ। ପରୀକ୍ଷା ନିୟନ୍ତ୍ରକ ଡ ପି. ବିଜୟ କୁମାର ଅଭିନବିକରଣ ଗବେଷଣାର ଏକ ଅଂଶ ବୋଲି କହିଥିଲେ। ଆବାହକ ଡ ଜିତେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ସ୍କୁଲ ଅଫ ସାଇନସେସ୍ ର ଡ ବି.ରବି. ପ୍ରସାଦ ସମ୍ମିଳନୀର ପ୍ରାଧାନ୍ୟତା ବିଷୟରେ କହିଥିଲେ। ଏହି ଅବସରରେ ଅତିଥିମାନେ ସମ୍ମିଳନୀ ସ୍ମରଣିକା ଉନ୍ମୋଚନ କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ଓ ଗବେଷଣାରତ ଛାତ୍ରୀଛାତ୍ର ବିଭିନ୍ନ ପୋଷ୍ଟର ଉପସ୍ଥାପନା କରିଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ ଏନ୍.ଭି.ଜେ ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଫୁର୍ତ୍ତି ଫିଜା ମଞ୍ଚ ପରିଚାଳନା କରିଥିଲେ। ଘନିଷ୍ଠା ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଏହି ୨ ଦିନିଆ ସମ୍ମିଳନୀରେ ଦେଶ ବିଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରଫେସର ପ୍ରାଧ୍ୟାପକ ଆଭାସି ମାଧ୍ୟମରେ ନିଜ ସନ୍ଦର୍ଭ ପାଠ କରିବାର କାର୍ଯ୍ୟକ୍ରମ ରହିଛି। ଏନ୍ଆଇଟି ରାଉରକେଲା, ୟୁନିଭରସିଟି ଅଫ ହାଇଦ୍ରାବାଦ, ଉତ୍କଳ ବିଶ୍ୱବିଦ୍ୟାଳୟ, ସରଲାଣ୍ଡ ବିଶ୍ୱବିଦ୍ୟାଳୟ ଜର୍ମାନୀ, କେମରନ୍ ବିଶ୍ୱବିଦ୍ୟାଳୟ, ଡେଲହାଉସି ବିଶ୍ୱବିଦ୍ୟାଳୟ କାନଡା, ନାଇଜେରିଆ, ଇସ୍ରାଏଲ, ସାଉଥ କୋରିଆ, ୟୁଏସ୍ଏ ଭଳି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ପ୍ରଫେସରମାନେ ଯୋଗଦେଇ ଗବେଷଣା ଭିତ୍ତିକ ସନ୍ଦର୍ଭ ମାନ ଉପସ୍ଥାପନ କରିବା କାର୍ଯ୍ୟକ୍ରମ ରହିଛି। ଶେଷରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଜଣେ ଅତିଥି ନିଜ ବକ୍ତବ୍ୟ ରଖୁଛନ୍ତି।

# ଜରିମାନା ଦେବେ ବେନିୟମ ବିଜ୍ଞାପନ ଲଗାଇଥିବା ସଂସ୍ଥା


ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଲଗାଯାଇଥିବା ବିଜ୍ଞାପନ ପୋଷ୍ଟର।

ଗୁଡାରି, ୧୯।୪(ପ୍ରମୋଦ କୁମାର ପତି)

ଗୁଡ଼ାରି ସହରର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବଡ଼ ବଡ଼ ବିଜ୍ଞାପନ ଲଗାଯାଇଛି। ସରକାରୀ ଓ ଘରୋଇ କାନ୍ଥରେ ମଧ୍ୟ ଏହି ପୋଷ୍ଟର ସବୁ ମରାଯାଉଛି। ସହରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ମଧ୍ୟ ବିଜ୍ଞାପନ ପୋଷ୍ଟର ମରାଯାଇଛି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀ କହିଛନ୍ତି, ବେଆଇନ ଭାବେ ସହରର ବିଭିନ୍ନ ସ୍ଥାନରେ ବିଜ୍ଞାପନ ହୋର୍ଡିଂ ଓ ପୋଷ୍ଟର ମରାଯାଇଛି। ସେସବୁ ଆମ ନଜରକୁ ଆସିଛି। ସେ ସମସ୍ତ ବିଜ୍ଞାପନ ଦେଇଥିବା ଅନୁଷ୍ଠାନକୁ କାର୍ଯ୍ୟାଳୟ ପକ୍ଷରୁ ଖୁବ୍ ଶୀଘ୍ର ଚିଠି କରାଯିବ ଏବଂ ନିୟମ ଅନୁଯାୟୀ ଟଙ୍କା ଆଦାୟ କରାଯିବ। ଏ ନେଇ ସଦ୍ୟ ସମାପ୍ତ ପରିଷଦ ବୈଠକରେ ରିଜୋଲ୍ୟୁଶନ କରାଯାଇଛି। ଆଗାମୀ ଦିନରେ ଯେକୌଣସି ଅନୁଷ୍ଠାନ ସହରରେ ବିଜ୍ଞାପନ ଲଗାଇଲେ ଏନ୍ଏସି କାର୍ଯ୍ୟାଳୟ ସହ ଯୋଗାଯୋଗ ସହ ଟଙ୍କା ପୈଠକରି ବିଜ୍ଞାପନ ଲଗାଇବେ।

# ଯବାନଙ୍କ ଦ୍ୱାରା ମାଓବାଦୀ ଡମ୍ପ ଜବତ

ମାଲକାନଗିରି, ୧୯।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ୨ ବାଟାଲିୟନ ବିଏସ୍ଏଫ୍ ଯବାନମାନେ ମାଓବାଦୀ ଡମ୍ପ ଜବତ କରିଛନ୍ତି। କାଲିମେଳା-ଚିତ୍ରକୋଣ୍ଡା ବ୍ଲକ୍ ଅଞ୍ଚଳରେ ବିଏସ୍ଏଫ୍ ତରଫରୁ କୋମ୍ବିଂ କରାଯାଇଥିଲା। କାଲିମେଳା ଥାନା ପିଲିଗୁମାମିଡି ଗ୍ରାମ ନିକଟ ଜଙ୍ଗଲରେ ଥିବା ଖାଲିସ୍ଥାନରେ ମାଓବାଦୀ ଡମ୍ପ ଥିବା ଜାଣିବାକୁ ପାଇଥିଲେ। ଉକ୍ତ ଡମ୍ପକୁ ଜବତକରିବା ସହ ସେଥିରେ ଦୁଇଟି ବର୍ମାର ବନ୍ଧୁକ, ଦୁଇଟି କଳା ବ୍ୟାଗ୍ ଏବଂ ବନ୍ଧୁକରେ ବ୍ୟବହାର ପାଉଡର, ବିସ୍ଫୋଟକ ସାମଗ୍ରୀ ଥିବା ଜାଣିପାରିଥିଲେ। କାଲିମେଳା ଥାନା ଅଞ୍ଚଳ ମାଓବାଦୀଙ୍କ ଆଞ୍ଚସ୍ଥଳୀ ଭାବେ ପରିଚିତ ଥିବା ବେଳେ ବର୍ତ୍ତମାନ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ ହୋଇଥିବା ବେଳେ ସେ ସମୟରେ ମାଓବାଦୀମାନେ ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖିଥିବା ଅନୁମାନ କରାଯାଉଛି।

# ମାଓବାଦୀ ଲୁଚାଇଥିବା ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି,୧୯।୪(ନୃସିଂହ ଚରଣ ମହାନ୍ତି)

ବିଜାପୁର ପାମେଡ ମୁରକାରଜଗୁଟ୍ଟା ପାହାଡ଼ରେ ମାଓବାଦୀମାନେ ଲୁଚାଇଥିବା ସାମଗ୍ରୀ ଶନିବାର ବଙ୍କର ଭିତରୁ ପୋଲିସ ଜବତ କରିଛି। ମାଓବାଦୀମାନେ ଉକ୍ତ ଡମ୍ପକୁ ଏକ କଂକ୍ରିଟ୍ ନିର୍ମିତ ବଙ୍କରରେ ଲୁଚାଇ ରଖିଥିଲେ। କୋବ୍ରା ୨୦୮ ବାହିନୀ ପାମେଡ ପୋଲିସ ଷ୍ଟେଶନ ଅଞ୍ଚଳର ଜିଦପାଲି ଶିବିରରୁ ଅଭିଯାନରେ ଯାଇଥିଲା। ଅପରେଶନ ସମୟରେ ମୁରକାରଜଗୁଟ୍ଟା ପାହାଡ଼ ଜଙ୍ଗଲରେ ଏକ ବଙ୍କର ଭଳି କୋଠରିରେ ମାଓବାଦୀମାନେ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା।

# ପିଲାମାନଙ୍କୁ ଟଙ୍କା, ମୋବାଇଲ ନ ଦେବାକୁ ପରାମର୍ଶ

ମୁନିଗୁଡା,୧୯।୪ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡାର ନୋଡ଼ାଲ ହାଇସ୍କୁଲର ଶ୍ରେଣୀ ଗୃହ ପରିସରରେ ଶନିବାର ପିଟିଏମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ କୁମାର ମାଝୀ ଓ ବରିଷ୍ଠ ଶିକ୍ଷୟିତ୍ରୀ ଏମ୍.ସାଇଲକ୍ଷ୍ମୀଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ପରିଚାଳନା କମିଟିର ସଭାପତି ନନ୍ଦ କିଶୋର ପଟ୍ଟନାୟକ ଉପସ୍ଥିତ ଥିଲେ।

ଚଳିତ ଶିକ୍ଷା ବର୍ଷରୁ ବାଲବାଟିକା ଆରମ୍ଭ ହୋଇଛି। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଛି। ସ୍କୁଲରେ ଶିକ୍ଷାଦାନ, ଛାତ୍ରୀଛାତ୍ରଙ୍କ ଆଚରଣ, ସ୍କୁଲକୁ ପିଲାମାନେ ଠିକ ସମୟରେ ଆସୁଛନ୍ତିକି ନାହିଁ, ସ୍କୁଲର ଚାଲିଥିବା ବ୍ୟବସ୍ଥା ସହ ବିଭିନ୍ନ ନିୟମ ଉପରେ ଉପସ୍ଥିତ ଅଭିଭାବକଙ୍କୁ ବୁଝାଯାଇଥିଲା। ପିଲା ସ୍କୁଲକୁ ଯିବା ପୂର୍ବରୁ ପ୍ରତ୍ୟେକ ଦିନ ସେମାନଙ୍କ ରୋଟିନ୍ ଚେକ୍ ଓ ଆସିବା ପରେ ସ୍କୁଲରେ କଣ କଣ ପାଠ ପଢ଼ା ହେଲା ହୋଇଛି ତାହାର ତଦାରଖ କରିବାକୁ ବୁଝାଯାଇଛି। ପିଲାମାନଙ୍କୁ ଟଙ୍କା ଓ ମୋବାଇଲ ନ ଦେବାକୁ କମିଟି ଓ ବିଦ୍ୟାଳୟ ପକ୍ଷରୁ ଅଭିଭାବକଙ୍କୁ ଅନୁରୋଧ କରାଯାଇଥିଲା। ବୈଠକରେ ଉପସ୍ଥିତ ଅଭିଭାବକମାନେ ମଧ୍ୟ ବିଦ୍ୟାଳୟର କିଛି ଭିତ୍ତିଭୂମି ସହ ଅତିରିକ୍ତ ଶ୍ରେଣୀ ଗୃହ ନିହାତି ଆବଶ୍ୟକ ବୋଲି କହିଛନ୍ତି। ଶିକ୍ଷକ ସମନ ଶବର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ କୃଷ୍ଣ ପ୍ରସାଦ ଗୌଡ଼, ଅନୀଲ ଶବର, ଟଙ୍କଧର ସାନ ମାଝି,ଶିକ୍ଷୟିତ୍ରୀ ସୁନିତା ପାଣି ଓ ମାଧୁରୀ ତ୍ରିପାଠୀ ପ୍ରମୁଖଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ପରିଚାଳନା ଓ ସହଯୋଗ କରିଥିଲେ।


ବୈଠକରେ ମଞ୍ଚାସୀନ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

# କଳାହାଣ୍ଡି ଜିଲାପାଳ ଏକାଦଶ ଚାମ୍ପିୟନ

### ଉତ୍କଳ ଆଲୁମିନା ପକ୍ଷରୁ ଷ୍ଟେକ ହୋଲ୍ଡର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା

ରାୟଗଡ଼ା,୧୯।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଟିକିରି ଅଧୀନ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା (ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ) ପକ୍ଷରୁ ଶନିବାର ଏକ ଦିବସୀୟ ଷ୍ଟେକ ହୋଲ୍ଡର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା ଆୟୋଜିତ ହୋଇଛି। ସ୍ଥାନୀୟ ଓଷାପଡ଼ାସ୍ଥିତ ଟାଉନସିପ୍ ଖେଳ ପଡ଼ିଆରେ ଆୟୋଜିତ ଏହି ଦିବାରାତ୍ର କ୍ରିକେଟ୍ ପ୍ରତିଯୋଗିତାରେ ଜିଲାପାଳ ଏକାଦଶ ରାୟଗଡ଼ା, କଳାହାଣ୍ଡି ଜିଲା ପ୍ରଶାସନ ସମେତ ରାୟଗଡ଼ା ଆରକ୍ଷୀ ଅଧିକ୍ଷକ(ପୋଲିସ) ଏକାଦଶ, ସିଆରପିଏଫ୍ ଏବଂ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ(ଉତ୍କଳ ଆଲୁମିନା ଏବଂ ଆଦିତ୍ୟ ଆଲୁମିନା) ମିଶ୍ରିତ ୨ ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ।

ପ୍ରଥମ ମ୍ୟାଚ ହିଣ୍ଡାଲ୍‌କୋ ଏକାଦଶ ଓ ସିଆର୍‌ପିଏଫ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସିଆର୍‌ପିଏଫ୍ ବିଜୟୀ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ହିଣ୍ଡାଲକୋ ଏକାଦଶ (ବରିଷ୍ଠ ) ସହ ରାୟଗଡା ଜିଲାପାଳ ଏକାଦଶ ମଧ୍ୟରେ ହୋଇଥିଲ। ଏହାକୁ ରାୟଗଡା ଜିଲାପାଳ ଏକାଦଶ ଜିତିଥିଲା। ତୃତୀୟ ମ୍ୟାଚ ରାୟଗଡ଼ା ଏସ୍‌ପି ଦଳ ବନାମ କଳାହାଣ୍ଡି ଜିଲା ପ୍ରଶାସନ ମଧ୍ୟରେ ଖେଳାଯାଇଥିଲା। କଳାହାଣ୍ଡି ଏକାଦଶ ରାୟଗଡ଼ା ଏସ୍‌ପି ଦଳକୁ ପରାସ୍ତ କରିଥିଲା। ସିଆରପିଏଫ୍ ଏକାଦଶ ଓ ଜିଲାପାଳ ଏକାଦଶ ମଧ୍ୟରେ ହୋଇଥିବା ମ୍ୟାଚକୁ ଜିଲାପାଳ ଏକାଦଶ ଜିତିଥିଲା। ଫାଇନାଲ ମ୍ୟାଚରେ କଳାହାଣ୍ଡି ଜିଲାପାଳ ଏକାଦଶ ରାୟଗଡା ଜିଲାପାଳ ଏକାଦଶକୁ ପରାସ୍ତ କରି ଷ୍ଟେକଖୋଲ୍‌ଡର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚରେ ରାୟଗଡ଼ା ଏସପି ସ୍ୱାଥୀ ଏସ୍.କୁମାର ମୁଖ୍ୟ ଅତଥି, ସମ୍ମାନିତ ଅତିଥିଭାବେ ରାୟଗଡ଼ା ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ବିଷ୍ଣୁ ପ୍ରସାଦ ପାତ୍ର, ଜିଲା କ୍ରୀଡ଼ାଧିକାରୀ ଶେକ୍ ଆଲେନୂର୍, କଳାହାଣ୍ଡି ଜିଲା କ୍ରୀଡ଼ାଧିକାରୀ ରମେଶ ପାଢ଼ୀ ଓ ଜିଲା ସଂସ୍କୃତି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ମିଶ୍ର, ଆଦିତ୍ୟ ବିର୍ଲା ରିଫେନେରୀ କାରଖାନା ମୁଖ୍ୟ ମଜହର ବେଗ, କର୍ପୋରେଟ କମ୍ୟୁନିକେଶନ ଉପାଧ୍ୟକ୍ଷ ଡଃ. ବିଭୁଦତ୍ତ ମହାପାତ୍ର, ମାନବ ସମ୍ବଳ ବିକାଶ ପ୍ରମୁଖ ବିଜୟ କୁମୁରା, କୌଶିକ ଶରଣ ମିଶ୍ର, ଭିପି, ଆଦିତ୍ୟ ରିଫାଇନାରୀ ସମେତ କମ୍ପାନୀର ଅନ୍ୟ ବରିଷ୍ଠ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା କର୍ପୋରେଟ ଅଫେୟର ଓ ଲୋକ ସମ୍ପର୍କ ବିଭାଗ ସାଧାରଣ ପରିଚାଳକ ପିତାମ୍ବର ବେହେରା ଏବଂ କମ୍ପାନୀର କ୍ରୀଡା ସମିତି ସଦସ୍ୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।


ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ପାଣି ପାଇଁ ସୀମାକୋଣ୍ଡା ଗ୍ରାମବାସୀ ଉହ୍ଲବିକଳ

■ ନଳକୂପ ଅଚଳ, ଶୁଖିଲା ପୋଖରୀ

■ ଅଭିଯୋଗ ପରେ ବି ଶୁଣୁନାହାନ୍ତି କର୍ତ୍ତୃପକ୍ଷ


ଅଚଳ ନଳକୂପ ନିକଟରେ ଗ୍ରାମବାସୀ ।

**କୋରୁକୋଣ୍ଡା,୧୯।୪(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ସୀମାକୋଣ୍ଡା ଗାଁରେ ଜଳ ସଙ୍କଟ ଦେଖାଦେଇଛି। ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ହେବ ଗାଁର କୁସୁରୀ ସାହିରେ ଥିବା ନଳକୂପ ଅଚଳ ହୋଇପଡ଼ିଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ପୋଖରୀରୁ ପାଣି ଶୁଖିଯାଇଛି। ଜଳ ମୁହାଁ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ପଞ୍ଚାୟତ, ଜଳ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ, ବ୍ଲକ କର୍ତ୍ତୃପକ୍ଷଙ୍କୁ କହିଥିଲେ ବି କେହି କର୍ଣ୍ଣପାତ କରୁ ନାହାନ୍ତି ବୋଲି ଗ୍ରାମର ଶିବା କବାସୀ, ଇର୍ମା କବାସୀ, ରାଜା କବାସୀ, ଭୀମା କବାସୀ, ବିରା ମାଡ଼କାମୀ, ଗଙ୍ଗା ମାଡ଼କାମୀ ଓ କସା କବାସୀଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗାଁରେ ଅଚଳ ଥିବା ନଳକୂପକୁ ତୁରନ୍ତ ମରାମତି କରିବା ପାଇଁ ନାଏବ ସରପଞ୍ଚ ପଦ୍ମନାଭ ମାଡ଼କାମୀ କୋରୁକୋଣ୍ଡା ବ୍ଲକ ପରିସରରେ ଥିବା ଜଳ ପରିମଳ ବିଭାଗ କାର୍ଯ୍ୟାଳୟରେ ଥିବା ଅଭିଯୋଗ ଖାତାରେ ଏକ ମାସ ହେବ ଲେଖିଥିଲେ କିନ୍ତୁ ନଳକୂପ ମରାମତି କରିବାକୁ କେହି ଆସିଲେନି ବୋଲି ନାଏବ ସରପଞ୍ଚ ମାଡ଼କାମୀ କହିଛନ୍ତି। ଏହି ସୀମାକୋଣ୍ଡା ଗ୍ରାମରେ ପ୍ରାୟ ୪୫ ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ୩ ନଳକୂପ ଯୋଗାଇ ଦିଆଯାଇଥିଲା। ସେଥିମଧ୍ୟରୁ କୁସୁରୀ ସାହିରେ ଥିବା ନଳକୂପ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଅନ୍ୟ ଏକ ନଳକୂପରୁ ପାଣି ଠିକ ଭାବେ ବାହାରୁନାହିଁ। ଗାଁରେ ଥିବା ଅନ୍ୟ ଏକ ନଳକୂପର ଜଳ ଉପରେ ଗ୍ରାମର ୪୫ ପରିବାର ନିର୍ଭର କରି ବଞ୍ଚୁଛନ୍ତି। ଗାଁ ପୋଖରୀ ସମେତ ଆଖପାଖ ଅଞ୍ଚଳରେ ଥିବା ନାଳଗୁଡ଼ିକ ଗ୍ରୀଷ୍ମ ପ୍ରବାହ ଯୋଗୁ ଶୁଖିଯାଇଛି। ଗ୍ରାମବାସଙ୍କ ସମେତ ଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପ୍ରାଣୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ସୁବ୍ରତ ହେମ୍ବ୍ରମଙ୍କୁ ପଚାରିବାରୁ ଯଦି ଏହି ଗାଁ ପାଣି ସମସ୍ୟା ସମ୍ପର୍କରେ ଅଫିସ ଖାତାରେ ଲେଖାହୋଇଛି। ତେବେ କାମ ହୋଇଯିବା କଥା, ଯଦି ହୋଇନି ତେବେ ରବିବାର ଷ୍ଟାଫ ପଠାଇ ନଳକୂପ ଗୁଡ଼ିକୁ ମରାମତି କରାଯିବ ବୋଲି ସେ କହିଛନ୍ତି।

# ମାଓବାଦୀ ଲୁଚାଇଥିବା ଅସ୍ତ୍ରଶସ୍ତ୍ର ଜବତ


ପୋଲିସ ବଙ୍କର ଭିତରୁ ସାମଗ୍ରୀ ବାହାର କରୁଛି।

**ମାଲକାନଗିରି,୧୯।୪(ନୃସିଂହ ଚରଣ ମହାନ୍ତି)**

ବିଜାପୁର ପାମେଡ ମୁରକାରଜଗୁଡ଼ା ପାହାଡ଼ରେ ମାଓବାଦୀମାନେ ଲୁଚାଇଥିବା ସାମଗ୍ରୀ ଶନିବାର ବଙ୍କର ଭିତରୁ ପୋଲିସ ଜବତ କରିଛି। ମାଓବାଦୀମାନେ ଉକ୍ତ ଡମ୍ପକୁ ଏକ କଂକ୍ରିଟ୍ ନିର୍ମିତ ବଙ୍କରରେ ଲୁଚାଇ ରଖିଥିଲେ। କୋବ୍ରା ୨୦୮ ବାହିନୀ ପାମେଡ ପୋଲିସ ଷ୍ଟେଶନ ଅଞ୍ଚଳର ଜିଦପାଲି ଶିବିରରୁ ଅଭିଯାନରେ ଯାଇଥିଲା। ଅପରେଶନ ସମୟରେ ମୁରକାରଜଗୁଡ଼ା ପାହାଡ଼ ଜଙ୍ଗଲରେ ଏକ ବଙ୍କର ଭଳି କୋଠରିରେ ମାଓବାଦୀମାନେ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା। ଛତିଶଗଡ଼ ପୋଲିସର କହିବା ଅନୁଯାୟୀ, ମାଓବାଦୀମାନେ ସିମେଣ୍ଟ ନିର୍ମିତ କଂକ୍ରିଟ୍ ସ୍ଲାବ୍‌ରେ ତିଆରି ଏକ ବଙ୍କର ଭଳି କୋଠରିରେ ଅସ୍ତ୍ରଶସ୍ତ୍ର,ବିଭିନ୍ନ ସାମଗ୍ରୀ ଲୁଚାଇ ରଖିଥିଲେ। ବଙ୍କର ଭଳି କୋଠରିଟି ୨୦ ଫୁଟ ଆକାରର ଥିଲା। ସେଥିରୁ ୬ ସୋଲାର ପ୍ଲେଟ୍, ୬ ଜାରକିନ୍, ୨ ମାଓବାଦୀ ୟୁନିଫର୍ମ ଏବଂ ୨ଟି ସିଲିଂ ଫ୍ୟାନ୍ ଜବତ କରାଯାଇଛି। ପରେ, ସମଗ୍ର ଅଞ୍ଚଳ ଖୋଜାଖୋଜି କରିବା ସମୟରେ, କୋବ୍ରା ଯବାନମାନଙ୍କର ଏକ ଦଳ ମୁରକାରଜଗୁଡ଼ା ଜଙ୍ଗଲରେ ୧୨ମାଓବାଦୀ ଡମ୍ପ ଆଣ୍ଡା ଠାବକରି ସେଗୁଡ଼ିକୁ ଧ୍ୱଂସ କରିଥିଲେ।

# କୁଡୁମୁଲୁଗୁମ୍ମା ଶୈବପୀଠରେ ଶିବପାର୍ବତୀ ପ୍ରାଣ ପ୍ରତିଷ୍ଠା ଉତ୍ସବ


ପୂଜାର୍ଚ୍ଚନା କରାଯାଉଛି ।

**କୋରୁକୋଣ୍ଡା,୧୯।୪(ଶିବଦତ୍ତ ସାହୁ)**

କୁଡୁମୁଲୁଗୁମ୍ମା ଶୈବପୀଠରେ ବାବା ଖାଡେଶ୍ୱର ଓ ମା' ପାର୍ବତୀଙ୍କ ନୂତନ ପ୍ରତୀମାର ପ୍ରାଣ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ୧୦୮ ମହିଳା ଜଳ ସଂଗ୍ରହକରି ଏକ ଶୋଭାଯାତ୍ରାରେ ବାହାରି ପ୍ରତିଷ୍ଠା ଯଜ୍ଞଶାଳାରେ ସ୍ଥାପନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଗୋଦାବରୀଶ ହୋତାଙ୍କ ପୌରୋହିତରେ ଯଜ୍ଞକାର୍ଯ୍ୟ ସମ୍ପାଦନା ସହ ଏଥିରେ ଆଚାର୍ଯ୍ୟ ଜଗନ୍ନାଥ ଶତପଥୀ, ପଣ୍ଡିତ ସୁକାନ୍ତ କୁମାର ରଥ, ପଣ୍ଡିତ ଶଶାଙ୍କ ଭୂଷଣ ହୋତା, ପଣ୍ଡିତ ଶକ୍ତି ପ୍ରସାଦ ହୋତା, ପୁରୋହିତ କୃଷ୍ଣ ଚନ୍ଦ୍ର ରଥ ଓ ପୂଜକ ଶରତ ଚନ୍ଦ୍ର ରଣା ଓ ମୁଖ୍ୟ କର୍ତ୍ତା ଭାବେ କୁଡୁମୁଲୁଗୁମ୍ମା ଗ୍ରାମର ତପନ କୁମାର ମିଶ୍ର ଓ ତାଙ୍କ ସ୍ତ୍ରୀ ରଶ୍ମୀତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

ମୁଖ୍ୟ କାର୍ଯ୍ୟକ୍ରମରେ ମଣ୍ଡଳ କରଣ, ଅଙ୍କୁରାରୋପଣ, ଯଜ୍ଞଶାଳା ପବିତ୍ରକରଣ, ସୂର୍ଯ୍ୟ ପୂଜା, ମହାସ୍ନାନ, ଦେବତା ପ୍ରାଣ ପ୍ରତିଷ୍ଠା ଓ ପୂର୍ଣ୍ଣାହୂତି ସହିତ ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଭଳି ମାଙ୍ଗଳିକ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହେବା ପରେ ନୂତନ ଶିବ ପାର୍ବତୀ ପ୍ରତିମା ମନ୍ଦିରର ଗର୍ଭଗୃହରେ ସ୍ଥାପନା କରାଯିବ । ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ଖାଡେଶ୍ୱର ମନ୍ଦିର ଟ୍ରଷ୍ଟ ସଦସ୍ୟ ନୀହାର କାନ୍ତ ଦାସ, ହୃଷୀକେଶ ସେଠୀ, ବାଳକୃଷ୍ଣ ପ୍ରଧାନ, ମଧୁସୂଦନ ପୃଷ୍ଟି, ବୀର ପାତ୍ର, ସନ୍ତୋଷ ମହାନ୍ତି, ପ୍ରଭାକର ବେହେରା, ସୂର୍ଯ୍ୟ ପଣ୍ଡା, ଜୟରାମ ପାତ୍ର, ଅସୀମ ଭତ୍ରା, ଜଗନ ହୋତା, କାଶୀନାଥ ନାୟକ, ବିଶ୍ୱମ୍ଭର ପୁହାଣ, ଅନନ୍ତ ଦୋରା, ହେମନ୍ତ କୁମାର ଦାସ ଓ ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଠାବ

**ମାଲକାନଗିରି,୧୯।୪(ଦୁର୍ଯ୍ୟୋଧନ ପାତ୍ର)**


ଜବତ ଅସ୍ତ୍ରଶସ୍ତ୍ର, ସାମଗ୍ରୀ ।

ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଶନିବାର ଗୁଳି ବିନିମୟ ଘଟି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି। ଆବୁଝମାଡ଼ ଜଙ୍ଗଲ ନିକଟରେ ନାରାୟଣପୁର ପୋଲିସ, ଆଇଟିବିପି ମିଳିତ ସର୍ଚ୍ଚ ଅପରେଶନ କରିଥିଲେ। କୋହକାମେଟା ଥାନା ଅନ୍ତର୍ଗତ କସୋଡ ଓ କୁମୁରାଡି ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିବା ପରେ ସାମ୍ନାକରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରୁ ସୁରକ୍ଷା କର୍ମୀମାନେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରିଥିବା ବେଳେ ସେଥିରୁ ୬ ଲକ୍ଷ ଟଙ୍କା, ୧୧ ଲାପ୍‌ଟପ୍, ୫୦ କେଜି ବାରୁଦ, ୩୦ କେଜି ସୋଡା, ୨୦ ଲିଟର ପେଟ୍ରୋଲ, ୨୦ ଲିଟର ଡିଜେଲ, ଦୁଇଟି କୁକର ବୋମା, ୧୩୦ ଏସ୍‌ଏଲ୍‌ଆର୍, ୧୨ ବୋର୍‌ର ୨୫ ଓ ୩୦୩ ରାଇଫଲ ୧୮ ଅଫୁଟା ଗୁଳି, କଡେକ୍ସ ତାର ଓ ପୋଷାକ ଆଦି ସାମଗ୍ରୀ ଜବତ କରିଛନ୍ତି।

# ଯବାନଙ୍କ ଦ୍ୱାରା ମାଓବାଦୀ ଡମ୍ପ ଜବତ

**ମାଲକାନଗିରି, ୧୯।୪(ଦୁର୍ଯ୍ୟୋଧନ ପାତ୍ର)**


ଜବତ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ।

ମାଲକାନଗିରି ଜିଲା ୨ ବାଟାଲିୟନ ବିଏସ୍‌ଏଫ୍ ଯବାନମାନେ ମାଓବାଦୀ ଡମ୍ପ ଜବତ କରିଛନ୍ତି। କାଲିମେଲା–ଚିତ୍ରକୋଣ୍ଡା ବ୍ଲକ୍ ଅଞ୍ଚଳରେ ବିଏସ୍‌ଏଫ୍ ତରଫରୁ କୋମ୍ବିଂ କରାଯାଇଥିଲା। ଏହି ସମୟରେ କାଲିମେଲା ଥାନା ପିଲିସୁମାମିଡି ଗ୍ରାମ ନିକଟ ଜଙ୍ଗଲରେ ଥିବା ଦୁଇଟି ପଥର ଖାଲିସ୍ଥାନରେ ମାଓବାଦୀ ଡମ୍ପ ଥିବା ଜାଣିବାକୁ ପାଇଥିଲେ । ଉକ୍ତ ଡମ୍ପକୁ ଜବତକରିବା ସହ ସେଥିରେ ଦୁଇଟି ବର୍ମାର ବନ୍ଧୁକ, ଦୁଇଟି କଳା ବ୍ୟାଗ୍ ଏବଂ ବନ୍ଧୁକରେ ବ୍ୟବହାର ପାଉଡର, ବିସ୍ଫୋଟକ ସାମଗ୍ରୀ ଥିବା ଜାଣିପାରିଥିଲେ। କାଲିମେଲା ଥାନା ଅଞ୍ଚଳ ମାଓବାଦୀଙ୍କ ଆଣ୍ଡାସ୍ଥଳୀ ଭାବେ ପରିଚିତ ଥିବା ବେଳେ ବର୍ତ୍ତମାନ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ ହୋଇଥିବା ବେଳେ ସେ ସମୟରେ ମାଓବାଦୀମାନେ ଏଠାରେ ଏହି ବନ୍ଧୁକ ଓ ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖିଥିବା ଅନୁମାନ କରାଯାଉଛି।

# ମାଲକାନଗିରିରେ ଲାଗିଲା ଶୀତଳ ପାନୀୟଜଳ ମେଶିନ

**ମାଲକାନଗିରି ୧୯।୪(ନୃସିଂହ ଚରଣ ମହାନ୍ତି)**


ଲଗାଯାଇଥିବା ମେଶିନ ।

ସମସ୍ତ ଦାନ ମଧ୍ୟରେ ଜଳଦାନ ମହାଦାନ ଭାବେ କଥିତ ଥିବା ବେଳେ ଗ୍ରୀଷ୍ମଋତୁରେ ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କୁ ପାନୀୟ ଜଳ ଯୋଗାଇବାକୁ ସରକାରୀ ତଥା ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହେଉଛି। ଏହି ଅବସରରେ ଶନିବାର ସହରର ବିଶିଷ୍ଟ ବ୍ୟବସାୟୀ ଡାଲିଚାନ୍ଦ ସୁରାନା ନିଜ ସହଧର୍ମିଣୀଙ୍କ ସହ ଆସି ମାଲକାନଗିରି ସଦର ମହକୁମା ପୁରୁଣା ମେଡିକାଲ ଛକ ରାମେଶ୍ୱର ମନ୍ଦିରରେ ନିଜ ଉଦ୍ୟମରେ ଏକ ଶୀତଳ ତଥା ବିଶୁଦ୍ଧ ପାନୀୟଜଳ ମେଶିନ ଲଗାଇଛନ୍ତି। ଏହା ପଥପ୍ରାନ୍ତ ଲୋକଙ୍କ ତୃଷା ମେଣ୍ଟାଇବାରେ ସହାୟକ ହେବ ବୋଲି ସୁରାନା ମତ ଦେଇଛନ୍ତି ।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଦଶମନ୍ତପୁର,୧୯।୪(ଅରବିନ୍ଦ ନାୟକ)**

ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଡୁମ୍ବାଗୁଡ଼ା ପଞ୍ଚାୟତ ଅଧୀନରେ ଥିବା କାଳିଆମ୍ବଠାରୁ ଡେଙ୍ଗାଗୁଡ଼ା ରାସ୍ତା ବୁଲାଣିରେ ଶନିବାର ଜଣେ ଯୁବକଙ୍କ ଦୁର୍ଘଟଣା ଘଟି ମୃତ୍ୟୁ ହୋଇଛି। ମୃତକ ହେଲେ ଧର୍ମେନ୍ଦ୍ର ମୁଦୁଲି(୩୦)। ସୂଚନା ଅନୁଯାୟୀ, ଧର୍ମେନ୍ଦ୍ର ଚିକାମ୍ବ ପଞ୍ଚାୟତସ୍ଥିତ ଆଦିବାସୀ ସାହିରୁ କାଶୀପୁର ବ୍ଲକ୍ କୁଚେଇପଦର ପଞ୍ଚାୟତ ଅଧୀନ ମାଳାମ୍ବ ଗାଁକୁ ବାଇକ୍(ଓଡି୧୦ଏସ୍୭୩୦୯) ଯୋଗେ ଯାଇ ଫେରୁଥିବା ବେଳେ ଡେଙ୍ଗାଗୁଡ଼ା ଗାଁ ମଝି ବୁଲାଣି ରାସ୍ତାରେ ଶୁକ୍ରବାର ମଧ୍ୟରାତିରେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଏକ ପଥରରେ ତାଙ୍କ ମୁଣ୍ଡରେ ଆଘାତ ଲାଗି ମୃତ୍ୟୁ ହୋଇଥିଲା। ରାସ୍ତା ନିର୍ମାଣ କରୁଥିବା ଠିକାଦାରଙ୍କୁ ବାରମ୍ବାର ଏହି ବୁଲାଣିରାସ୍ତାକୁ ଠିକ୍ କରିବାକୁ ଅନୁରୋଧ କରିବା ସତ୍ତ୍ୱେ କେହି ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏହି ରାସ୍ତାରେ ପୂର୍ବରୁ ୧୧ଟି ଦୁର୍ଘଟଣା ହୋଇଥିବା ଗ୍ରାମର ଗୋବର୍ଦ୍ଧନ ବିଷୋୟୀ, ଥବିର ବିଷୋୟୀ, ଦୁର୍ଯ୍ୟୋଧନ ମାଣ୍ଡିଙ୍ଗ, ପରମା ମାଣ୍ଡିଙ୍ଗ, ନବଘନ ବିଷୋୟୀ ଓ ଉଦ୍ଧବ ବିଷୋୟୀ ପ୍ରମୁଖ କହିଛନ୍ତି। ଏ ନେଇ ଦଶମନ୍ତପୁର ଥାନାରେ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନେତୃତ୍ୱରେ ବାଇକ୍‌ଜବତ କରାଯାଇଛି। ଏହିରାସ୍ତା ଶୀଘ୍ର ନିର୍ମାଣ କରାନଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

**ଅଙ୍କାବଙ୍କା ରାସ୍ତା ସୁଧାରିବାକୁ ଗ୍ରାମବାସୀଙ୍କ ଦାବି**

# ୪ ନାବାଳକ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର

**ସେମିଳିଗୁଡ଼ା/ସୁନାବେଡ଼ା,୧୯।୪ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)**


ଜବତ ଚୋରି ସାମଗ୍ରୀ ।

କିଛିଦିନ ହେବ ଉଭୟ ସେମିଳିଗୁଡ଼ା ଓ ସୁନାବେଡ଼ା ସହରରେ ଚୋରଙ୍କ ପାର୍ଦୁଭାବ ବଢ଼ିବାରେ ଲାଗିଛି। ବିଭିନ୍ନ ଅଞ୍ଚଳରେ ଏକାଧିକ ଚୋରି ମାମଲାରେ ନାବାଳକମାନଙ୍କ ସମ୍ପୃକ୍ତି ରହିଛି। ସେମିଳିଗୁଡା ଥାନା ଅଞ୍ଚଳରେ ଏକ ଚୋରି ମାମଲାରେ ୪ ନାବାଳକଙ୍କୁ ଜୁଭେନାଲ ଜଷ୍ଟିସ ବୋର୍ଡରେ ପୋଲିସ ହାଜର କରିଛି। ସୂଚନା ଅନୁଯାୟୀ, ସେମିଳିଗୁଡ଼ା କୈଳାସ ନଗର ୧୦ ନଂ ଗଳିର ଏକ ଭଡା ଘରେ ରହୁଥିବା ପ୍ରବୀର କୁମାର ଦାସ ଏପ୍ରିଲ ୧୪ ସନ୍ଧ୍ୟାରେ ପରିବାର ସହ ସୁନାବେଡା ଯାଇଥିଲେ। ଏହାର ସୁଯୋଗ ନେଇ ରାତି ୧୦ଟା ୩୦ରେ ଦୁର୍ବୃତ୍ତମାନେ ମୁଖ୍ୟ କବାଟ ଭାଙ୍ଗି ଘରେ ଥିବା ଦୁଇଟି ଆଲମାରିରୁ ସୁନା ଓ ରୂପାଗହଣା ସହ ନଗଦ ୩୦ ହଜାର ଟଙ୍କା,ଅନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ଏ ନେଇ ପ୍ରବୀର ସେମିଳିଗୁଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ସେମିଳିଗୁଡା ଥାନା ଅଧିକାରୀ ଅନିତା କୁଜୁର, ଏସ୍‌ଆଇ ବାଜି ଚରଣ କୁହଁର, ଏଏସ୍‌ଆଇ ଦିଗନ୍ତ ପ୍ରଭୁ ସହାୟ, ଏଏସ୍‌ଆଇ ଭି.ଡି. ମାଝୀ ଓ ବିରଞ୍ଚି ନାରାୟଣ ବାଣ୍ଡୁଆଙ୍କୁ ନେଇ ଏକ ଟିମ୍ ଗଠନ କରି ତଦନ୍ତ ଜାରି ରଖିଥିଲେ। ଏକ ଚୋରି ମୋବାଇଲର ସିଡିଆର ଓ ଆଇଏମ୍‌ଇଆଇ ନମ୍ବରକୁ ଟ୍ରାକ କରି ଲୋକେସନ ଜାଣି

**ଚୋରି ମାମଲା**

ଜୟପୁର ସଦର ଥାନା ଅଧୀନ ରତ୍ନାକର ଗୁଡା ଅଞ୍ଚଳରୁ ଜଣେ ନାବାଳକଙ୍କୁ ପୋଲିସ ଧରିଥିଲା। ତାଙ୍କୁ ପଚରାଉଚରା ପରେ ଏଥିରେ ସାମିଲ ଥିବା ଅନ୍ୟ ୩ ନାବାଳକଙ୍କୁ ରତ୍ନାକର ଗୁଡା,କେନ୍ଦୁ ଗୁଡ଼ା ଓ ସୌରା ଗୁଡା ଅଞ୍ଚଳରୁ ପୋଲିସ ଧରିଥିଲା। ୪ ନାବାଳକଙ୍କଠାରୁ ନଗଦ ୨୨ହଜାର ୫୦୦ ଟଙ୍କା, ୨ ସୁନା କାନ ଫୁଲ, ଗୋଟିଏ ରୁପା ବ୍ରେସଲେଟ,ଗୋଟିଏ ହାତ ଘଣ୍ଟା, ଏୟାର ବ୍ୟାଗ ଓ ଗୋଟିଏ ସ୍କ୍ରୁଡ୍ରାଇଭର ଓ ଗୋଟିଏ ଲୁହାରଡ୍‌କୁ ଜବତ କରାଯାଇଛି। ଏନେଇ ନଂ ୪୩/୨୫ରେ ମାମଲା ରୁଜୁ କରାଯାଇଛି। ୪ ନାବାଳକଙ୍କୁ ଶନିବାର ଜୟପୁର ଜୁଭେନାଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିବା ଓ ସେମାନଙ୍କ ବୟସ ୧୫ରୁ ୧୭ ବର୍ଷ ମଧ୍ୟରେ ଥିବା ଥାନା ଅଧିକାରୀ କୁଜୁର ସୂଚନା ଦେଇଛନ୍ତି।

# ସିଆଇଏସ୍‌ଏଫ୍ ଅଗ୍ନି ନିର୍ବାପନ ସପ୍ତାହ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କୁ ଡେମନଷ୍ଟ୍ରେଶନ ଯବାନମାନେ ବୁଝାଉଛନ୍ତି।

**ଦାମନଯୋଡି,୧୯।୪(ମାନସ ରଞ୍ଜନ କର)**

ଦାମନଯୋଡି ନାଲ୍‌କୋ ସୁରକ୍ଷାରେ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ(ସିଆଇଏସ୍‌ଏଫ୍) ଅଗ୍ନିଶମ ବିଭାଗ ପକ୍ଷରୁ ଚାଲିଥିବା ଅଗ୍ନି ନିର୍ବାପନ ସପ୍ତାହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସିଆଇଏସଏଫ ସିନିୟର କମାଣ୍ଡାଣ୍ଟ ସତ୍ୟଦେବ ଆର୍ଯ୍ୟଙ୍କ ଅଧ୍ୟକ୍ଷତାରେ ନାଲକୋ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲ, ନାଲ୍‌କୋ ବିଭିନ୍ନ ବିଭାଗର ସମୂହ ମହାପ୍ରବନ୍ଧକ,ବରିଷ୍ଠ ଅଧିକାରୀ,ଡେପୁଟି କମାଣ୍ଡାଣ୍ଟ ଦିଲପ୍ରୀତ ସିଂହ ଟିମା,ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ମହିଳାମାନେ ଉପସ୍ଥିତ ଥିଲେ। ବିଭାଗ ପକ୍ଷରୁ ଯବାନମାନେ ଡେମନ୍‌ଷ୍ଟ୍ରେସନ ପ୍ରଦର୍ଶନ କରିଥିଲେ। ଦାମନଯୋଡି ନାଲକୋ ଓ ଆଖପାଖ ଅଞ୍ଚଳରେ ଅଗ୍ନିଜନିତ ଅଥବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସିଆଇଏସ୍‌ଏଫ୍‌ର ସାହାଯ୍ୟ ଓ ସହଯୋଗ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଅତିଥି କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଗ୍ନିଶମ ବିଭାଗର ଡେପୁଟି କମାଣ୍ଡାଣ୍ଟ ନରେନ୍ଦ୍ର ସିଂହ ଧନ୍ୟବାଦ ଦେଇଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଫେଇ କାର୍ଯ୍ୟକ୍ରମ

**କୋରାପୁଟ,୧୯।୪ (ଅମିତାଭ ବେହେରା)**


କାର୍ଯ୍ୟକ୍ରମରେ ଉପସ୍ଥିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟମାନେ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଶନିବାର ସକାଳୁ ରାମ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏପ୍ରିଲ ୨୮ରୁ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହେବାକୁ ଥିବାରୁ ମନ୍ଦିର ପରିସରକୁ ସ୍ୱଚ୍ଛ ରଖିବା ପାଇଁ ସଂଘର ନଗର ସେବା ପ୍ରମୁଖ ଦୁଷ୍ମନ୍ତ କୁମାର ପରିଡା, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନଗର କାର୍ଯ୍ୟବାହ ବିଭୁ ପ୍ରସାଦ ନାୟକ, କର୍ମକର୍ତ୍ତା ଦେବୀପ୍ରସାଦ କର, ଏନ୍.ରମେଶ, ଅରୁଣକୁମାର ସାହୁ, ରାଜ କୁମାର ଦାସ ଏବଂ ଲୋକେଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଇଇ ମେନ୍ ପରୀକ୍ଷାରେ ତୁଷାରଙ୍କୁ ସଫଳତା

**ନନ୍ଦପୁର,୧୯।୪(ତୁଷାରକାନ୍ତ ମହାନ୍ତି)–**

ନନ୍ଦପୁର ବ୍ଲକ୍ ସଦର ମହକୁମା ବାସିନ୍ଦା ଶିକ୍ଷୟିତ୍ରୀ କୁନ୍ତୀ ମାଝୀ ଓ ନିରଞ୍ଜନ ମିଞ୍ଜଙ୍କ ପୁଅ ତୁଷାରକାନ୍ତ ମିଞ୍ଜ ଜେଇଇ ମେନ୍ ପରୀକ୍ଷା(ଏନ୍‌ଟିଏ)ରେ ସଫଳତା ହାସଲ କରିଛନ୍ତି। ସର୍ବଭାରତୀୟ ସ୍ତରରେ ତୁଷାରଙ୍କୁ ୫୭୬୧ ର୍‌ୟାଙ୍କ୍ ମିଳିଛି। ତୁଷାର ନନ୍ଦପୁର ଗଣିନାୟକ ପୁଟ ଆଦର୍ଶ ବିଦ୍ୟାଳୟର ଛାତ୍ର। ଏହି ସଫଳତା ପାଇଁ ନନ୍ଦପୁର ଗ୍ରାମର ବୁଦ୍ଧିଜୀବୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଶୁଭେଚ୍ଛା ଜଣାଇଛନ୍ତି। ନନ୍ଦପୁର



ବ୍ଲକ୍ ଅଞ୍ଚଳରେ କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ତଥା ବୈଶାଖୀ ପରିବାର ପକ୍ଷରୁ ତୁଷାରଙ୍କୁ ଶୁଭେଚ୍ଛା ଦିଆଯାଇଛି। ବି.ଟେକ୍ ପାଠ୍ୟକ୍ରମର କମ୍ପ୍ୟୁଟର ସାଇନ୍ସ ବିଭାଗ ପାଇଁ ପ୍ରସ୍ତୁତ ହେଉଥିବା ସେ କହିଛନ୍ତି।

# ରାଧାକୃଷ୍ଣ ମନ୍ଦିର ଦ୍ୱାଦଶ ବାର୍ଷିକ ଉତ୍ସବ

**ଦାମନଯୋଡି,୧୯।୪(ମାନସ ରଞ୍ଜନ କର)**

ଦାମନଯୋଡ଼ି ମାଥାଲପୁଟସ୍ଥିତ ରାଧାକୃଷ୍ଣ ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ ଶନିବାର ସକାଳୁ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ସ୍ଥାନୀୟ ମରିଚମାଳ ନଦୀରୁ କଳଶ ଧରି ଶୋଭାଯାତ୍ରା କରିଥିଲେ। ଏହି ଅବସରରେ ଶନିବାରଠାରୁ ବୁଧବାର ପର୍ଯ୍ୟନ୍ତ ଦୈନିକ ସନ୍ଧ୍ୟାରେ ଭାଗବତ କଥା ପାରାୟଣ ଅନୁଷ୍ଠିତ ହେବ। ବୃନ୍ଦାବନରୁ ତ୍ରୀଦଣ୍ଡି ସ୍ୱାମୀ ଭିକ୍ଷୁ ମହାରାଜ ପ୍ରବଚନ ଦେବେ। ଗୁରୁବାର ଘୃତଯଜ୍ଞ ଓ ଶୁକ୍ରବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ସୁନାବେଡ଼ାର ପର୍ବତ ମହାରାଜ ନାମଯଜ୍ଞ, ପୂଜକ ପ୍ରତାପ ପଣ୍ଡା ଓ ପ୍ରଣୟ ଦେତା, ରାମକୃଷ୍ଣ ମିଶ୍ର,ବଳଭଦ୍ର ଦାଶ ଓ ମନୋରଞ୍ଜନ ଦାଶ ପୂଜାର୍ଚ୍ଚନା କରିଥିଲେ। ହରିବନ୍ଧୁ ବିଶ୍ୱାଳ,ସୁଦାମ ବାରିକ,ସଦାନନ୍ଦ ସାହୁ,ସନ୍ତୋଷ ପାତ୍ର,ଶ୍ୟାମସୁନ୍ଦର ବରାଡ, ଜହଲ ପାଙ୍ଗି,କେଶବ ଚୌଧୁରୀ, ବେଣୁଧର ସାହୁ, ବିଶ୍ୱନାଥ ଚୌଧୁରୀ ଓ ସଞ୍ଜୟ ବିଶ୍ୱାଳ ପ୍ରମୁଖ କର୍ତ୍ତା ଦାୟିତ୍ୱରେ ରହିଛନ୍ତି। ମାଥାଲପୁଟ ମାର୍କେଟ ବ୍ୟବସାୟୀ,ଗ୍ରାମବାସୀ ଓ ମନ୍ଦିର କମିଟି ପକ୍ଷରୁ ଉତ୍ସବ ପରିଚାଳନା କରାଯାଇଛି।

# ୩ୟ ସନ୍ଧ୍ୟାରେ ମହାମହିମ, ଭାଗ୍ ନାଟକ ମଞ୍ଚସ୍ଥ

■ ପଞ୍ଚପଞ୍ଚମାଳି ନାଟ୍ୟ ମହୋତ୍ସବ

■ କର୍ତ୍ତବ୍ୟ,କର୍ମକୁ ଗୁରୁତ୍ୱ ଦେବାକୁ ଆହ୍ୱାନ

**ଦାମନଯୋଡ଼ି,୧୯।୪(ମାନସ ରଞ୍ଜନ କର)**


କଳାକାରମାନେ ନାଟକ ମହାମହିମ ମଞ୍ଚସ୍ଥ କରୁଛନ୍ତି।

ଦାମନଯୋଡ଼ି ନାଲକୋ ଟାଉନଶିପର ମୁକ୍ତାକାଶ ରଙ୍ଗମଞ୍ଚରେ ଊନବିଂଶ ପଞ୍ଚପଞ୍ଚମାଳୀ ନାଟ୍ୟ ମହୋତ୍ସବ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାର ଶନିବାର ୩ୟ ସନ୍ଧ୍ୟାରେ "ମହାମହିମ" ଓ "ଭାଗ୍" ନାଟକ ମଞ୍ଚସ୍ଥ ହୋଇଯାଇଛି। ବାଲେଶ୍ୱର ନାଟ୍ୟପ୍ରଭାର କଳାକାରମାନେ ସୁଶାନ୍ତ କୁମାର ଦାସଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ ମହାମହିମ ମଞ୍ଚସ୍ଥ କରିଥିଲେ। ମହାଭାରତ ଉପରେ ଆଧାରିତ,ପିତାମହ ଭୀଷ୍ମଙ୍କ କର୍ତ୍ତବ୍ୟ ଓ ଧର୍ମର ଯଥାର୍ଥତା ନାଟକରେ ପ୍ରତିପାଦନ କରାଯାଇଛି। ଅନ୍ୟ ଉପରେ ଭରସା ନ କରି ନିଜ କାର୍ଯ୍ୟ ନିରନ୍ତର ଭାବେ କରି ଚାଲିଲେ ଦିନେ ନା ଦିନେ ଲକ୍ଷ୍ୟ ହାସଲ ହୋଇପାରିବ। କୌଣସି ବରଦାନ,ଆଶୀର୍ବାଦ କେବେ ବି ଅଧର୍ମକୁ ବିଜୟୀ କରିପାରେନାହିଁ। କର୍ତ୍ତବ୍ୟ ଓ କର୍ମକୁ ଗୁରୁତ୍ୱ ଦେବାକୁ ନାଟକ ମାଧ୍ୟମରେ ଆହ୍ୱାନ ଦିଆଯାଇଛି।

ସେହିପରି ସମ୍ବଲପୁର ପଣ୍ଡିତ ଲକ୍ଷ୍ମୀ ନାରାୟଣ କଲଚରାଲ ଆସୋସିଏସନର କଳାକାରମାନେ ସନ୍ତୋଷ କୁମାର ମିଶ୍ରଙ୍କ ରଚନା ଓ ଦିଲ୍ଲୀପ ଦେବଙ୍କ ନିର୍ଦ୍ଦେଶନାରେ ଏକ ସମ୍ବଲପୁରୀ ନାଟକ ଭାଗ୍ ମଞ୍ଚସ୍ଥ କରିଥିଲେ। କେବଳ ଚାରୋଟି କାନ୍ଥ ଉପରେ ଛାତଥିବା ଗୋଟିଏ ଆକୃତିକୁ ଘର କୁହାଯିବ ନାହିଁ। ସେହି ଚାରିକାନ୍ଥ ଭିତରେ ଥିବା ପରିବାରର ସଦସ୍ୟମାନଙ୍କ ମଧ୍ୟରେ ସ୍ନେହ,ଶ୍ରଦ୍ଧା,ପ୍ରେମ ଓ ଭଲପାଇବା ନ ଥିଲେ ତାକୁ ଘରର ଆଖ୍ୟା ଦିଆଯାଇ ନ ପାରେ। ଅତୀତରେ ସ୍ନେହ,ଶ୍ରଦ୍ଧା ବନ୍ଧନରେ ବନ୍ଧା ଯୌଥ ପରିବାର ଦେଖୁଥିଲୁ। କିନ୍ତୁ ସେସବୁ ଲୋପ ପାଇବା ସହ ଘରର ସଂଜ୍ଞା ମଧ୍ୟ ବଦଳି ଯାଇଛି। ଏକକ ପରିବାରକୁ ସମସ୍ତେ ଆଦରିଲେଣି। ପିଲାମାନେ ବୁଢା ମାବାପାଙ୍କୁ ସାଙ୍ଗରେ ରଖିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ନିଜର ସ୍ୱାର୍ଥ ପାଇଁ ସେମାନଙ୍କୁ ବୃଦ୍ଧାଶ୍ରମ ପଠାଇ ଦେଉଛନ୍ତି। ପୈତୃକ ସମ୍ପତ୍ତି ପାଇବା ଆଶାରେ ଅଦାଲତର ଆଶ୍ରୟ ନେଉଛନ୍ତି। ନାଟକରେ ଦୁଇଭାଇଙ୍କ ମଧ୍ୟରେ ନିଜର ଜନ୍ମ କଲା ବୁଢ଼ୀ ମା ପାଇଁ କଳହ ଲାଗିଛି। ଶେଷରେ ନିରାଶ ହୋଇ ଅଦାଲତର ଆଶ୍ରୟ ନେଇଛନ୍ତି। ଏମିତି ବି ପୁଅ ଅଛନ୍ତି ଯିଏ ପରିବାର ଓ ମା ପ୍ରତି ସେବା ଭାବନା,ଅନାବିଳ ସ୍ନେହଭାବ ଦେବାକୁ ଚେଷ୍ଟା କରିଥିବା ଏକ କାହାଣୀକୁ ଏହି ନାଟକକୁ ଋଦ୍ଧିମନ୍ତ କରିଛି। ତୃତୀୟ ସନ୍ଧ୍ୟାରେ ନାଲ୍‌କୋର ସମୂହ ମହାପ୍ରବନ୍ଧକ ଆଶୀଷ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିର୍ମଳ ରାଉତ ଓ ଚିନ୍ମୟ ସାହୁ ମଞ୍ଚ ସଂଯୋଜନା କରିଥିଲେ। ନାଟ୍ୟ ମହୋତ୍ସବ କମିଟି ସଭାପତି ବିଚ୍ଛନ୍ଦ ଚରଣ ଦାଶ ଓ ସଦସ୍ୟମାନେ ପରିଚାଳନା କରିଥିଲେ।

# ଧିମେଇଛି ଗାଡ଼ି ବିକ୍ରି ଗତି



ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)

ଆର୍ଥିକ ବର୍ଷ ୨୦୨୪-୨୫ରେ ଦେଶରେ ମୋଟର ଯାନ ବିକ୍ରିରେ ଘରୋଇ ସ୍ତରରେ ପ୍ରାୟ ୬ ପ୍ରତିଶତର ବୃଦ୍ଧି ରେକର୍ଡ କରିଛି। ଅଟୋମୋବାଇଲ ଡିଲର୍ସ ସଂଗଠନ, ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା)ର ସୂଚନା ଅନୁସାରେ ଆର୍ଥିକ ବର୍ଷ ୨୦୨୪-୨୫ରେ ୨,୬୧,୪୩,୯୪୩ ୟୁନିଟ ରିଟେଲ ସେଲ ହୋଇଛି। ଏହି ଆର୍ଥିକବର୍ଷରେ ଓଡ଼ିଶାରେ ୮,୦୨,୧୭୯ ୟୁନିଟ୍ ରିଟେଲ ସେଲ ସହ ୨.୨୫ ଅଭିବୃଦ୍ଧି ରେକର୍ଡ କରାଯାଇଛି। ମାତ୍ର ଚଳିତବର୍ଷ ମାର୍ଚ୍ଚ ମାସରେ ରିଟେଲ ସେଲ ତଥ୍ୟ ଅନୁସାରେ ରାଜ୍ୟରେ ଗାଡ଼ିବିକ୍ରି ପରିମାଣ ଧିମେଇଛି। ୨୦୨୪ ମାର୍ଚ୍ଚ ଏବଂ ୨୦୨୫ ମାର୍ଚ୍ଚ ମାସର ରିଟେଲସେଲକୁ ତୁଳନା କଲେ ୫.୫୧% ହ୍ରାସ ଦେଖିବାକୁ ମିଳିଛି। ୨ଚକିଆ ଯାନ ବିକ୍ରି କ୍ଷେତ୍ରରେ ୬.୩୮% ହ୍ରାସ ଦେଖିବାକୁ ମିଳିଥିବାବେଳେ ୩ ଚକିଆ ଯାନ କ୍ଷେତ୍ରରେ ୧.୭୨%, କମର୍ସିଆଲ ଯାନକ୍ଷେତ୍ରରେ ସର୍ବାଧିକ ୨୬.୫୪% ହ୍ରାସ ଘଟିଛି। ପାସେଞ୍ଜର ଯାନକ୍ଷେତ୍ରରେ ୬.୪୪% ଏବଂ ଟ୍ରାକ୍ଟର ବିକ୍ରିରେ ୩୧.୨୭% ଅଭିବୃଦ୍ଧି ହୋଇଛି। 'ବାହନ' ତଥ୍ୟାନୁସାରେ ୨୦୨୫ ପ୍ରଥମ ତ୍ରୈମାସରେ ୪୫ଟି ବର୍ଗରେ ୨,୧୧,୩୧୩ ୟୁନିଟ୍ ଯାନ ବିକ୍ରି ହୋଇଛି। ୨୦୨୪ର ପ୍ରଥମ ତ୍ରୈମାସର ତଥ୍ୟ ଅନୁସାରେ ୫୦ବର୍ଗର ୨,୨୫,୫୩୫ ୟୁନିଟ୍ ଏବଂ ୨୦୨୩ର ପ୍ରଥମ ତ୍ରୈମାସରେ ୫୩ ବର୍ଗର ୧୯୯୦୧୪ ୟୁନିଟ୍ ଯାନ ବିକ୍ରି ହୋଇଥିଲା। ସମସ୍ତ ତଥ୍ୟକୁ ବିଶ୍ଳେଷଣ କରି ଅଟୋମୋବାଇଲ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତି ବିଶେଷ ନିଜ ନିଜର ମତାମତ ରଖିଛନ୍ତି।



| ଯାନବାହନର ବର୍ଗ | ଭାରତ | | | ଓଡ଼ିଶା | | |
|---|---|---|---|---|---|---|
| | ୨୦୨୩-୨୪ | ୨୦୨୪-୨୫ | ବିକ୍ରି ବୃଦ୍ଧି/ହ୍ରାସ | ୨୦୨୩-୨୪ | ୨୦୨୪-୨୫ | ବିକ୍ରି ବୃଦ୍ଧି/ହ୍ରାସ |
| ୨ ଚିକିଆ | ୧୭୫୨୭୧୧୫ | ୧୮୮୭୭୮୧୨ | ୭.୭୧%ବୃଦ୍ଧି | ୬୧୫୬୫୮ ୟୁନିଟ୍ | ୬୩୮୬୦୩ | ୩.୭୩% ବୃଦ୍ଧି |
| ୩ ଚକିଆ | ୧୧୬୭୯୮୬ | ୧୨୨୦୯୮୧ | ୪.୫୪% ବୃଦ୍ଧି | ୨୦୯୫୨ | ୨୩୪୭୧ | ୧୨.୦୨% ବୃଦ୍ଧି |
| କମର୍ସିଆଲ ଯାନ | ୧୦୧୦୩୨୪ | ୧୦୦୮୬୨୩ | ୦.୧୭% ହ୍ରାସ | ୪୦୬୮୪ | ୩୭୪୩୧ | ୮.୦୦% ହ୍ରାସ |
| ପାସେଞ୍ଜର ଯାନ | ୩୯୭୦୬୦୨ | ୪୧୫୩୪୩୨ | ୪.୮୭% ବୃଦ୍ଧି | ୮୧୦୨୬ | ୮୨୩୨୦ | ୧.୬୦% ବୃଦ୍ଧି |
| ଟ୍ରାକ୍ଟର | ୮୯୨୪୧୦ | ୮୮୩୦୯୫ | ୧.୦୪% ହ୍ରାସ | ୧୮୬୩୮ | ୨୦୩୫୪ | ୯.୨୧% ବୃଦ୍ଧି |
| ସମୁଦାୟ | ୨୪୫୫୮୪୩୭ | ୨୬୧୪୩୯୪୩ | ୬.୪୬% ବୃଦ୍ଧି | ୭୭୬୯୫୮ | ୮୦୨୧୭୯ | ୩.୨୫% |

# ବଢ଼ିଛି ବୈଦ୍ୟୁତିକ ଯାନ ପଞ୍ଜୀକରଣ




ଓଡ଼ିଶାରେ ପଞ୍ଜିକୃତ ବୈଦ୍ୟୁତିକ ଯାନ (ଇଭି) ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ୨୦୨୫ ମାର୍ଚ୍ଚ ୬ ସୁଦ୍ଧା ରାଜ୍ୟରେ ୮,୫୮୧ ଦୁଇ ଚକିଆ ଇଭି, ୯୬୫ ତିନି ଚକିଆ, ୮୫୪ ଚାରି ଚକିଆ ଏବଂ ୭୩ ବସ ପଞ୍ଜିକୃତ ହୋଇଛି। ସରକାର ଏ ପର୍ଯ୍ୟନ୍ତ ମୋଟ '୨୩୨.୪୫ କୋଟି ସବସିଡି ରାଶି ପ୍ରଦାନ କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ଓଡ଼ିଶା ଇଲେକ୍ଟ୍ରିକ ଯାନ ନୀତି ୨୦୨୧ ଅଧୀନରେ ୧,୨୨,୫୭୮ ହିତାଧିକାରୀଙ୍କୁ ଲାଭ ଦେଇଛି। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଇଭି ନୀତି ଅଧୀନରେ ପଞ୍ଜିକୃତ ଯାନବାହନ ସଂଖ୍ୟା ଏବଂ ବଣ୍ଟନ କରାଯାଇଥିବା ସବସିଡି ଏ ବିଷୟରେ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓଡ଼ିଶା ବିଧାନସଭାକୁ ସୂଚନା ଦେଇଥିଲେ।

ଅନ୍ୟପଟେ ରାଜ୍ୟରେ ଇଭି ପାଇଁ ଭିତ୍ତିଭୂମିରେ ସୁଧାର ଆଣିବା ଜରୁରୀ ହୋଇପଡ଼ିଛି। ବିଶେଷକରି ଚାର୍ଜିଷ୍ଟେଶନ ସ୍ଥାପନର ଆବଶ୍ୟକତା ପରିଲକ୍ଷିତ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷର ସୂଚନାନୁସାରେ ଦେଶରେ ସମୁଦାୟ ୨୬୩୬ ଚାର୍ଜି ଷ୍ଟେଶନ ରହିଥିବବେବେଳେ ଓଡ଼ିଶାରେ ମାତ୍ର ୧୮ଟି ଚାର୍ଜିଂଷ୍ଟେଶନ ରହିଛି।



## ଚାର୍ଜିଂ ଷ୍ଟେଶନ ଭଳି ଭିତ୍ତିଭୂମିର ଅଭାବ


"ବିବାହ ଋତୁରେ ଗାଡ଼ି ବଜାର ଭଲ ପ୍ରଦର୍ଶନ କରିଥାଏ। ମାତ୍ର ଚଳିତବର୍ଷ ଏହା ଭଲ ପରିଦର୍ଶନ କରିନାହିଁ। ଯଦିଓ ପ୍ରିମିୟମ୍ ସେଗମେଣ୍ଟରେ ସେପରି ପ୍ରଭାବ ପଡ଼ିନାହିଁ ବର୍ତ୍ତମାନ ଲୋୟର ସେଗମେଣ୍ଟରେ ଖରାପ ପ୍ରଦର୍ଶନ ଦେଖିବାକୁ ମିଳିଛି। ଯୁବପିଢ଼ି ବିଶେଷ କରି ସହରାଞ୍ଚଳ ଗ୍ରାହକ ବର୍ତ୍ତମାନ ବର୍ତ୍ତମାନ ୧୦୦ରୁ ୧୫୦ ସିସି ଦୁଇ ଚକିଆ ଯା ପରିବର୍ତ୍ତେ ସେମାନେ ଇଭି ସ୍କୁଟର ବ୍ୟବହାର କରିବାକୁ ଚାହୁଁଛନ୍ତି। ଚାରିଚକିଆ ଯାନ ପାଇଁ ଚାର୍ଜିଂ ଷ୍ଟେଶନ ଭଳି ଭିତ୍ତିଭୂମିର ଅଭାବ ରହିଛି। ମାତ୍ର ଦୁଇଚକିଆ ଇଭି ସ୍କୁଟର କ୍ଷେତ୍ରରେ ସେପରି ସମସ୍ୟା ନାହିଁ। ଦୁଇଚକିଆ ଯାନ ଚଳାଉଥିବା ଅଧିକାଂଶ ଲୋକ ଦିନକୁ ୭୦ରୁ ୮୦ କିଲୋମିଟର ଯାତ୍ରା କରିଥା'ନ୍ତି। ତେଣୁ ଏଥିପାଇଁ ନିଜ ଘରେ ଥରେ ଇଭି ସ୍କୁଟର ଚାର୍ଜ କରି ସେ ଯାତ୍ରା କରିପାରନ୍ତି। ସେହିପରି ସହରାଞ୍ଚଳରେ ବିଶେଷ ସମସ୍ୟା ନାହିଁ ମାତ୍ର ଗ୍ରାମାଞ୍ଚଳରେ ଦୁଇଚକିଆ ଯାନ ବିକ୍ରି କ୍ଷେତ୍ରରେ ବ୍ୟବସାୟ ବିସ୍ତାର କରିବାରେ ଏବେ ଅନେକ ଆହ୍ୱାନ ରହିଛି।



**– ମନସୁର ବକ୍ସ, ପରିଚାଳନା ନିର୍ଦ୍ଦେଶକ, ଏମ୍‌ଏସ୍‌ବି ବଜାଜ୍**

## ଗ୍ରାମୀଣ ଅଞ୍ଚଳରେ ଚାହିଦା ବୃଦ୍ଧି ଜରୁରୀ


"ଅଟୋଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରୁଛି ଯେଉଁଠାରେ ଅଭିବୃଦ୍ଧିକୁ ରଣନୈତିକ ସତର୍କତା ସହିତ ସ୍ଥିର କରାଯିବା ଆବଶ୍ୟକ। ଆଗାମୀ ଦିନରେ ଏହି ଏହି କ୍ଷେତ୍ରରେ ଅଭିବୃଦ୍ଧି ପାଇ ଗ୍ରାମୀଣ ଏବଂ ଅର୍ଦ୍ଧସହରାଞ୍ଚଳରେ ଚାହିଦା ବୃଦ୍ଧି କରିବା ଜରୁରୀ। ସେହିପରି ବୈଦ୍ୟୁତିକ ଯାନ ଭିତ୍ତିଭୂମକୁ ସୁଦୃଢ଼ କରାଯିବାର ଆବଶ୍ୟକତା ରହିଛି। ଇନଭେଣ୍ଟରୀ ଏବଂ ରିଟେଲ ଷ୍ଟ୍ରାଟେଜି କାର୍ଯ୍ୟକାରୀ କରିବା ସହ ବାସ୍ତବବାଦୀ ବ୍ୟବସାୟ ଯୋଜନା ପାଇଁ ଓଇଏମ୍-ଡିଲର ସହଭାଗୀତାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଅଟୋମୋବାଇଲ ଶିଳ୍ପ କ୍ଷେତ୍ରର ପୁନରୁଦ୍ଧାର ପାଇଁ ବିଶେଷକରି ବ୍ୟକ୍ତିଗତ ଅଟୋମୋବାଇଲ କ୍ଷେତ୍ରରେ ଗଠନାତ୍ମକ ପରିବର୍ତ୍ତନ ପାଇଁ ସମୟ, ନିବେଶ ଏବଂ ସମନ୍ୱିତ କାର୍ଯ୍ୟର ଗୁରୁତ୍ୱ ରହିଛି। ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ସମୋୟଚିତ ପଦକ୍ଷେପ, ଉତ୍ତମ ବ୍ୟବସାୟିକ ରଣନୀତି ଭାରତୀୟ ଅଟୋମୋବାଇଲ ଶିଳ୍ପ ଏହି ପରିବର୍ତ୍ତନକୁ ବୃଦ୍ଧି କରିପାରିବ ଏବଂ ୨୦୨୫-୨୬ ଆର୍ଥିକ ବର୍ଷଠାରୁ ଏହି କ୍ଷେତ୍ର ଅଧିକ ଶକ୍ତିଶାଳୀ ହୋଇ ଉଭା ହୋଇପାରିବ।



**– ସମଶେର ସିଂ ହୁରା, ସିଇଓ ଏବଂ ପ୍ରତିଷ୍ଠାତା, ଜାଶ୍ ମୋଟସର୍ସ ,ସମ୍ବଲପୁର**

## କମର୍ସିଆଲ ଯାନ ବଜାର ମାନ୍ଦା ପଡ଼ିଛି


"କମର୍ସିଆଲ ଯାନ କ୍ଷେତ୍ରରେ ଓଡ଼ିଶା ବଜାର ଟିକେ ମାନ୍ଦା ପଡ଼ିଛି । ନୂଆ ସରକାର ଗଠନ ହୋଇଥିବାରୁ ଏଦିଗରେ ପ୍ରୋତ୍ସାହନ ପ୍ରଦାନ ନେଇ ରାଜ୍ୟ ସରକାର ବର୍ତ୍ତମାନ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯୋଜନାକୁ ରୂପରେଖ ଦେବାରେ। ସାମାନ୍ୟ ବିଳମ୍ବ ହୋଇପାରେ ମାତ୍ର ଆଗକୁ ୫୦ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଆଶା କରାଯାଉଛି। କମର୍ସିଆଲ ଯାନ ବିକ୍ରି କ୍ଷେତ୍ରରେ ଗ୍ରାମାଞ୍ଚଳ କିମ୍ବା ସହରାଞ୍ଚଳରେ କିଛି ପାର୍ଥକ୍ୟ ନାହିଁ। ଯେଉଁଠାରେ ଶିଳ୍ପ ରହିଛି ସେଠାରେ ଏହି ବର୍ଗର ଯାନ ବିକ୍ରି ହେବ। ନିକଟରେ ରାଜ୍ୟ ସରକାର ଅନେକ ଶିଳ୍ପାନୁଷ୍ଠାନ ସହ ଚୁକ୍ତି କରିଛନ୍ତି। ତେଣୁ ରାଜ୍ୟରେ ଶିଳ୍ପ ଯେତେ ସୁଦୃଢ଼ ହେବ କମର୍ସିଆଲ ଯାନ ବିକ୍ରିର ପରିମାଣ ମଧ୍ୟ ବଢ଼ିବ। ମୋ ଜାଣିବାରେ କମ ଟନେଜ ପରିବହନ କରୁଥିବା ଯାନ ତୁଳନାରେ ଅଧିକ ଟନେଜ ପରିବହନ କରୁଥିବା ଯାନ ସଂଖ୍ୟା ବୃଦ୍ଧି ପାଇଛି। ଏହାର ମୁଖ୍ୟ କାରଣ ହେଉଛି ଭଲ ରାସ୍ତା, କମ ମୂଲ୍ୟ ଏବଂ ବଜାରରେ ଅଧିକ ମୂଲ୍ୟରେ ବିକ୍ରି ହେଉଥିବା ସାମଗ୍ରୀ। ପୂର୍ବରୁ ନବାଗତଙ୍କ ପାଇଁ ଋଣ ପାଇବା କଷ୍ଟସାଧ ଥିଲାବେଳେ ଏହା ବର୍ତ୍ତମାନ ସହଜ ହୋଇଯାଇଛି।



**– ବିମଳେନ୍ଦୁ ମହାନ୍ତି, ଏମଡି, ତୃପ୍ତି ଟାଟା(ତୃପ୍ତି ଗ୍ରୁପ୍)**

## ପୂର୍ବ ବର୍ଷର ଚାହିଦା ହ୍ରାସର ପ୍ରଭାବ ପଡିଛି

"ଆର୍ଥିକ ବର୍ଷ ଶେଷ ପୂର୍ବରୁ ମୂଲ୍ୟହ୍ରାସ ଭତ୍ତାରୁ ଲାଭ ଉଠାଇବା ଏବଂ ଏପ୍ରିଲର ମୂଲ୍ୟ ବୃଦ୍ଧିର ଲାଭ ଉଠାଇବା ପାଇଁ କର୍ପୋରେଟ ଏବଂ ବ୍ୟକ୍ତିଗତ କ୍ରୟ ବଢ଼ିଥାଏ। ତେବେ ୨୦୨୫ ମାର୍ଚ୍ଚରେ ଅଧିକ ରିହାତି ଏବଂ ସାମଗ୍ରୀ ଚାପ ଏବଂ ଦୁର୍ବଳ ଗ୍ରାମୀଣ ଭାବନା କାରଣରୁ ଏହି ସେଗମେଣ୍ଟରେ ସାମାନ୍ୟ ଅଭିବୃଦ୍ଧି ଘଟିଥିଲା । ପର୍ବପର୍ବାଣୀ ବୃଦ୍ଧି ସତ୍ତ୍ୱେ ବଜାରରେ ଅନିଶ୍ଚିତତା ଏବଂ ଆଇସିଇ ସେଗମେଣ୍ଟରେ କୌଣସି ବଡ଼ ଉତ୍ପାଦ ଉନ୍ମୋଚନ ମଧ୍ୟ ସ୍ଥିର ଚାହିଦା ଦେଇନଥିଲା ଏବଂ ପୂର୍ବ ବର୍ଷର ଚାହିଦା ହ୍ରାସ ଯୋଗୁଁ ଚଳିତ ବର୍ଷ ଅଭିବୃଦ୍ଧି ହ୍ରାସ ପାଇଛି। ତେବେ ଏସୟୁଭିର ପ୍ରବଳ ଚାହିଦା ରହିଛ। ବଜାର ଏହି ସେଗମେଣ୍ଟରେ ଚାହିଦାକୁ ସମର୍ଥନ ଜାରି ରଖିଛି। ଟୋୟୋଟା ସହିତ ଆମେ ହାଇରାଇଡରରେ ଦୃଢ଼ ଚାହିଦା ଦେଖୁଛୁ । ଏହା ବହୁତ ସକାରାତ୍ମକ ପ୍ରଭାବ ପକାଇଛି। ସରକାରୀ ପ୍ରୋତ୍ସାହନ ୨ ଚକିଆ ସେଗମେଣ୍ଟରେ ଇଭି ବିକ୍ରିକୁ ଯଥେଷ୍ଟ ବୃଦ୍ଧି କରିଛି। ମାତ୍ର ମୋ ଜାଣିବାରେ ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ଓଡ଼ିଶାରେ ଚାର୍ଜିଂ ଷ୍ଟେଶନ ଭିତ୍ତିଭୂମିକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ସରକାର ଉତ୍ତରପ୍ରଦେଶ ପରି ଅନ୍ୟ ରାଜ୍ୟଦ୍ୱାରା ଗ୍ରହଣ କରାଯାଇଥିବା ହାଇବ୍ରିଡ ମଡେଲ ଉପରେ ସମାନ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ୍। ବିକ୍ରୟ ଚାହିଦା, ସୁଧ ହାର, ମୌସୁମୀ, ନୂତନ ଉତ୍ପାଦ ଉନ୍ମୋଚନ ଇତ୍ୟାଦି ଅନେକ କାରଣ ଉପରେ ନିର୍ଭର କରେ, ମାତ୍ର ଏ କ୍ଷେତ୍ରରେ ମୁଁ ଖୁବ୍ ଆଶାବାଦୀ ଅଛି। ଇଣ୍ଡଷ୍ଟ୍ରି ପ୍ରିମିୟମ ବୈଶିଷ୍ଟ୍ୟ ଏବଂ ଏସୟୁଭି ଉପରେ ଧ୍ୟାନ ଦେଇ ଭଲ୍ୟୁମ ଅଭିବୃଦ୍ଧିରୁ ମୂଲ୍ୟ ଭିତ୍ତିକ ଅଭିବୃଦ୍ଧିକୁ ପରିବର୍ତ୍ତନ କରିବ।



**– ସିଦ୍ଧାର୍ଥ ଗର୍ଗ, ନିର୍ଦ୍ଦେଶକ, ଗର୍ଗସନ ଗ୍ରୁପ୍**

## ସ୍କ୍ରାପେଜ ନୀତି କଡ଼ାକଡ଼ି ହେବା ଜରୁରୀ


"କୋଭିଡ ପରେ ଓଡ଼ିଶାରେ ଅଟୋମୋବାଇଲ କ୍ଷେତ୍ରର ପ୍ରାରମ୍ଭିକ ଚାହିଦା ବଢ଼ିବା ପରେ ଅଭିବୃଦ୍ଧିରେ ସ୍ଥିରତା ଦେଖାଦେଇଛି। ଏହାପଛରେ ଅନେକ କାରଣ ରହିଛି। ନୂଆ ସରକାର ଗଠନ ସହିତ ଓଡ଼ିଶାର ରାଜନୈତିକ ସ୍ଥିତି ସମ୍ପୂର୍ଣ୍ଣ ରୂପେ ସରଗରମ ହୋଇଛି । ଯାହାର ପରିଣାମ ସ୍ୱରୂପ ନୀତି ନିର୍ଦ୍ଧାରଣ ହାର୍, ଭିତ୍ତିଭୂମି ବିକାଶ ଏବଂ ଖର୍ଚ୍ଚ ପାଇଁ ପାଣ୍ଠି ଆବଣ୍ଟନ ମନ୍ଥର ହୋଇଛି। ଗତ କିଛି ବର୍ଷ ମଧ୍ୟରେ ସୁଧ ହାରରେ କ୍ରମାଗତ ବୃଦ୍ଧି ଘଟିଛି, ଯାହାଫଳରେ କ୍ରୟ ମୂଲ୍ୟ ଅଧିକ ହେବ । ଏହି ଉତ୍ପାଦଗୁଡିକ ପାଇଁ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା। ବିଶେଷ କରି ୪ ଚକିଆ ଓ ୩ ଚକିଆ ଯାନ ବଜାରରେ ଇଭି ଯାନରେ ପରିଣତ ହେବା ନେଇ ଏକ ପ୍ରକାର ଦ୍ୱନ୍ଦ୍ୱ ରହିଛି। ଭିତ୍ତିଭୂମି ପାଣ୍ଠି ଉପରେ ଗୁରୁତ୍ୱ ଦେବା, ସଡ଼କ ଓ ଖଣି ଠିକା ପୁନଃ ଆରମ୍ଭ କରିବା, ଯାହା ଉଭୟ ବାଣିଜ୍ୟିକ ଏବଂ ବ୍ୟକ୍ତିଗତ ଭାବେ ୪ ଚକିଆ ଚାହିଦାକୁ ବଢ଼ାଇବ। ଭାରତ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସ୍କ୍ରାପେଜ ନୀତିକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ। ଇଭି କ୍ଷେତ୍ରକୁ ଅଭିବୃଦ୍ଧିରେ ସାହାଯ୍ୟ କରିବା ପାଇଁ, ବିଭିନ୍ନ ସୁବିଧା ପ୍ରଦାନପୂର୍ବକ ରାଜ୍ୟ ସରକାରଙ୍କ ତରଫରୁ ଏକ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନର ଆବଶ୍ୟକତା ରହିଛି।



**ବ୍ରିଜେଶ ମେହେର, ପରିଚାଳନା ନିର୍ଦ୍ଦେଶକ, ମିନର୍ଭା ଅଟୋମୋବାଇଲ, ବଲାଙ୍ଗିର**

## ସେଡାନ ସେଗମେଣ୍ଟରେ ଚାହିଦା କମୁଛି


"ମାର୍ଚ୍ଚ ମାସ ରିପୋର୍ଟକୁ ଅନୁଧାନ କଲେ ଜଣାପଡୁଛି ଓଡ଼ିଶାରେ ୨ଚକିଆ ଯାନ ବିକ୍ରି କ୍ଷେତ୍ରରେ ୬.୩୮ ପ୍ରତିଶତ ହ୍ରାସ ଘଟିଛି। ମାତ୍ର ପାସେଞ୍ଜର ଗାଡ଼ି କ୍ଷେତ୍ରରେ ୬.୪୪% ଅଭିବୃଦ୍ଧି ଦେଖିବାକୁ ମିଳିଛି। ତେବେ ଜାତୀୟ ସ୍ତରରେ କମ୍ପାକ୍ଟ ଏସୟୁଭିର ଚାହିଦା ଦେଖିବାକୁ ମିଳୁଛି। ୫୦%ରୁ ଅଧିକ ଗ୍ରାହକ ଏହି ସେଗମେଣ୍ଟକୁ ବାଛିଛନ୍ତି । ଓଡ଼ିଶାରେ ମଧ୍ୟ ଏହି ଧାରା ପ୍ରତିଫଳିତ ହେଉଛି, ଯେଉଁଠାରେ କମ୍ପାକ୍ଟ ଏସ୍ୟୁଭି ଗ୍ରାହକଙ୍କ ମଧ୍ୟରେ ଅଧିକ ଲୋକପ୍ରିୟ ହେବାରେ ଲାଗିଛି। ପୂର୍ବରୁ ଭାରତୀୟ ଅଟୋମୋବାଇଲ ବଜାରରେ ଏକ ପ୍ରଭାବଶାଳୀ ସ୍ଥାନ ରେ ଥିବା ସେଡାନ ସେଗମେଣ୍ଟରେ ଏବେ ଉଲ୍ଲେଖନୀୟ ହ୍ରାସ ଦେଖିବାକୁ ମିଳୁଛି। ପ୍ରମୁଖ ଓଇଏମ ଗୁଡ଼ିକ ଧୀରେ ଧୀରେ ଏହି ବର୍ଗରୁ ଦୂରେଇ ଯାଉଛନ୍ତି, ସାମଗ୍ରିକ ବ୍ରାଣ୍ଡଗୁଡ଼ିକ ବର୍ତ୍ତମାନ ସମୁଦାୟ ୩ରୁ ୪ଟି ସେଡାନ ମଡେଲ ପ୍ରଦାନ କରୁଛନ୍ତି। ତେଣୁ ବିଶେଷ କରି ସେଡାନ ବର୍ଗରେ ଆଉ ଇନଭେଣ୍ଟୋରୀ ଲେଭେଲ ନାହିଁ। ବୈଦ୍ୟୁତିକ ଯାନ(ଇଭି) ଗ୍ରହଣରେ ଯଥେଷ୍ଟ ଅଭିବୃଦ୍ଧି ଏବଂ ଚାର୍ଜିଂ ଭିତ୍ତିଭୂମି ଏବଂ ପ୍ରୋତ୍ସାହନ ବୃଦ୍ଧି ପାଇଁ ପ୍ରୟାସ ଜାରି ରହିଥିବାରୁ ଓଡ଼ିଶା ବିଶେଷକରି ଭୁବନେଶ୍ୱର ଏକ ଆଶାଜନକ ମାର୍ଗରେ ଗତି କରୁଛି। ଏହି ଗତିକୁ ବଜାୟ ରଖିବା ଏବଂ ଦୀର୍ଘମିଆଦୀ ସ୍ଥାୟୀତା ଲକ୍ଷ୍ୟ ହାସଲ କରିବା ପାଇଁ ଚାର୍ଜିଂ ସୁବିଧା ଏବଂ ଜନସଚେତନତା କ୍ଷେତ୍ରରେ ନିରନ୍ତର ପୁଞ୍ଜିନିବେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ମୋଟାମୋଟି ଭାବେ ସହରରେ ଇଭିର ଅଭିବୃଦ୍ଧି ଓ ବଜାର ଅଂଶ ବୃଦ୍ଧି ପାଉଛି।



**– ପ୍ରଦୀପ ଅଗ୍ରୱାଲ, ଟ୍ରେଜେରର, ଫାଡା**

## ଅଧିକ ଗବେଷଣା ଜରୁରୀ


"ଅଟୋମୋବାଇଲ କ୍ଷେତ୍ରରେ ଅଭିନବତାର ଅଭାବ କାରଣରୁ ଅଟୋମୋବାଇଲ କ୍ଷେତ୍ର କିଛି ପରିମାଣରେ ପଛାଇଯାଇଛି। ପାଶ୍ଚାତ୍ୟ ଦେଶତୁଳନାରେ ଅଟୋମୋବାଇଲ କ୍ଷେତ୍ରରେ ଆମକୁ ଅଧିକ ଗବେଷଣା ଏବଂ ବିକାଶର ଆବଶ୍ୟକତା ରହିଛି। ସେହପରି ଟିକସ ହ୍ରାସ ଦ୍ୱାରା ଉଚ୍ଚ ଅଭିବୃଦ୍ଧି ହୋଇପାରେ। ଉତ୍ତମ ସ୍କ୍ରାପେଜ ବୋନସ ମଧ୍ୟ ଅଟୋମୋବାଇଲ ଶିଳ୍ପକୁ ପ୍ରୋତ୍ସାହିତ କରିପାରିବ ବୋଲି ଆଶା କରୁଛି।



**– ପବନ କୁମାର ସୁଲତାନିଆ, ପରିଚାଳନା ନିର୍ଦ୍ଦେଶକ, ଇନଫିନିଟି ଭେଞ୍ଚର, ଝାରସୁଗୁଡ଼ା**

## ଗ୍ରାମୀଣ ଚାହିଦା ଦୁର୍ବଳ ହୋଇଛି


"ଭାରତୀୟ ଅଟୋମୋବାଇଲକ୍ଷେତ୍ର ବିଫଳ ହୋଇନାହିଁ, ବରଂ ଅନେକ ପରସ୍ପର ସହ ଜଡ଼ିତ ଆହ୍ୱାନ କାରଣରୁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଏବଂ ସାମୟିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଅର୍ଥନୈତିକ ମାନ୍ଦାବସ୍ଥା ଏବଂ ନିମ୍ନ ଉପଭୋକ୍ତା ଭାବନା, କୋଭିଡ ପରବର୍ତ୍ତୀ ଆର୍ଥିକ ଚାପ, ମୁଦ୍ରାସ୍ଫୀତି ଏବଂ ଆୟରେ ଅନିଶ୍ଚିତତା କ୍ରୟ ପରିମାଣ ହ୍ରାସ କରିଛି। ୨ ଚକିଆ ଓ କ୍ଷୁଦ୍ର ଯାନ ବିକ୍ରିର ଏକ ମଜଭୁତ ସ୍ତମ୍ଭ ଭାବେ ପରିଚିତ ଗ୍ରାମୀଣ ଚାହିଦା ଦୁର୍ବଳ ହୋଇଛି। ଇଭି ଏବଂ ନିୟାମକ ଚାପରେ ପରିବର୍ତ୍ତନ, ସମ୍ପୂର୍ଣ୍ଣ ଭିତ୍ତିଭୂମି ପ୍ରସ୍ତୁତି ବିନା ହଠାତ୍ ଇଲେକ୍ଟ୍ରିକ ଯାନ (ଇଭି)ର ପ୍ରବେଶ ଦ୍ୱାରା କ୍ରେତାମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ବାରମ୍ବାର ନିୟାମକ ପରିବର୍ତ୍ତନ ଯୋଗୁଁ ଗାଡିର ମୂଲ୍ୟ ବୃଦ୍ଧି ପାଇଥିଲା। ସେହିପରି ସେମିକଣ୍ଡକ୍ଟର ଅଭାବ, କଞ୍ଚାମାଲ ମୂଲ୍ୟ ବୃଦ୍ଧି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳା ବିଳମ୍ବ ଉତ୍ପାଦନ ସମୟସୀମାକୁ ପ୍ରଭାବିତ କରିଛି । ତୈଳ ଦର ବୃଦ୍ଧି, ବୀମା ପ୍ରିମିୟମ, ପଞ୍ଜୀକରଣ ଶୁଳ୍କ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ମାଲିକାନାକୁ ପ୍ରଭାବିତ କରିଛି। ସହରୀ ଯୁବପିଢ଼ି ମାଲିକାନା ଅପେକ୍ଷା ଅଂଶୀଦାର ଗତିଶୀଳତା (ଓଲା, ଉବର) ପସନ୍ଦ କରନ୍ତି। ଆଇସିଇ ଏବଂ ଇଭିକୁ ସମାନ୍ତରାଳ ଭାବରେ ପ୍ରୋତ୍ସାହିତ କରି ଟିୟର ୨/୩ ବଜାରରେ ଆଇସିଇ ଏବେ ବି ପ୍ରାସଙ୍ଗିକତା ରଖିଛି। ସବ ସିଡି/ପ୍ରୋତ୍ସାହନ କେବଳ ଇଭିରେ ସୀମିତ ରହିବା ଉଚିତ ନୁହେଁ।



**ମନୋରଞ୍ଜନ ଦାସ, ପରିଚାଳନା ନିର୍ଦ୍ଦେଶକ, ପିଏମଜି ମୋଟର୍ସ, କଟକ**

## ବଜାର ସ୍ଥିରତା ପାଇଁ ସତର୍କତା ଜରୁରୀ

"ବର୍ତ୍ତମାନର ବିଶ୍ୱ ପରିବେଶ ନିଶ୍ଚିତ ଭାବରେ ଅନିଶ୍ଚିତତା ଦେଇ ଗତି କରୁଛି, ଯାହା ଫଳରେ ବାଣିଜ୍ୟ ଏବଂ ନିବେଶକୁ ପ୍ରଭାବିତ କରୁଥିବା ଭୂରାଜନୈତିକ ଉତ୍ତେଜନା ଏବଂ ଏଆଇ ସମନ୍ୱିତ ଚାକିରି ସୁରକ୍ଷା ବିଷୟରେ ଚିନ୍ତା ସୃଷ୍ଟି କରୁଛି । ବିଶେଷକରି କାର ପରି ବଡ଼ କ୍ରୟ ସହିତ ସତର୍କ ଗ୍ରାହକ ଆଚରଣ, ଷ୍ଟକ ଏକ୍ସଚେଞ୍ଜରେ କରାଯାଇଥିବା ନିବେଶରେ ଅନିଶ୍ଚିତତା, ଇଏମଆଇ (ମାସିକ କିସ୍ତି) ପ୍ରତି ପ୍ରତିଶ୍ରୁତିବଦ୍ଧ ହେବାରେ ସଂକୋଚ ଏହି ଅନିଶ୍ଚିତତାକୁ ପ୍ରତିଫଳିତ କରୁଛି। ଉନ୍ନତ ଇଭି (ବୈଦ୍ୟୁତିକ ଯାନ) ବିକଳ୍ପ, ପୁଞ୍ଜି କ୍ରୟକୁ ସ୍ଥଗିତ ରଖିବା ଏବଂ ବଜାରରେ ଅଧିକ ସ୍ଥିରତା ଏବଂ ସ୍ୱଷ୍ଟତା ନଆସିବା ପର୍ଯ୍ୟନ୍ତ ଏହି ସତର୍କ ଆଭିମୁଖ୍ୟ ଜାରି ରହିବାର ସମ୍ଭାବନା ଅଛି।



**– ଅଖିଳ ପୋଦ୍ଦାର, ଚେୟାରପର୍ସନ, ଫାଡା, ଓଡ଼ିଶା**

## ସବ୍‌ସିଡି ପ୍ରଦାନ ଟ୍ରାକ୍ଟର ବିକ୍ରି ବଢ଼ାଇଛି

"ଓଡ଼ିଶାରେ ନୂଆ ସରକାର ଗଠନ ଓ ନିର୍ବାଚନ ପ୍ରକ୍ରିୟା ଯୋଗୁଁ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି କାରଣ ସାଧାରଣତଃ ସରକାରଙ୍କୁ ସମାଧାନ ହେବାକୁ କିଛି ସମୟ ଲାଗିଥାଏ। ନୂତନ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାର ନବୀକରଣ ଏବଂ ନୂତନ ଲିଜ ପ୍ରଦାନ ଯୋଗୁଁ ମାନ୍ଦାବସ୍ଥା ସହିତ ଖଣି ଶିଳ୍ପରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଯଦିଓ କର୍ପୋରେଟ କ୍ରେତା, ଠିକାଦାର ଯେଉଁମାନଙ୍କ ପାଖରେ ଏକ ଦୃଢ଼ ଅର୍ଡର ବୁକ ଥିଲା ସେମାନେ ଗାଡ଼ି କିଣିବା ଜାରି ରଖିଥିଲେ ମଧ ଖୁଚୁରା ଗ୍ରାହକ ଏବଂ ପ୍ରଥମ ଥର କ୍ରେତାମାନେ ଗାଡ଼ି ବଜାରର ଏକ ପ୍ରମୁଖ ଅଂଶ ହୋଇଥିବା କମ ବଜାର ଭାବନା କାରଣରୁ କିଣିବାରୁ ଦୂରେଇ ରହିଥିଲେ। ତେବେ ଟ୍ରାକ୍ଟର ପିଛା ୧୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ୮୦ ୟୁନିଟ ସବସିଡି ପ୍ରଦାନ କରି କୃଷକମାନଙ୍କୁ ଉପକୃତ କରିବା ପାଇଁ ସରକାର ଗୁରୁତ୍ୱାରୋପ କରିଥିଲେ ଏହା ଟ୍ରାକ୍ଟର ଶିଳ୍ପ ବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି କହିପାରିବା। ସାମଗ୍ରିକ ଭାବରେ ଏକ ସକାରାତ୍ମକ ଭାବନା ଥିଲା ଏବଂ ଧାନ ଭଳି ଫସଲର ଉତ୍ତମ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ସହିତ ସବସିଡ଼ି ଏବଂ ଚାଷୀଙ୍କ ଆକାଉଣ୍ଟକୁ ତୁରନ୍ତ ରାଶି ବଣ୍ଟନ ଟ୍ରାକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା



**– ତେଜିନ୍ଦର ସିଂହ ଭୁମ୍ବର, ନିର୍ଦ୍ଦେଶକ, ପାରାମାଉଣ୍ଟ ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍**

## ପାରମ୍ପରିକ ଯାନକୁ ପ୍ରୋତ୍ସାହନ ମିଳୁ


"ଅର୍ଥନୈତିକ ମାନ୍ଦାବସ୍ଥା, ଉପଭୋକ୍ତା କ୍ରୟ ଶକ୍ତି ହ୍ରାସ, ଚାକିରି ଅନିଶ୍ଚିତତା ଏବଂ ସାମଗ୍ରିକ ଅର୍ଥନୈତିକ ଚାପ ଯୋଗୁଁ ଗାଡ଼ି ଭଳି ବଡ଼ ବଡ଼ ଜିନିଷ ଉପରେ ଉପଭୋକ୍ତା ଖର୍ଚ୍ଚ ହ୍ରାସ ପାଇଛି। କୋଭିଡ-୧୯ର ପ୍ରଭାବ, ବଢ଼ୁଥିବା ଗାଡ଼ି ଦର ସହ ଇଲେକ୍ଟ୍ରିକ ଯାନ (ଇଭି)କୁ ଗ୍ରହଣ ପ୍ରତି ଉଦ୍ୟମ ଜାରି ରହିଥିବାରୁ ଯାନବିକ୍ରି କ୍ଷେତରେ ମାନ୍ଦାବସ୍ଥା ଦେଖିବାକୁ ମିଳିଛି। ସରକାର ଉଭୟ ଇଭି ଏବଂ ପାରମ୍ପରିକ ଯାନ ବର୍ଗରେ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ୍ । ଯାନବାହନ ଉପରେ ଅସ୍ଥାୟୀ ଜିଏସଟି ହ୍ରାସ ଚାହିଦା ବଢ଼ାଇପାରେ। ଇଭି ଇକୋସିଷ୍ଟମକୁ ମଜବୁତ କରିବାକୁ ମଧ ପଡ଼ିବ। ଚାର୍ଜିଂ ଷ୍ଟେସନ, ବ୍ୟାଟେରୀ ସ୍ୱାପିଂ ଏବଂ ଇଭି ଯନ୍ତ୍ରାଂଶର ସ୍ଥାନୀୟ ଉତ୍ପାଦନ ପରି ଇଭି ଭିତ୍ତିଭୂମିର ଦ୍ରୁତ ବିକାଶ ଉପଭୋକ୍ତାଙ୍କ ଦ୍ୱିଧାକୁ ହ୍ରାସ କରିବ। ସେହିପରି ଗ୍ରାମୀଣ ଭାରତରେ ସ୍ୱତନ୍ତ୍ର ଆର୍ଥିକ ଯୋଜନା, ସବସିଡି ପ୍ରଦାନ ଦ୍ୱାରା ଦୁଇ ଚକିଆ ଯାନ ଏବଂ କାର ବିକ୍ରିକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇପାରିବ। ପରିବର୍ତ୍ତିତ ଅଟୋ ଲ୍ୟାଣ୍ଡସ୍କେପ ସହିତ ଖାପ ଖୁଆଇବା ପାଇଁ କ୍ଷୁଦ୍ର ଯୋଗାଣକାରୀମାନଙ୍କୁ କ୍ରେଡିଟ ଏବଂ ବୈଷୟିକ ସହାୟତାର ଆବଶ୍ୟକତା ରହିଛି। ଏହାସହ ଏନବିଏଫସିର ପୁନରୁଦ୍ଧାର ଏବଂ ନମନୀୟ ଋଣ ଯୋଜନା ନିମ୍ନ ଏବଂ ମଧ୍ୟମ ଆୟ କାରୀ କମ୍ପାନୀକୁ ସାହାଯ୍ୟ କରିପାରିବ।




**– ଆଦର୍ଶ ଧାୱନ, ନିର୍ଦ୍ଦେଶକ, ସେଣ୍ଟ୍ରାଲ ଏମଜି ଆଣ୍ଡ ସେଣ୍ଟ୍ରାଲ ବିୱାଇଡି**

# ସଫଳତା ପାଇଁ...

**ଜୀବନରେ ସଫଳ ହେବାକୁ ସମସ୍ତେ ଚାହାନ୍ତି। ଏଥିପାଇଁ ଅନେକ ବାଧାବିଘ୍ନକୁ ସାମ୍ନା ବି କରିବାକୁ ପଡ଼େ। କେବେ କେବେ ବିଫଳତାର ବି ସମ୍ମୁଖୀନ ହେବାକୁ ହୁଏ। ହେଲେ ଏଥିରେ ଭାଙ୍ଗି ପଡ଼ିଲେ ନିଜ ଲକ୍ଷ୍ୟପଥରେ ଅଗ୍ରସର ହେବା କଷ୍ଟକର ହୋଇଥାଏ। ତେଣୁ ସଫଳତା ପାଇବାକୁ ହେଲେ ମନୋବଳ ଦୃଢ଼ ରଖି ଆଗକୁ ବଢ଼ିବା ବୁଦ୍ଧିମତ୍ତାର କାର୍ଯ୍ୟ...**





ସଫଳତା ଏବଂ ବିଫଳତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ସଫଳତାର ସ୍ୱାଦ ଚାଖିବାକୁ ହେଲେ ବିଫଳତାରେ ଭାଙ୍ଗି ନ ପଡ଼ି ଦୃଢ଼ ମନରେ ନିଜ ଲକ୍ଷ୍ୟପଥରେ ଆଗେଇ ଯିବା ଦରକାର। ତେଣୁ ଜୀବନରେ ଆଗକୁ ବଢ଼ିବା ଲାଗି କେତୋଟି ବିଷୟ ପ୍ରତି ବିଶେଷ ଦୃଷ୍ଟିଦେବା ନିହାତି ଆବଶ୍ୟକ...

**ପ୍ରଥମେ କରନ୍ତୁ ପ୍ଲାନିଂ:** ସଫଳତା ଏତେ ସହଜରେ ମିଳେନାହିଁ। ଏଥିପାଇଁ ଦରକାର ଯୋଜନା। ଅର୍ଥାତ୍ କୌଣସି ବି କାର୍ଯ୍ୟ କରିବାକୁ ହେଲେ ମନଇଚ୍ଛା ଆଗକୁ ବଢ଼ି ନ ଯାଇ ପ୍ରଥମେ ଆବଶ୍ୟକ ଜ୍ଞାନ, ଦକ୍ଷତା ହାସଲ କରିବା ଦରକାର। ଜବ୍, ବିଜ୍‌ନେସ୍ ହେଉ କିମ୍ବା ରୁଚିଥିବା ଯେକୌଣସି କ୍ଷେତ୍ରରେ ସଫଳ ହେବାକୁ ହେଲେ ଏକ ଯୋଜନା ମୁତାବକ କାର୍ଯ୍ୟ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆଉ ପ୍ରଥମରୁ ହିଁ ଏକ ସକାରାତ୍ମକ ଚିନ୍ତା ରଖି ଏହାକୁ ଅନୁସରଣକରି ଆଗେଇଲେ ଲକ୍ଷ୍ୟ ହାସଲ କରିବା ଅପେକ୍ଷାକୃତ ସହଜ ହୋଇଥାଏ।

**ଭୟ ଦୂରାନ୍ତୁ :** ହାରିବା ବା ବିଫଳତାର ଡର ମନରୁ ସମ୍ପୂର୍ଣ୍ଣ ଦୂରେଇ ଉଦ୍ୟମ ଜାରି ରଖିବା ଦରକାର। କାରଣ ସବୁବେଳେ ଭୟ ରହିଲେ ଆଗକୁ ଆଗେଇବାରେ ବାଧକ ସାଜିଥାଏ। ତେଣୁ ଏପରି ଚିନ୍ତାଧାରାଠାରୁ ନିଜକୁ ଦୂରେଇ ରଖନ୍ତୁ। ଚେଷ୍ଟାକଲେ ଅନେକ କାର୍ଯ୍ୟରେ ସଫଳତା ମିଳିବା ଆଶା ଅଧିକ ଥାଏ। ତେଣୁ ଅସଫଳ ହେବା ଭୟରେ କାର୍ଯ୍ୟକୁ ଛାଡ଼ି ନ ଦେଇ ବାରମ୍ବାର ଚେଷ୍ଟା ଜାରି ରଖନ୍ତୁ ଏବଂ ନିଜ ମନକୁ ଦୃଢ଼କଲେ ସଫଳତାର ମାର୍ଗ ସହଜ ହୋଇପାରିବ।

**ଛାଡ଼ନ୍ତୁ ଜିଦ୍:** ନିଜ କଥା, ଚିନ୍ତାଧାରା ହିଁ ଠିକ୍ ବୋଲି ଅନେକଙ୍କ ମନରେ ଧାରଣ ଥାଏ। ତେଣୁ ବାସ୍ତବ କ'ଣ ଅବା ଭୁଲ୍ ଠିକ୍‌ର ବିଚାର ନ କରି ସେମାନେ ନିଜ ଜିଦ୍‌ରେ ଅଡ଼ି ବସନ୍ତି। ହେଲେ ଖରାପ ଜିଦ୍ ସବୁବେଳେ ଖରାପ ହିଁ କରିଥାଏ। ଏମିତିକି କେବେ କେବେ ଏହି ଜିଦ୍ ହିଁ ସଫଳତା ହାସଲ ପଥରେ ଜଟିଳ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ନିଜ ଜିଦ୍‌ରେ ଅଡି ନ ବସି ନିଜ ମାନସିକତାରେ ପରିବର୍ତ୍ତନ ଆଣନ୍ତୁ। ସବୁବେଳେ ସମସ୍ତଙ୍କଠୁ କିଛି ଶିଖିବା ଏବଂ ନୂଆ ନୂଆ କାର୍ଯ୍ୟ କରି ଲକ୍ଷ୍ୟ ହାସଲ କରିବାର ଇଚ୍ଛାଶକ୍ତି ରଖନ୍ତୁ।

**ହୁଅନ୍ତୁନି ଅଳସୁଆ :** ଆଳସ୍ୟ ହିଁ ମଣିଷର ସବୁଠୁ ବଡ଼ ଶତ୍ରୁ। ଅଳସୁଆ ହୋଇ ଯେକୌଣସି କାର୍ଯ୍ୟରେ ଆଗେଇଲେ ଅସଫଳ ହେବାର ଆଶଙ୍କା ଅଧିକ ରହିଛି। ତେଣୁ ସବୁବେଳେ ନିଜକୁ ଆକ୍ଟିଭ୍ ରଖିବା ସହ ଯେତେ ଅଧିକରୁ ଅଧିକ ଉଦ୍ୟମ କରିବେ ତାହା ଆପଣଙ୍କ ପାଇଁ ସଫଳତାର ମାର୍ଗକୁ ସେତେ ସୁଦୃଢ଼ କରିବ।

**ଜରୁରୀ ଆତ୍ମସମୀକ୍ଷା:** ନିଜକୁ ମାନସିକ ସ୍ତରରେ ଦୃଢ଼ ରଖିବା, ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଆତ୍ମସମୀକ୍ଷା କରିବାକୁ ଭୁଲନ୍ତୁ ନାହିଁ। କାରଣ ଅନ୍ୟ କାହାକୁ କୌଣସି ଦିଗରେ ଆଗକୁ ବଢୁଥିବାର ଦେଖି ନିଜ ସାମର୍ଥ୍ୟକୁ ନ ଚିହ୍ନି ଭାବପ୍ରବଣ ହୋଇ ଏ ଦିଗରେ ଆଗେଇ ଆସିବା ଦ୍ୱାରା ସଫଳତା ପାଇବା ସହଜ ହୁଏନାହିଁ। ତେଣୁ ଆପଣ ବାସ୍ତବରେ କେଉଁ କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଇଚ୍ଛୁକ ଏବଂ ଏଥିପାଇଁ କେତେ ସମର୍ଥ ସେ ନେଇ ଆତ୍ମସମୀକ୍ଷା କରିବା ପରେ ନିଷ୍ପତ୍ତି ନିଅନ୍ତୁ, ଦେଖିବେ ନିଶ୍ଚୟ ସଫଳ ହେବେ।






**ଓଭର କନ୍ଫିଡେନ୍ସ ରଖନ୍ତୁ ନାହିଁ:** ନିଜ ପ୍ରତି ଦୃଢ଼ବିଶ୍ୱାସ ରଖି ଆଗେଇ ଚାଲିବା ସଫଳତାର ଚାବିକାଠି। ହେଲେ ଅନେକ ସମୟରେ ଦେଖାଯାଏ କେହି କେହି ଏହାର ଅପବ୍ୟବହାରକରି ବସନ୍ତି, ଆଉ ଯାହାକି ସେମାନଙ୍କ ପାଇଁ ସବୁଠୁ ବଡ ଶତ୍ରୁ ପାଲଟିଯାଏ। ଉଦାହରଣ ସ୍ୱରୂପ ପାଠପଢ଼ା ହେଉ ଅବା ଯେକୌଣସି କାର୍ଯ୍ୟକୁ ଅନେକେ ଦୁଇଦିନର କାର୍ଯ୍ୟ ଏକା ସଙ୍ଗେ ସାରିଦେବା ଭାବି ଅବହେଳାକରି ବସନ୍ତି ଏବଂ ପରବର୍ତ୍ତୀ ସମୟରେ ତାହା ବଢ଼ି ବଢ଼ି ଚାଲେ ଏବଂ ଯଥା ସମୟରେ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଯାଏ। ମନେରଖନ୍ତୁ, ଓଭର କନ୍ଫିଡେନ୍ସ ଅନେକଙ୍କୁ ବିଫଳତା ଦିଗକୁ ଟାଣିନିଏ। ତେଣୁ ଲକ୍ଷ୍ୟ ହାସଲ କରିବାକୁ ହେଲେ ଓଭର କନ୍ଫିଡାଣ୍ଟ ହୋଇ ଆଳସ୍ୟକୁ ପ୍ରାଥମିକତା ଦେବା ପରିବର୍ତ୍ତେ ନିଜ କର୍ମ ପ୍ରତି ଯତ୍ନଶୀଳହେବା ଦରକାର।

**ସାହାଯ୍ୟ ନିଅନ୍ତୁ:** ସାହାଯ୍ୟ ଅର୍ଥ ନୁହେଁ କେବଳ କାହାଠାରୁ ଆର୍ଥିକ କିମ୍ବା ଶାରୀରିକ ସାହାଯ୍ୟ ନେବା। ଏଠାରେ ସାହାଯ୍ୟ ଅର୍ଥାତ୍ ବିଭିନ୍ନ ଦିଗରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ବ୍ୟକ୍ତିଙ୍କ ଠାରୁ ଏ ସମ୍ପର୍କରେ ଅଧିକ ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ କିପରି ନିଜ ସ୍କିଲ୍ ବଢ଼ାଇପାରିବେ ଏବଂ ସଫଳ ହୋଇପାରିବେ ସେ ସମ୍ପର୍କରେ ଜାଣିବାରେ ସାହାଯ୍ୟ ନିଅନ୍ତୁ।

## ଏ ସପ୍ତାହର ପ୍ରଶ୍ନ

୧– ଗ୍ରୀନ୍ କ୍ରେଡିଟ୍ ପ୍ରୋଗ୍ରାମ୍ .......... ମିନିଷ୍ଟ୍ରି ପକ୍ଷରୁ ଆରମ୍ଭ କରାଯାଇଛି ?
୨– ନିକଟରେ .......... ରାଜ୍ୟରେ ଏକ ଅଭୟାରଣ୍ୟକୁ ଡ. ଭୀମରାଓ ଆମ୍ବେଡକର ଅଭୟାରଣ୍ୟ ଭାବେ ନାମିତ କରାଯାଇଛି ?
୩– ୟିମ୍‌ଖିଅଙ୍ଗ୍ ଜନଜାତି ମୁଖ୍ୟତଃ .......... ରାଜ୍ୟରେ ଦେଖାଯାଆନ୍ତି ?
୪– ......... ରାଜ୍ୟ ସରକାରଙ୍କ ପକ୍ଷରୁ ଭୂ ଭାରତ ପୋର୍ଟାଲ ଆରମ୍ଭ କରାଯାଇଛି ?
୫– ଦୀନବନ୍ଧୁ ଛୋଟୁ ରାମ ଥର୍ମାଲ ପାୱାର ପ୍ଲାଣ୍ଟ .......... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଆରାଭାଲ୍ଲି
୨ ଭାରତ ମହାସାଗର
୩ ବିହାର
୪ ବାଙ୍ଗାଲୋର
୫ ଏପ୍ରିଲ ୧୦

## ଉତ୍ତରଦାତା



ଶେଖ୍ ୟାକୁବ୍
ଗୋପ



ସୁଦୀପ୍ତା ପଟ୍ଟନାୟକ
ଭୁବନେଶ୍ୱର

## ଟପ୍ ୧୦

### ସବୁଠୁ ବଡ଼ ଡାଇନୋପାର୍କ



୧– ମ୍ୟୁଜିୟମ ଫର୍ ନେଚରକୁଣ୍ଡେ .................................... ବର୍ଲିନ୍
୨– ଫିଲ୍ଡ ମ୍ୟୁଜିୟମ................................................ ଶିକାଗୋ
୩– ରୟାଲ ବେଲ୍‌ଜିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ସାଇନ୍ସ.......... ବ୍ରସେଲ୍ସ
୪– ନ୍ୟାଶନାଲ ଡାଇନୋସର ମ୍ୟୁଜିୟମ ............................ କାନ୍‌ବେରା
୫– ରୟାଲ ଟାଇରେଲ୍ ମ୍ୟୁଜିୟମ୍ ଅଫ୍ ପାଲେଓଣ୍ଟୋଲୋଜି .......... ଆଲ୍‌ବେର୍ଟା
୬– ୱୋମିଙ୍ଗ୍ ଡାଇନୋସର ସେଣ୍ଟର..................... ୱୋମିଙ୍ଗ, ଆମେରିକା
୭– ଜିଗଙ୍ଗ୍ ଡାଇନୋସର ମ୍ୟୁଜିୟମ୍ ........................... ଜିଗଙ୍ଗ୍ , ଚାଇନା
୮– ଇଜିକୋ ମ୍ୟୁଜିୟମ ....................................... କେପ୍ ଟାଉନ୍
୯– ଜୁରାସିକ୍ ଲ୍ୟାଣ୍ଡ ............................................ ଇସ୍ତାନବୁଲ୍
୧୦– ଫର୍ନବ୍ୟାଙ୍କ୍ ମ୍ୟୁଜିୟମ ଅଫ୍ ନାଚୁରାଲ ହିଷ୍ଟ୍ରି ..................... ଆଟ୍‌ଲାଣ୍ଟା

## ୟୁଥ୍ ଆଲର୍ଟ

# ଟକ୍ସିକ୍ ଫୁଡ୍

**ପାଟିକୁ ସ୍ୱାଦିଷ୍ଟ ଲାଗୁଥିବା ଖାଦ୍ୟ ଆମେ ବାରମ୍ବାର ଖାଇବାକୁ ଭଲ ପାଉ। ହେଲେ ଜାଣନ୍ତିକି, ଏଭଳି କେତୋଟି ଖାଦ୍ୟ ରହିଛି ଯାହାକି ସ୍ୱାଦିଷ୍ଟ ହୋଇଥିଲେ ହେଁ ଫ୍ୟାଟି ଲିଭର ଏବଂ ଅନ୍ୟାନ୍ୟ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିପାରେ। ଜାଣନ୍ତୁ ସୁସ୍ଥ ରହିବା ଲାଗି କେଉଁ ସବୁ ଟକ୍ସିକ୍ ଫୁଡ୍‌କୁ ଖାଦ୍ୟ ତାଲିକାରୁ ଦୂରକରିବା ଦରକାର...**



**ମୃଦୁ ପାନୀୟ:** ସାଧାରଣତଃ ଅନେକେ ଭାବନ୍ତି କେବଳ ଆଲକହଲ୍ ସ୍ୱାସ୍ଥ୍ୟ ପାଇଁ ଖରାପ କିନ୍ତୁ ପ୍ୟାକେଜ୍‌ଡ୍ ଜୁସ୍, ଏନର୍ଜି ଡ୍ରିଙ୍କ୍ସ, ସଫ୍ଟ ଡ୍ରିଙ୍କ୍ସ ଆଦି ଭଲ। ହେଲେ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। କାରଣ ଯଦିଓ ଏଥିରେ ଆଲ୍‌କହଲ୍ ନାହିଁ କିନ୍ତୁ, ଥିବା ଅଧିକ ମାତ୍ରାରେ ସୁଗାର ଏବଂ ହାଇ ଫ୍ରୁକ୍ଟୋଜ୍ କର୍ନ ସିରପ ଲିଭରରେ ଫ୍ୟାଟ୍ ଜମାକରିଥାଏ, ଯାହାକି ଲିଭରରେ ଫ୍ୟାଟ୍ ଜମାକରିଥାଏ। କେବଳ ଏତିକି ନୁହେଁ, ନିୟମିତ ଏଭଳି ପାନୀୟ ପିଇବା ଦ୍ୱାରା ଡାଇବେଟିସ୍, ହାଇକୋଲେଷ୍ଟରଲ୍ ଏବଂ ଅନ୍ୟ ରୋଗ ସୃଷ୍ଟି କରିଥାଏ। ତେଣୁ ଆଲ୍‌କହଲ୍ ସହ ଏସବୁ ମୃଦୁପାନୀୟଠାରୁ ମଧ୍ୟ ଯଥା ସମ୍ଭବ ଦୂରେଇରହିବା ଭଲ।

**ପ୍ରୋସେସ୍‌ଡ୍ ମିଟ୍:** ବର୍ତ୍ତମାନ ବିଭିନ୍ନ ପ୍ରକାର ପ୍ରୋସେସ୍‌ଡ୍ ଫୁଡ୍‌କୁ ଅଧିକାଂଶ ଲୋକ ଏକ ଷ୍ଟାଟସ୍ ସିମ୍ବଲ୍ ଭାବେ ଗ୍ରହଣ କଲେଣି। ହେଲେ ଏଭଳି ଖାଦ୍ୟରେ ପ୍ରଚୁର ପରିମାଣରେ ସ୍ୟାଚୁରେଟେଡ୍ ଫ୍ୟାଟ୍, କ୍ୟାଲୋରି, ସୋଡିଅମ ଆଦି ରହିଛି ଯାହା ଲିଭର ଉପରେ ଅଧିକ ଚାପ ପକାଇଥାଏ। ଅଧିକ ଦିନ ଏଭଳି ଖାଦ୍ୟ ଖାଇଲେ ଲିଭରରେ ଫ୍ୟାଟ୍ ଟିସୁ ତିଆରି ହେବା ସହ ଫୁଲିବା ଆରମ୍ଭ କରିଥାଏ ଏବଂ ଧୀରେ ଧୀରେ ଲିଭରକୁ ନଷ୍ଟ କରିଦେଇଥାଏ। ତେଣୁ ଯଥା ସମ୍ଭବ ଏଭଳି ଖାଦ୍ୟ ନ ଖାଇବା ଭଲ।

**ଛଣା ଖାଦ୍ୟ:** ଛଣାଛଣି,ଚଟ୍‌ପଟି ଖାଦ୍ୟ କଥା କହିଲେ ଅନେକଙ୍କ ପାଟିରୁ ଲାଳ ବାହାରିଆସେ। କିନ୍ତୁ ପାଟିକୁ ସୁଆଦିଆ ଲାଗୁଥିବା ଏହି ଖାଦ୍ୟ ଲିଭରର ସବୁଠାରୁ ବଡ଼ ଶତ୍ରୁ। ଏଥିରେ ଟ୍ରାନ୍ସ ଫ୍ୟାଟ୍‌ର ମାତ୍ରା ବହୁ ଅଧିକ, ଯାହାକି ଶରୀରରେ କୋଲେଷ୍ଟରଲ୍ ବୃଦ୍ଧି କରିଥାଏ। ଏହା ଧୀରେ ଧୀରେ ଲିଭରରେ ଜମିବା ଫଳରେ ଏହାର କୋଷଗୁଡ଼ିକୁ ନଷ୍ଟ କରିଦେଇଥାଏ ଏବଂ ସଡ଼ାଇ ଦେଇଥାଏ।

**ବେକ୍‌ଡ୍ ଖାଦ୍ୟ:** ପେଷ୍ଟ୍ରି, କୁକିଜ୍, କେକ୍ ଭଳି ବେକରୀ ଖାଦ୍ୟରେ ଟ୍ରାନ୍ସ ଫ୍ୟାଟ୍, ରିଫାଇନ୍‌ଡ୍ ସୁଗାର ଅଧିକ ମାତ୍ରାରେ ଥିବା ବେଳେ ନ୍ୟୁଟ୍ରିଶନାଲ ଭାଲ୍ୟୁ ଖୁବ୍ କମ୍। ପ୍ରତିଦିନ ଏଭଳି ଖାଦ୍ୟ ଖାଇଲେ ଓଜନ ବଢ଼ିବା ସହ ଫ୍ୟାଟି ଲିଭର ମଧ୍ୟ ହୋଇଥାଏ। ହ୍ୱାଇଟ୍‌ବ୍ରେଡ୍‌କୁ ଅନେକେ ଖୁବ୍ ଭଲ ପାଆନ୍ତି। ହେଲେ ଏଥିରେ ମଇଦା ଏବଂ ରିଫାଇନ୍ଡ କାର୍ବସ୍, ସୁଗାର ଆଦି ଅଧିକ ରହିଛି ଯାହାକି ଖୁବ୍ କ୍ଷତିକାରକ।



## ଜାଣନ୍ତୁ ଦୁନିଆ

# ଲ୍ୟାଣ୍ଡ ଅଫ୍ ଇଗଲ୍ସ

**ୟୁରୋପୀୟ ଦେଶ ଆଲବାନିଆ ଲ୍ୟାଣ୍ଡ ଅଫ୍ ଇଗଲ୍ସ ନାମରେ ମଧ୍ୟ ପରିଚିତ। ଏଥିପାଇଁ ଏହି ଦେଶର ଜାତୀୟ ପତାକାରେ ଇଗଲ୍ ପକ୍ଷୀକୁ ସ୍ଥାନିତ କରାଯାଇଛି। ଜାଣନ୍ତୁ ଏହି ଦେଶ ସମ୍ପର୍କରେ କିଛି ତଥ୍ୟ...**



- ଆଲବାନିଆର ରାଜଧାନୀ ତିରାନା ଏହି ଦେଶର ସବୁଠୁ ବଡ଼ ସହର ଭାବେ ପରିଚିତ। ଏଠାରେ ମାତ୍ର ୩ ମିଲିୟନ ଲୋକ ବସବାସ କରନ୍ତି ଏବଂ ଅଧିକାଂଶ ଅଧିବାସୀ ମୁସଲିମ୍ ସମ୍ପ୍ରଦାୟର।
- ପୂର୍ବରୁ ୟୁରୋପ ମହାଦେଶରେ ଏହା ଏକ ଗରିବ ରାଷ୍ଟ୍ର ଭାବେ ପରିଚିତ ଥିଲା। ଧୀରେ ଧୀରେ ଅର୍ଥନୈତିକ ଅଭିବୃଦ୍ଧି ହେବା ଫଳରେ ଏଠାରେ ଏବେ ଟୁରିଜିମ୍ ଇଣ୍ଡଷ୍ଟ୍ରି ସହ ଇନ୍‌ଫ୍ରାଷ୍ଟ୍ରକ୍‌ଚର କ୍ଷେତ୍ରରେ ମଧ୍ୟ ଉନ୍ନତି ଘଟିଲା।
- କ୍ରୋମିୟମ ଉତ୍ପାଦନ ଓ ରପ୍ତାନୀରେ ଏହା ଆଗରେ ରହିଛି। ଏଠାରେ କୋଇଲା, ନିକେଲ୍ ଓ କପର ମଧ୍ୟ ବହୁ ପରିମାଣରେ ଉତ୍ପାଦନ କରାଯାଏ।
- ଏଠାରେ ୧୩ଟି ଛୋଟ ଦ୍ୱୀପ ରହିଛି। ସେଥିମଧ୍ୟରୁ ୨ଟି ଦ୍ୱୀପ ଯଥା କୁନେ, ସାଜାନ ଯାହାର କ୍ଷେତ୍ରଫଳ ପ୍ରାୟ ୧ ସ୍କୋୟାର କି.ମି.।
- ଏଠାରେ ଗୋଟିଏ କେବଳ ଅନ୍ତର୍ଜାତୀୟ ବିମାନବନ୍ଦର ରହିଛି, ଯାହା ମଦର ଟେରେସାଙ୍କ ନାମରେ ନାମିତ। ମଦର ଟେରେସା ହେଉଛନ୍ତି ଏଠାକାର ଏକମାତ୍ର ନୋବେଲ ପୁରସ୍କାର ବିଜେତା ମହିଳା।
- ଏଠାର ଲୋକମାନେ ଏହି ଦେଶକୁ 'ଆଲବାନିଆ' ବଦଳରେ 'ସିପେରି' ଭାବେ ସମ୍ବୋଧିତ କରିଥାନ୍ତି। ଏହାର ଅର୍ଥ ହେଉଛି 'ଲ୍ୟାଣ୍ଡ ଅଫ୍ ଇଗଲ୍ସ'। ସେଥିପାଇଁ ଇଗଲ୍ ପକ୍ଷୀକୁ ଏହାର ଜାତୀୟ ପତାକାରେ ସ୍ଥାନିତ କରାଯାଇଛି।
- ଏଠାର ପ୍ରିୟ ଖାଦ୍ୟ ହେଉଛି 'ଫ୍ରଗ୍ ଲେଗ୍'। ପ୍ରାୟ ଅଧିକାଂଶ ହୋଟେଲର ମେନୁରେ ଏହା ଥାଏ।
- ୱେଟ୍‌ଲିଫ୍ଟିଂ, ଶୁଟିଂ ଏବଂ ରେସ୍‌ଲିଂ ଏଠାର ଲୋକପ୍ରିୟ ଖେଳ। ହେଲେ ଆଜି ପର୍ଯ୍ୟନ୍ତ ଏଠାର ଜଣେ ହେଲେ ମଧ୍ୟ ଅଲିମ୍ପିକ୍‌ରେ ମେଡାଲ ଜିତିନାହାନ୍ତି।
- ଛୋଟ ଦେଶ ହେଲେ ମଧ୍ୟ ଏଠାରେ ୩,୨୫୦ ପ୍ରଜାତିର ଉଦ୍ଭିଦ ଦେଖାଯାଏ।

## କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ମୋହନା,୧୯।୪(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ପୋଲିସ ଚାଲାଣ ପୂର୍ବରୁ ଚଢ଼ାଉ କରି ପ୍ରାୟ କୋଟିଏ ଟଙ୍କା (୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱର ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାମସିଂ ଗାଁର ଅସିମ ମାଝୀ ଓ ଅନନ୍ତ ମାଝୀ। ଅଡବା ଥାନା ଅନ୍ତର୍ଗତ ଗରଡମା ପଞ୍ଚାୟତ ରାମସିଂ ଗାଁ ନିକଟରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଖବର ପାଇ ଅଡବା ଓ ମୋହନା ପୋଲିସ ଟିମ ମିଳିତ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୪୦ ବସ୍ତା ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ପରିମାଣ ୧୦ କୁଇଣ୍ଟାଲ ୫୦ କିଲୋ। ଏହାର ବଜାର ମୂଲ୍ୟ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଗଜପତି ଏସ୍‌ପି କହିଛନ୍ତି। ଏନେଇ ଅଡବା ଥାନାରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଗର୍ଭବତୀ ନାବାଳିକା ଝିଅ ହତ୍ୟା ମାମଲା

# ମା'ବାପାଙ୍କୁ ଆଜୀବନ କାରାଦଣ୍ଡ

ଯାଜପୁର ଟାଉନ,୧୯।୪ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

**ବିଞ୍ଝାରପୁରର ବହୁଚର୍ଚ୍ଚିତ ଅନରକିଲିଂ ଘଟଣା**



ଦୋଷୀ ସାବ୍ୟସ୍ତ ହେବା ପରେ ଅଭିଯୁକ୍ତ ଦମ୍ପତିଙ୍କୁ ପୋଲିସ ଜେଲ୍‌କୁ ନେଉଛି।

୨୦୧୬ରେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ଅନରକିଲିଂ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଜଣେ ୧୫ ବର୍ଷୀୟା ଗର୍ଭବତୀ ନାବାଳିକାଙ୍କୁ ପିଟି ପିଟି ହତ୍ୟା କରିବା ପରେ ପୋଡ଼ି ଦେବା ଏବଂ ପ୍ରମାଣ ନଷ୍ଟ ପାଇଁ ଖରସ୍ରୋତା ନଦୀରେ ପୋଡ଼ା ହାଡ଼ ପକାଇ ଦେବା ମାମଲାର ବିଚାର କରି ଯାଜପୁର ଆଡ୍‌ହକ ଫାଷ୍ଟଟ୍ରାକ୍ ବିଚାରପତି ବିଜୟ କୁମାର ଜେନା ଅଭିଯୁକ୍ତ ତଥା ନାବାଳିକାଙ୍କ ବାପା ନକୁଳ ଜେନା ଓ ମା' ସଞ୍ଜୁ ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟଙ୍କୁ ୧୦ହଜାର ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ୩୦ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ତଥା ପ୍ରମାଣ ଅଭାବରୁ ୨୦ଜଣ ଗ୍ରାମବାସୀଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ବିଞ୍ଝାରପୁର ଥାନା ଲକ୍ଷ୍ମୀନାରାୟଣ ସାହିରେ ୨୦୧୬ ଫେବୃଆରୀ ୧୪ରେ ଜଣେ ୧୫ ବର୍ଷୀୟା ନାବାଳିକା ଝିଅକୁ ବାପା ନକୁଳ ଜେନା(୫୦) ଓ ମା' ସଞ୍ଜୁ ଜେନା(୪୮) ନିସ୍ଥୁକ ପିଟିଥିଲେ। କାରଣ ଥିଲା ସେହି ନାବାଳିକା ୩ ମାସର ଗର୍ଭବତୀ ଥିଲେ, ଯାହା ସେହି ଦମ୍ପତିଙ୍କ ସମ୍ମାନହାନି କରିଥିଲା। ଏହି ସମୟରେ ସେହି ଗ୍ରାମର ମାତାଜୀ ଜେନା ନକୁଳଙ୍କ ଘର ବାଟେ ଯାଉଥିଲେ । ଝିଅଟି 'ମୋତେ ମାରନା ମୁଁ ମରିଯିବି' ବୋଲି ଚିତ୍କାର କରିବାର ଶୁଣିବାକୁ ପାଇଥିଲେ। ଏହାର ଘଣ୍ଟାଏ ପରେ ସେହି ରାସ୍ତା ଦେଇ ମାତାଜୀ ଫେରୁଥିବା ସମୟରେ ଆଉ କୌଣସି ଶବ୍ଦ ଶୁଣିପାରି ନ ଥିଲେ। ଏହାପରେ ନକୁଳ ଓ ସଞ୍ଜୁ ଗ୍ରାମର କେତେଜଣ ଲୋକଙ୍କ ସହାୟତାରେ ନିଜ ବାଡ଼ି ପଛପଟେ ଝିଅର ମୃତଦେହ ପୋଡ଼ି ଦେଇଥିଲେ। ପୋଡ଼ିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ପୋଡ଼ା ହାଡ଼ ଓ ପାଉଁଶ ଗୋଟିଏ ପ୍ଲାଷ୍ଟିକ ଅଖାରେ ପୁରେଇ ଖରସ୍ରୋତା ନଦୀରେ ଫୋପାଡ଼ି ଦେଇଥିଲେ। ତା'ପରଦିନ ଅର୍ଥାତ୍ ଫେବୃଆରୀ ୧୫ ତାରିଖରେ ଗ୍ରାମର କେତେଜଣ ଲୋକ ଝିଅକୁ ପୋଡ଼ି ଦେଇଥିବା କୁହାକୁହି ହୋଇଥିଲେ । ଏକଥା ଶୁଣି ମାତାଜୀ ୧୬ ତାରିଖରେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ବିଞ୍ଝାରପୁର ଥାନାରେ ଏକ ମାମଲା(ନଂ.୪୫/୨୦୧୬) ରୁଜୁ ହୋଇ ପୋଲିସ ତଦନ୍ତ ଜାରି ରଖିଥିଲା। ପରେ ଖରସ୍ରୋତା ନଦୀବନ୍ଧ ପାର୍ଶ୍ୱରୁ ଗୋଟିଏ ପ୍ଲାଷ୍ଟିକ ଅଖାରୁ ପୋଡ଼ା ହାଡ଼ ପାଉଁଶ ଜବତ କରି ବିଜ୍ଞାନଗାରାକୁ ପରୀକ୍ଷା ପାଇଁ ପଠାଇଥିଲା। ତାହା ମୃତ ନାବାଳିକାଙ୍କ ବୋଲି ଜଣାପଡ଼ିଥିଲା। ଏହି ଘଟଣାକୁ ନେଇ ଏସ୍‌ଡିପିଓ ତଦନ୍ତ କରିଥିଲେ। ପରେ ବିଞ୍ଝାରପୁର ପୋଲିସ ନାବାଳିକାଙ୍କ ମା'ବାପାଙ୍କ ସହ ୨୦ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶନିବାର ଆଡ୍‌ହକ ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ଜେନା ଉକ୍ତ ମାମଲାର ବୃତ୍ତାନ୍ତ ଶୁଣାଣି କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରୁଥିଲେ।

## ୮ବର୍ଷୀୟାଙ୍କୁ ବଳାତ୍କାର କଲେ ୧୦ମ ଶ୍ରେଣୀ ଛାତ୍ର

**କିଶୋର ବୟସରେ ଅପରାଧ ମନୋବୃତ୍ତି ସମ୍ପ୍ରତି ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସମୟରେ ନାବାଳକମାନେ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୋଗ ଆସୁଛି। ନିକଟରେ ମଧ୍ୟପ୍ରଦେଶ ଭିଣ୍ଡରେ ୮ବର୍ଷୀୟା ପଡ଼ୋଶୀଙ୍କୁ ୧୦ମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଛାତ୍ରଙ୍କୁ ବାଳ ଅପରାଧ କୋର୍ଟରେ ହାଜର କରାଇବା ପରେ ତାଙ୍କୁ ସ୍ୱଧାରଗୃହକୁ ପଠାଇ ଦିଆଯାଇଛି।**




ଭିଣ୍ଡ(ମଧ୍ୟପ୍ରଦେଶ),୧୯।୪

ମହାରାଷ୍ଟ୍ର ଭିଣ୍ଡ ଅଞ୍ଚଳରେ ପୀଡ଼ିତା ନାବାଳିକାଙ୍କ ପରିବାର ରୁହନ୍ତି। ତାଙ୍କ ଘର ନିକଟରେ ଅଭିଯୁକ୍ତ ନାବାଳକ ରହୁଛନ୍ତି। ଅଭିଯୁକ୍ତ ଜଣକ ୧୦ମ ଶ୍ରେଣୀରେ ପଢ଼ନ୍ତି। ସେ ପୀଡ଼ିତାଙ୍କ ପରିବାର ସହିତ ପୂର୍ବରୁ ମିଳାମିଶା କରନ୍ତି। ଗୁରୁବାର ସନ୍ଧ୍ୟା ସମୟରେ ପୀଡ଼ିତା ତାଙ୍କ ଘରେ ଏକାକୀ ଥିବାବେଳେ ନାବାଳକ ଜଣକ ସେଠାକୁ ଯାଇଥିଲେ। ପରେ ଘର ଭିତରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଅନ୍ୟ ପଡ଼ୋଶୀ ମାନେ ଆସି ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ନାବାଳକଙ୍କୁ ଜିମାରେ ନେବା ସହ ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇଥିଲା। ପରେ ପୋଲିସ ପୋକ୍‌ସୋ ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିବା ସହ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଥିଲା। ସେଠାରୁ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁସ୍ଥ ରହିଛି ଏବଂ ସେ ଏବେ ପରିବାର ସହ ରହୁଛନ୍ତି ବୋଲି ପୋଲିସ ଅଧିକାରୀ ମୁକେଶ କୁମାର ଶାକ୍ୟ ସୂଚନା ଦେଇଛନ୍ତି।

## ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୯।୪ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ୨୨ ମାଓବାଦୀ ଶନିବାର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୪୦ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ସାମିଲ ଅଛନ୍ତି। ଜିଲା ପୋଲିସ ମହା ନିରୀକ୍ଷକ, କମାଣ୍ଡାଣ୍ଟ ୨୨୬ ବାଟାଲିୟନ ସିଆର୍‌ପିଏଫ୍‌ଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରିଥିଲେ। ମାଓବାଦୀଙ୍କ ମଧ୍ୟରେ ୮ ଲକ୍ଷ ପୁରସ୍କାର ଘୋଷିତ ମୁଚାକୀ ଜଗା, ମୁଚାକୀ ଯୋଗୀ, ୫ ଲକ୍ଷ ପୁରସ୍କାର ଘୋଷିତ କିକିଡ ଦେବେ, ମନୋଜ ଓରଫ ଦୁଧୀ ବୁଦରା, ୨ ଲକ୍ଷ ପୁରସ୍କାର ଘୋଷିତ ମାଡବୀ ଭିମା, ମାଡବୀ ସୋମଡି, ସଙ୍ଗୀତା ଓରଫ ହଡମେ, ମାଡବି କୋସୀ, ବଂଜାମ ସନି, ମାଡବି ମଙ୍ଗଲି ଓ ତାତା ବଣ୍ଡି ରହିଛନ୍ତି। ସେହିପରି ଅନ୍ୟ ୧୧ ଜଣ ବିଭିନ୍ନ ସଂଗଠନର ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ଛତିଶଗଡ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ, ଦିନକୁ ଦିନ ଗଡ ଧ୍ୱଂସ, ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ଏବଂ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବାରୁ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

## ଲାଞ୍ଚନେଇ ଅତିରିକ୍ତ ତହସିଲଦାର ଗିରଫ

ସମ୍ବଲପୁର,୧୯।୪ (ପ୍ରମୋଦ ବହିଦାର)

**ଚାଷଜମିର କିସମ ପରିବର୍ତ୍ତନ ପାଇଁ ନେଉଥିଲେ ଲାଞ୍ଚ**


ଗିରଫ ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ।

ଚାଷଜମିର କିସମ ପରିବର୍ତ୍ତନ ପାଇଁ ଲାଞ୍ଚନେଇ ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ଅଫିସର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଶନିବାର ଚାଷଜମିକୁ ଘରବାରି କିସମରେ ପରିବର୍ତ୍ତନ ପାଇଁ ସେ ୬ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ମାନେଶ୍ୱର ତହସିଲ ଅଧୀନ ଡକରା ବଡ଼ମାଲ ଗ୍ରାମରେ ଥିବା ୫୦ ଡିସିମିଲ ପରିମିତ ଏକ ଚାଷଜମିକୁ ଘରବାରି କିସମରେ ପରିବର୍ତ୍ତନ ପାଇଁ ମାନେଶ୍ୱର ତହସିଲ କାର୍ଯ୍ୟାଳୟରେ ଜମି ମାଲିକଙ୍କ ପକ୍ଷରୁ ଦୀର୍ଘଦିନରୁ ଆବେଦନ କରାଯାଇଥିଲା। ମାତ୍ର ପରିବର୍ତ୍ତନ ପ୍ରକ୍ରିୟାକୁ ବିଳମ୍ବ କରିବା ସହ ଅତିରିକ୍ତ ତହସିଲଦାର ସାହୁ ଏଥିପାଇଁ ଜମି ମାଲିକଙ୍କ ଠାରୁ ୧୦ହଜାର ଟଙ୍କା ଦାବି କରିଥିଲେ। ପରବର୍ତ୍ତୀ ସମୟରେ କଥାବାର୍ତ୍ତା ୬ ହଜାର ଟଙ୍କାରେ ଛିଣ୍ଡିଥିଲା। ଅପରପକ୍ଷରେ ଦୀର୍ଘଦିନ ଧରି ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ହଇରାଣ ହୋଇଥିବା ସମ୍ପୃକ୍ତ ଜମି ମାଲିକ ସମ୍ବଲପୁର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ଭିଜିଲାନ୍ସ ପକ୍ଷରୁ ଏକ ଯୋଜନା କରାଯାଇଥିଲା। ସେହି ଯୋଜନା ଅନୁସାରେ ଶନିବାର ଅଭିଯୋଗକାରୀ ଅତିରିକ୍ତ ତହସିଲଦାର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ କରି ୬ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୯/୨୫)ରୁଜୁ ହୋଇଛି। ଏଥିସହ ତାଙ୍କ ମାନେଶ୍ୱର କାର୍ଯ୍ୟାଳୟ, ବରଗଡ଼ସ୍ଥିତ ନିଜ ଘର ଓ ଭୁବନେଶ୍ୱରରେ ଥିବା ଗୃହରେ ଏକସଙ୍ଗେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି।

## ମେଳାରୁ ୪ବର୍ଷର ଶିଶୁକନ୍ୟାଙ୍କୁ ନେଇଗଲେ କିନ୍ନର

ଠାକୁରମୁଣ୍ଡା,୧୯।୪ (ତାରାକାନ୍ତ ପଟ୍ଟନାୟକ)


କିନ୍ନର ଜଣକ ଶିଶୁଟିକୁ ନେଇ ଯାଉଥିବାର ସିସିଟିଭି ଫୁଟେଜ୍।

ଭୁବନେଶ୍ୱର ରାମ ମନ୍ଦିର ସମ୍ମୁଖରୁ ଜଣେ ଦୃଷ୍ଟିବାଧିତ ମା'ଙ୍କ ନିକଟରୁ ଦେଢ଼ବର୍ଷର ଶିଶୁପୁତ୍ର ଅପହରଣ ହେବା ଘଟଣାକୁ ୧୦ଦିନ ପୁରି ନ ଥିବାବେଳେ ଏବେ ମୟୂରଭଞ୍ଜ ଜିଲାରେ ଏକ ଶିଶୁ କନ୍ୟା ଚୋରି ଅଭିଯୋଗ ହୋଇଛି। ଠାକୁରମୁଣ୍ଡାରେ ଉଡ଼ା ପର୍ବ ଅବସରରେ ଚାଲିଥିବା ମେଳାରୁ ଗତ ୧୭ ତାରିଖ ରାତିରେ ୪ ବର୍ଷ ବୟସର ଶିଶୁକନ୍ୟାକୁ ଜଣେ କିନ୍ନର ଅପହରଣ କରି ନେଇଥିବା ଝିଅଙ୍କ ମା' ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, କରଞ୍ଜିଆ ଥାନା ଅନ୍ତର୍ଗତ ମଲ୍ଲାରପଦା ଗ୍ରାମର ସିପି ପାତ୍ର ଓ ତାଙ୍କ ଝିଅ ଆଦ୍ୟଶା କରଞ୍ଜିଆରୁ ବସ୍ ଯୋଗେ ଆସି ଗୁରୁବାର ସନ୍ଧ୍ୟା ୬ଟା ସମୟରେ ଠାକୁରମୁଣ୍ଡାରେ ଓହ୍ଲାଇଥିଲେ। ସେମାନେ ଆସିଥିବା ବସ୍‌ରେ ତାଙ୍କ ସହିତ ବସି ଜଣେ କିନ୍ନର ଆସିଥିଲେ। ଠାକୁରମୁଣ୍ଡାରେ ପହଞ୍ଚିବା ପରେ ପାଖ ସିଟ୍‌ରେ ବସି ଆସିଥିବା କିନ୍ନରଙ୍କ ସହିତ ମିଶି ମା' ଓ ଝିଅ ମେଳା ବୁଲିବାକୁ ଯାଇଥିଲେ। ମେଳା ବୁଲି ସାରି ସେମାନେ ରାତି ପ୍ରାୟ ୧୦ଟାବେଳେ ଠାକୁରମୁଣ୍ଡା ବଜାରର ମସ୍‌ଜିଦ ନିକଟରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସିପି ତାଙ୍କ ବ୍ୟାଗ ଓ ଝିଅଙ୍କୁ କିନ୍ନରଙ୍କ ପାଖରେ ଛାଡ଼ି ଶୌଚ ହେବାକୁ ଯାଇଥିଲେ। ଶୌଚ ହୋଇ ଫେରିବାପରେ ଝିଅକୁ ପାଇ ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଶୁକ୍ରବାର ଠାକୁରମୁଣ୍ଡା ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଠାକୁରମୁଣ୍ଡା ପୋଲିସ ବଜାରରେ ଲାଗିଥିବା ସିସି ଟିଭିକୁ ଯାଞ୍ଚ କରିଥିଲା। କିନ୍ନର ଜଣକ ଭୁବନେଶ୍ୱର ଯାଉଥିବା ବସ୍‌ରେ ଯିବା ପାଇଁ ବ୍ୟାଗ୍ ଓ ଝିଅକୁ ଧରି ଯାଉଥିବାର ସିସି ଟିଭି ଫୁଟେଜରେ ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ଏକ ମାମଲା (ନଂ. ୩୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

## ୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୧୯।୪(ସତ୍ୟଜିତ୍ ରାଉତ)

ବାଲେଶ୍ୱର ଜିଲା ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ରାଜଧାନୀ ଭୁବନେଶ୍ୱରରେ ବିକ୍ରି କରୁଥିବା ଦୁଇ ନିଶା ବେପାରୀଙ୍କୁ ଶନିବାର ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖଣ୍ଡଗିରି ଢୁମୁଡୁମାର ସନ୍ତୋଷ ଓରଫ ବି. ନାରାୟଣ ରେଡ୍ଡୀ (୩୬) ଓ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ରହୁଥିବା ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ଲୁଲୁ ଓରଫ ଆକାଶ କୁମାର ମଲ୍ଲିକ (୨୯)। ସେମାନଙ୍କଠାରୁ ୨ ଲକ୍ଷ ଟଙ୍କାର ୨୦ ଗ୍ରାମ ବ୍ରାଉନସୁଗାର ସହ ୨ଟି ମୋବାଇଲ ଏବଂ ଏକ ନମ୍ବରବିହୀନ ଇଲେକ୍ଟ୍ରିକ୍ ସ୍କୁଟି ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଶନିବାର ସକାଳେ ଭିଏସ୍‌ଏସ୍ ନଗର ଫ୍ଲାଏଓଭରବ୍ରିଜ୍ ତଳେ ଅଭିଯୁକ୍ତଦ୍ୱୟ ବ୍ରାଉନସୁଗାର ବିକ୍ରି କରୁଥିବା ପୋଲିସ ସୂଚନା ପାଇଥିଲା। ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲା। ତେବେ ଅଭିଯୁକ୍ତଦ୍ୱୟ ଦୀର୍ଘଦିନ ହେବ ଏହି ଧଳାଜହର କାରବାର ଚଳାଇ ଆସୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ବିଶେଷକରି ସେମାନେ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରର ଯୁବକଙ୍କୁ ଦେଉଥିଲେ। ସନ୍ତୋଷ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତାଙ୍କ ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ୪ଟି ଓ ଲିଙ୍ଗରାଜ ଥାନାରେ ଗୋଟିଏ ଆପରାଧିକ ମାମଲା ରହିଛି। ଏନେଇ ପୋଲିସ ଏକ ମାମଲା (ନଂ.୨୦୨/୨୦୨୫) ରୁଜୁ କରିଛି। ତେବେ ଅଭିଯୁକ୍ତଦ୍ୱୟ ଜଳେଶ୍ୱରରୁ କେଉଁ ଡିଲର ପାଖରୁ ବ୍ରାଉନସୁଗାର ଆଣୁଥିଲେ ସେନେଇ ଅଧିକ ଖୋଳତାଡ଼ ଚାଲିଥିବା ପୋଲିସ ସୂଚନା ଦେଇଛି।

## ଅନ୍‌ଲାଇନ୍ ଗେମ୍ ହେଲା କାଳ

# ୫ ଲକ୍ଷ ହାରି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ବାଲେଶ୍ୱର(ବାଞ୍ଛାନିଧି ଦେ)/ ଜଳେଶ୍ୱର(ନବୀନ ସାହୁ),୧୯।୪


ଚିକିତ୍ସାଧୀନ ସୌରଜିତ୍

ଯୁବପିଢ଼ିଙ୍କୁ ଘାରିଛି ରାତାରାତି କୋଟିପତି ହେବାର ନିଶା। କମ୍ ସମୟରେ ଏବଂ ସହଜ ଉପାୟରେ ଟଙ୍କା ରୋଜଗାର କରିବା ପାଇଁ ବେଟିଂ ଓ ଅନ୍‌ଲାଇନ ଗେମିଂ ଚକ୍କରରେ ପଡୁଛନ୍ତି। ଗାଁ ହେଉ କି ସହର, ସବୁଠି ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଗୋଟିଏ ପଟେ କିଏ ଅନଲାଇନ୍ ଗେମ୍ ଖେଳି କୋଟିପତି ହେଉଛନ୍ତି ତ କିଏ ଢଳିତକାନ୍ତ। କୋଟିପତି ହେବା ନିଶାରେ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ବାରମ୍ବାର ଟଙ୍କା ହାରିବା ପରେ ସର୍ବସ୍ୱାନ୍ତ ହୋଇ ମାନସିକ ଅବସାଦରେ ରହୁଛନ୍ତି। ଶେଷରେ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି। ଏହିଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ।

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଚମାରଗାଁ ପଞ୍ଚାୟତ ଅନ୍ତର୍ଗତ ତେଘରୀ ଗ୍ରାମର ଯୁବକ ସୌରଜିତ୍ ରାୟ(୪୪)। ଅନ୍‌ଲାଇନ୍‌ରେ ଗେମ୍ ଖେଳି ପ୍ରାୟ ୫ ଲକ୍ଷ ଟଙ୍କା ହାରିବା ପରେ ଶନିବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସୌରଜିତ୍ ଜଣେ ସଫ୍ଟୱେୟାର ଇଞ୍ଜିନିୟର ଭାବେ ଚେନ୍ନାଇରେ ଚାକିରି କରୁଥିଲେ। କିଛିଦିନ ପୂର୍ବରୁ ଚାକିରି ଛାଡ଼ି ଗାଁକୁ ପଳାଇ ଆସି ଟ୍ୟୁଶନ୍ କରି ପରିବାର ପ୍ରତିପୋଷଣ କରୁଥିଲେ। ଏହାରି ମଧ୍ୟରେ ସେ ଲୁଚି ଅନ୍‌ଲାଇନ୍ ଲୁଡୋ ଗେମ୍ ନିଶାରେ ପଡ଼ିଥିଲେ। ନିୟମିତ କିଛି କିଛି ଟଙ୍କା ହାରିବା ପରେ ସେ ଜିତିବା ନିଶାରେ ଏହି ଗେମ୍‌କୁ ବାରମ୍ବାର ଖେଳୁଥିଲେ। ଏପରିକି ମା'ଙ୍କ ଭତ୍ତା ଟଙ୍କା, ଘରୁ ଧାନ ଓ ଚାଉଳ ବିକ୍ରି କରି ଓ ସାଙ୍ଗ ସାଥୀଙ୍କଠାରୁ ଟଙ୍କା ହାତ ଉଧାରି କରି ଏହି ଗେମ୍‌ରେ ବାଜି ଲଗାଉଥିଲେ। ଏହାପରେ ମଧ୍ୟ ତାଙ୍କ ଭାଗ୍ୟ ସାଥ୍ ଦେଇ ନ ଥିଲା। ବିଭିନ୍ନ ସମୟରେ ସେ ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ଇତି ମଧ୍ୟରେ ପ୍ରାୟ ୫ ଲକ୍ଷ ଟଙ୍କା ହାରିବା ପରେ ସେ ଚିନ୍ତାଗ୍ରସ୍ତ ହୋଇ ପଡ଼ିଥିଲେ। ଶନିବାର ସକାଳେ ସେ ଏକ ଛୁରିରେ ନିଜ ହାତ ଓ ବେକକୁ କାଟି ଦେଇଥିଲେ। ପରିବାର ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପଖାଳ ଭାତକୁ ନ ଥାଏ ଲୁଣ,**
**ନିତି ଖୋଜୁଥାଏ ତିନି ତିଅଣ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦରିଦ୍ର ବ୍ୟକ୍ତିଟିର ରୁଚିକର ତଥା ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନାକୁ ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ପାନ ବିଡ଼ି ନୁହେଁ ଛୋଟିଆ ନିଶା**
**ଜଣା ନ ପଡ଼ଇ ଟାଣେ ପଇସା।**

ପାନ, ବିଡ଼ି ପରି ମାଦକ ଦ୍ରବ୍ୟ ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ ହୋଇଥାଏ। ଉପରୋକ୍ତ ଦ୍ରବ୍ୟଗୁଡ଼ିକର ମୂଲ୍ୟ ଆଖିକୁ ସାମାନ୍ୟ ଲାଗୁଥିବାବେଳେ ଏହା ଅଭ୍ୟାସକାରୀର ଅବସ୍ଥାକୁ ବାରଣ୍ଡା ଦି'କଡ଼ା କରିବା ସହ ତାହାର ସ୍ୱଭାବ ମଧ୍ୟ ନଷ୍ଟ କରିଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଶ୍ରା
**PANCHAYAT SAMITI OFFICE, BISRA**
At/Po : Bisra, Dist. : Sundargarh (Odisha), PIN : 770036
e-Mail Id : ori-bisra@nic.in, GSTN : 21BBNB02952F1DG
Letter No. 1095 Date : 15.04.2025
**TENDER CALL NOTICE No.01/2025-26**
**No.i-27** : Sealed Tenders are invited from the interested bidder for the **4 nos. of civil work under** BDO, Bisra of Sundargarh district. The detail of works, eligibility, estimated cost, EMD, cost of tender paper has been uploaded in the district website **www.sundergarh.odisha.gov.in.** The bidder should be **'D' & 'C' / 'C' & 'B' Class Contractor** as per work. They have to submit the bid document to the undersign in the address of office of the **BDO, Bisra, At/PO - Bisra, Dist - Sundargarh, Odisha, PIN-770036 through Registered Post / Speed Post only so as to receive before 01.00 P.M. on 01.05.2025**. The Tender Paper will be available for download in the district website from 17.04.2025 to 01.05.2025. The authority reserves the right to cancel or reject the entire process without assigning any reason thereof. The tender will be opened **at 10.00 A.M. on 30.09.2024** in the office of the undersigned in presence of the bidders or his/her representatives.
Sd./- Block Development Officer, Bisra
OIPR-19343/11/0004/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR
Mail Id:sepwdbalangir@gmail.com
**e-Procurement Notice**
BID IDENTIFICATION No: CCE(R&B)BGR/01/2025-26
Letter No.775 Dtd.17.04.2025
**No.B-34:**The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B" & "A" Class** Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil Works. The proof of registration from the appropriate authority shall be enclosed alongwith the bid.
1. Nature of Work : Building Work & Road Work
2. No. of Tender : Building Work-2 Nos. & Road Work-1 Nos.
3. Tender Cost : Rs.10,000/-
4. Class of Contractor : **"B" & "A" Class**
5. Date & Time of Sale & Receipt of Bids : From Dt.24.04.2025, 10.00 A.M. to Dt.08.05.2025 upto 05.00 P.M.
6. Date of Opening Bid : Dt.09.05.2025 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.
Sd./- Chief Construction Engineer Balangir (R&B) Circle, Balangir
OIPR-34131/11/0008/2526

**ZILLA SWASTHYA SAMITI, MAYURBHANJ**
Office of the CDM&PHO-cum- District Mission Director, NHM, Mayurbhanj, Odisha, 757001
Advt. No. 1343 /NHM/2025-26 Dt: 17.04.2025
**REQUEST FOR PROPOSAL FOR OUTSOURCING OF SECURITY SERVICES AT GOVT. HEALTH INSTITUTIONS OF MAYURBHANJ DISTRICT UNDER NIRMAL SCHEME**
**No.E-31** : Sealed proposals as per prescribed RFP document are invited from interested eligible bidders for the **Outsourcing of Security Services at Government Health Institutions of Mayurbhanj District**. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website https://mayurbhanj.odisha.gov.in/. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o: CDM & PHO, Mayurbhanj. Proposal(s) complete in all respect should reach the undersigned on or before **01.00 P.M.** of **07.05.2025** through Regd/Speed Post & Courier and the same will be opened on **08.05.2025** at **11.30 A.M.** in the NHM Conference Hall, O/o the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.
Sd./- Chief District Medical & Public Health Officer, Mayurbhanj
OIPR-10020/11/0031/2526

**OFFICE OF THE EXECUTIVE ENGINEER (AGRIL.), AGRICULTURE ENGINEERING DIVISION, KENDRAPARA**
E-mail ID : eeag-kendrapara@gov.in
Govt. of Odisha "e" procurement Notice
Bid Identification No. : E.E.(A), Kendrapara Division - 01/2025-26
**No.L-06** : The Executive Engineer (Agril.), Agriculture Engineering Division, Kendrapara on behalf of Governor of Odisha, invites percentage rate bids in single cover system in ONLINE MODE, for **02 Numbers of Projects i.e. for Construction of main gate of Agriculture office campus along with borewell at STL Jajpur & Provision of 63 KVA Transformer to ADO office Marshaghai.**
1. Estimated Cost : **As Mentioned against column No-03**
2. Bid Cost : **Rs. 4,000/- as Mentioned against each in Column-04**
3. Period of completion : **Calendar Months Mentioned in Column - 06**
4. No. of works (Tender) : **02 nos.**
5. Class of Contractor : **As Mentioned in Column - 05**
6. Date & Time of availability of bid document in the portal : **From Dt.19.04.2025 at 10.00 A.M. to Dt.28.04.2025 at 5.00 P.M.**
7. Last date/Time for receipt of bids in the portal : **Dt.28.04.2025 at 5.00 P.M.**
8. Date of submission of documents : **Dt.19.04.2025 at 10.00 A.M. to Dt.29.04.2025 at 1.00 P.M. (Except Holidays)**
9. Date & time of opening of online bids : **Dt.30.04.2025 at 11.00 A.M. & onwards**
10. Name and address of the officer inviting Bid : **Executive Engineer (Agril.), Agriculture Engineering Division, Kendrapara**
Further details can be seen from the e-procurement portal http://tendersodisha.gov.in.
A. All the volumes/documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website **"http://tendersodisha.gov.in"** will appear in the Latest.
C. The Bidders have to participate in ONLINE bidding only. Further details can be seen from the website **"http://tendersodisha.gov.in"**. Any addendum/corrigendum / cancellation of tender can also be seen in the said website.
Sd./- Executive Engineer (Agril.) Agriculture Engineering Division, Kendrapara
OIPR-01471/11/0010/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ନବୀନ ୯ମ ଥର ବିଜେଡି ସଭାପତି

ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)

ବିଜେଡିର ରାଜ୍ୟ ସଭାପତି ଭାବେ ନବୀନ ପଟ୍ଟନାୟକ ୯ମ ଥର ଲାଗି ଶନିବାର ନିର୍ବାଚିତ ହୋଇଛନ୍ତି। ଜଣେ ମାତ୍ର ପ୍ରାର୍ଥୀ ଭାବେ ନବୀନ ଏହି ପଦ ଲାଗି ନାମାଙ୍କନ ଦାଖଲ କରିଥିଲେ। ଅନ୍ୟପଟେ ନବୀନ ସଭାପତି ନିର୍ବାଚିତ ହେବାପରେ ଶଙ୍ଖ ଭବନ ଠାରେ ତାଙ୍କ ନେତୃତ୍ୱରେ ଦଳର ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ହେଲେ ୨୪ ବର୍ଷରେ କ୍ଷମତାରେ ରହିଥିବା ବିଜେଡି ଏବେ ବିରୋଧୀ ଦଳକୁ ଆସିବା ପରେ ନବୀନଙ୍କ ଟିମ୍‌ରେ କେଉଁମାନେ ସ୍ଥାନ ପାଇବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନବୀନ ସଭାପତି ହେବା ପରେ ଦଳର ବହୁ ବରିଷ୍ଠ ନେତା ଶଙ୍ଖ ଭବନ ଆସିନାହାନ୍ତି, ଯାହାକୁ ନେଇ ଦଳ ଭିତରେ ଚର୍ଚ୍ଚା ଓ ଆଲୋଚନା ଜୋର୍ ଧରିଛି। ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲିକ, ଭୁପେନ୍ଦ୍ର ସିଂ, ପ୍ରଫୁଲ୍ଲ ସାମଲ, ନୃସିଂହ ସାହୁଙ୍କ ଭଳି ଅନେକ ନେତାଙ୍କୁ ଶଙ୍ଖଭବନରେ ଦେଖିବାକୁ ମିଳି ନ ଥିଲା। ଦଳର ଜଣେ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ନବୀନଙ୍କ ପ୍ରିୟ ଏବେ ଏତେ ଅପ୍ରିୟ ହେଲେ କିପରି। ଯେଉଁମାନଙ୍କୁ ନବୀନ ବାରମ୍ବାର ସରକାର ସମୟରେ ମନ୍ତ୍ରୀ କରିଦେଉଥିଲେ ସେମାନେ ଏବେ ଦଳ ଠାରୁ ଦୂରେଇ ଗଲେଣି। ତେବେ କେଉଁଥିଲାଗି ସେମାନଙ୍କୁ ଦଳ ଦୀର୍ଘଦିନ ଧରି ଗୁରୁତ୍ୱ ଦେଇ ଆସୁଥିଲା

### ଶଙ୍ଖଭବନ ଆସିଲେନି ବହୁ ବରିଷ୍ଠ ନେତା

ସେନେଇ ଦଳ ଭିତରେ ଚୁପୁରୁଚାପର ଚାଲିଛି। ରାଜ୍ୟ ପରିଷଦ ବୈଠକରେ କିଛି ସେପରି ଆଲୋଚନା ହେଲା ନାହିଁ। ପୁଣିଥରେ ନବୀନ ଦଳୀୟ କର୍ମୀମାନଙ୍କୁ ଅସନ୍ତୋଷ କରିଛନ୍ତି। ନବୀନ ସଭାପତି ହେବାପରେ ଯେଉଁ ଭାଷଣ ରଖିଲେ, ସେଥିରେ ସେ ପଦୁଟିଏ କେନ୍ଦ୍ର ସରକାରଙ୍କ ବିରୋଧରେ ମୁହଁ ଖୋଲିବାକୁ ସାହାସ ଜୁଟାଇପାରିଲେ ନାହିଁ। କେମିତି କର୍ମୀମାନେ ଦଳ ଉପରେ ଭରସା କରି ରହିବେ ବୋଲି ସମ୍ପୃକ୍ତ ବିଧାୟକ ପ୍ରଶ୍ନ କରିଛନ୍ତି।


ନବୀନ ପଟ୍ଟନାୟକ

ତେବେ ନବୀନ ତାଙ୍କ ବକ୍ତବ୍ୟରେ ଦଳର ସଭାପତି ଭାବେ ସେବା କରିବାର ସୁଯୋଗ ମିଳିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟବାସୀଙ୍କ ଆଶୀର୍ବାଦରେ ବିଜେଡି ୨୪ ବର୍ଷ ଲୋକଙ୍କ ସେବା କରିବାର ସୁଯୋଗ ପାଇଲା। ରାଜ୍ୟର ସ୍ୱାଭିମାନ ଏବଂ ସ୍ୱାର୍ଥ ସହ ବିଜେଡି ସବୁବେଳେ ଯୋଡ଼ି ହୋଇ ରହିବ ବୋଲି ସେ କହିଛନ୍ତି।



ଉତ୍ତରପ୍ରଦେଶର ରାମପୁରରେ ଜଣେ ୧୧ ବର୍ଷୀୟା ମୂକ-ବଧିର ନାବାଳିକା ସହ ହୋଇଥିବା ବଳାତ୍କାର ବିରୋଧରେ ମିରଟରେ ଶନିବାର କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# 'ଭାଜପାର ଛାମୁଆ ସଙ୍ଗଠନ ଭାବେ କାର୍ଯ୍ୟ କରୁଛି ଇଡି'

ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)

ଭାଜପାର ଏକ ଛାମୁଆ ସଙ୍ଗଠନ ଭାବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟ କରୁଛି। ଯେଉଁ ଅଣ କଂଗ୍ରେସ ଦଳର ନେତୃତ୍ୱ ଭାଜପାର ଭ୍ରଷ୍ଟାଚାର, ଦୁର୍ନୀତି, ଦରଦାମ୍ ବୃଦ୍ଧି, ମହିଳା ନିର୍ଯାତନା, ଚାଷୀ ପ୍ରସଙ୍ଗ ଓ ବେକାରି ସମସ୍ୟା ନେଇ ସଂସଦ ଭିତରେ ଏବଂ ବାହାରେ ସ୍ୱର ଶାଣିତ କରୁଛନ୍ତି ସେମାନଙ୍କ ବିରୋଧରେ ଅଗଣତାନ୍ତ୍ରିକ ଭାବେ ଇଡିର ପ୍ରୟୋଗ କରାଯାଉଛି ବୋଲି ପୂର୍ବତନ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି।

ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଶନିବାର ଭୁବନେଶ୍ୱର ସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରାଯାଇଛି। ଯୁବ କଂଗ୍ରେସର କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ

### ଇଡି କାର୍ଯ୍ୟାଳୟ ଘେରିଲା ଯୁବ କଂଗ୍ରେସ

ଇଡି ଅଫିସ ସମ୍ମୁଖରେ ଥିବା ପୋଲିସ ବାରିକେଡ୍ ଭାଙ୍ଗିବା ବେଳେ ପୋଲିସ ସହ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ଯୁବ କଂଗ୍ରେସ କର୍ମୀମାନେ ଇଡି ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ନେତୃତ୍ୱଙ୍କ ବିରୋଧରେ ଇଡି ଯେଉଁ ଚାର୍ଜଶିଟ ଦାଖଲ କରିଛି, ତାହା ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ରାଜନୈତିକ ପ୍ରତିହିଂସା ପରାୟଣତାର ନଗ୍ନ ନମୁନା। ନ୍ୟାଶନାଲ ହେରାଲ୍ଡ ଏବଂ ୟଙ୍ଗ ଇଣ୍ଡିଆ ମାମଲା ଭାଜପାର ଏକ ଚକ୍ରାନ୍ତମୂଳକ ପ୍ରସଙ୍ଗ। ଏଥିରେ ଦୁର୍ନୀତି କିମ୍ବା ଅର୍ଥ କାରବାରର ଚିହ୍ନବର୍ଣ୍ଣ ହିଁ ନାହିଁ। କେବଳ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ସହି ନ ପାରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଗଣତାନ୍ତ୍ରିକ କାର୍ଯ୍ୟ କରୁଛନ୍ତି। ବଦ୍‌ନାମ କରିବା ପାଇଁ ଏଥିରେ ଷଡ଼ଯନ୍ତ୍ର ହୋଇଛି ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି। ବିଶେଷ କରି ଇଡି ଏବଂ ସିବିଆଇ ମୋଦିଙ୍କ ହତିଆର ସାଜିଛନ୍ତି। ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ ମୁକେଶ ଦେଶମୁଖ କହିଛନ୍ତି, ଏ ଅନ୍ୟାୟ ବିରୋଧରେ ଯୁବ କଂଗ୍ରେସ ନୀରବ ରହିବ ନାହିଁ। ଯୁବ କଂଗ୍ରେସ ମୋଦି ସରକାରଙ୍କ ସ୍ୱେଚ୍ଛାଚାରିତା ବିରୋଧରେ ସଂଗ୍ରାମ ଜାରି ରଖିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବହୁ ବରିଷ୍ଠ ନେତା ଯୋଗ ଦେଇଛନ୍ତି।

# ୱାକ୍‌ଫ ଆଇନ ମୁସଲମାନଙ୍କୁ ଲାଭ ଦେବ: ଗୌତମ

ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)


ଗରିବଙ୍କ ହକ୍ କେବଳ ସେମାନଙ୍କୁ ହିଁ ମିଳିବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶର ସମସ୍ତ ଗରିବ ବର୍ଗର ଉତ୍ଥାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂକଳ୍ପ ନେଇଛନ୍ତି। ୨୦୨୫ ଏପ୍ରିଲ ୨ ଏକ ଐତିହାସିକ ଦିନ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସଂସଦରେ ସଂଶୋଧିତ ୱାକ୍‌ଫ ବିଲ୍ ପାରିତ ହୋଇଛି। ଦେଶ ଓ ଲୋକଙ୍କ ହିତ ପାଇଁ ଏହି ବିଲ୍ ପାରିତ କରାଯାଇଛି। ଏହି ଐତିହାସିକ ନିଷ୍ପତିକୁ ଦେଶବାସୀ ସ୍ୱାଗତ କରିଛନ୍ତି। ଏହି ବିଲ୍ ପାରିତ ହେବା ଯୋଗୁ ୱାକ୍‌ଫ ଅନ୍ତର୍ଗତ ଦୁରୁପଯୋଗ ହେଉଥିବା ସମ୍ପତିକୁ ରକ୍ଷା କରାଯାଇ ପାରିବ। ୱାକ୍‌ଫ ବିଲ୍ ପାରିତ ହେବା ଦ୍ୱାରା ଗରିବ ମୁସଲମାନ ଓ ମହିଳାମାନେ ଆଗକୁ ବଢ଼ିପାରିବେ। ଭାରତ ସରକାରଙ୍କ ଦ୍ୱାରା ଆଗତ କରାଯାଇଥିବା ଐତିହାସିକ ୱାକ୍‌ଫ ସଂଶୋଧିତ ଆଇନକୁ ନେଇ ଅନେକ ତର୍କ ବିତର୍କ ଚାଲିଛି। ଏହି ଆଇନ ବଳରେ ମୁସଲମାନ ସମ୍ପ୍ରଦାୟର କୌଣସି କ୍ଷତି ନ ହୋଇ ବରଂ ଲାଭ ହେବ। ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ଓ ମହିଳାମାନେ ଲାଭାନ୍ୱିତ ହେବେ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଶ୍ୟନ୍ତ ଗୌତମ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳାରେ ଯୋଗଦେଇ ଗୌତମ କହିଛନ୍ତି, 'ୱାକ୍‌ଫ'ର ଅର୍ଥ ହେଉଛି 'ଦାନ'। ମାତ୍ର ଦାନ ସୁତ୍ରରେ ମିଳୁଥିବା ସମ୍ପତିକୁ କୌଣସି ଦାତବ୍ୟ କାର୍ଯ୍ୟରେ ବ୍ୟବହାର କରା ନ ଯାଇ ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା। ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସୁ ନ ଥିଲା। ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ମା' ଓ ଭଉଣୀମାନଙ୍କୁ ବଞ୍ଚିତ ରଖାଯାଉଥିଲା। ଦେଶର ତୃତୀୟ ସର୍ବାଧିକ ଜମିର ମାଲିକାନା ଥିବା 'ୱାକ୍‌ଫ ବୋର୍ଡ'ର ସମ୍ପତିକୁ ମାତ୍ର କେଇଜଣ ଉପଭୋଗ କରୁଥିବାବେଳେ ଗରୀବ ତଥା ମୁସଲମାନ ସମ୍ପ୍ରଦାୟର ମହିଳାମାନେ କେବଳ କଷ୍ଟ ଭୋଗୁଥିଲେ ବୋଲି ଗୌତମ କହିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ୱାକ୍‌ଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳାରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଶ୍ୟନ୍ତ ଗୌତମ ଓ ଅନ୍ୟମାନେ।


# Classified Everyday

**0674-2580101, 9692975378**


MATRIMONIAL

**BRIDE WANTED**

ସୁନ୍ଦର ଉଚ୍ଚଶିକ୍ଷିତ (MBA ଦିଲ୍ଲୀ) LLB କରିଥିବା ୩୪ ବର୍ଷୀୟ ପୁରୀର ଆଡଭୋକେଟ୍ ବ୍ରାହ୍ମଣ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମଣ ପାତ୍ରୀ ଦରକାର । କେବଳ Serious ଲୋକ ଯୋଗାଯୋଗ କରନ୍ତୁ- 7978626462. D-228

**GROOM WANTED**

Handsome Karan boy 1996, 6' BSC serving ASO Secretariat, BBSR, "SUNASANSAR". 9937512659. D-76260


REAL ESTATE

**SALE**

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258


**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call-9861642492.** D-200

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area-2100sqft, 2250/- fix rate. 9556187814. D-014

**Duplex sale with gated Society near Aiims Hospital, Bhubaneswar. 9777433701.** D-76256


CONSTRUCTION


Construct your home with branded materials all complete furnishing, price start 1280/- per sqft. 9827152441. D-76812

**LEASE**

Lease for godown, Nursing home or for any purpose for 10 years 10000sft with Compound wall 3 sides road facing to Nakhara Niali NH ROAD. 7809525452. D-76444


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



FOR RENT

5800sqft Godown space available at Rasulgarh, beside Esplanade Mall, Bhubaneswar. 9040019183. D-189

Office Accommodation Commercial Hospital permises available Chandrasekharpur, Bhubaneswar, 4000sqft.- 9437008388. D-74726

**2 Office space- 1000sqft. in 3rd floor & 750sqft. in 2nd floor fully furnished office at 5- Janpath, Unit- 3, Kharvelnagar behind Kalsi Petrol Pump, Bhubaneswar, Odisha-751001. Readily available to operate. Contact: 9437001845, 7504050186.** D-76813

Around 1800sft at Chintamaniswar, Walkable distance to Bhubaneswar Railstation, Ground Floor, Both side road for godown. Call-7978968374. D-188

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Full body massage by experience therapist with homely atmosphere. 9114559860. D-76910

Positively health benefited SPA by expert female therapist, Bapujinagar. 8328803811. D-76909

**AFFIDAVIT**


I, Dillip Kumar Satapathy (54), S/o-Nrusingh Charan Satapathy, residing at Dakhinakali Road, along with my wife Ashanti Sahu, have legally adopted a child named Guru Charan Naik, born on 24.04.2012, Biological parents Fakir Naik and Jumala Nayak. The adoption was completed on 20.02.2025 under Adoption deed No.- 422500146. We hereby declared that the name of the adopted child has been changed from Guru Charan Naik to Omm Prakash Satapathy. Any objections may be communicated within 7 days. D-225

By virtue of an affidavit sworn before Executive Magistrate, Simulia, dated- 11.04.2025, I, Shiba Prasad Behera, S/o- Gouranga Behera of At- Mangarajpur, P.O.- Khirkona, P.S.- Simulia, Dist.- Balasore, Odisha, PIN- 756168, declare that I have changed my son's name from Dibyajyotiprakash Behera to Ayush Behera. Henceforth, he shall be known as Ayush Behera for all purposes. D-235

By virtue of an affidavit sworn before the Executive Magistrate, Darpan, dated 03.04.2025, I, KABIR SAMAL, Address: Vill/P.O.- Palai, P.S.- Balichandrapur, Dist.- Jajpur, Odisha- 754205, declare that I have changed my son's name from Ratik Kumar Samal to Ritik Kumar Samal. Henceforth, he shall be known as Ritik Kumar Samal for all purposes. D-229

By virtue of an affidavit sworn before the Executive Magistrate, Darpan, Dhanmandal, dated- 03.04.2025, I, Sk Atiqullah, Address- Nalipur (Md Nagar), P.O.- Charinangal, P.S.- Balichandrapur, Dist.- Jajpur, declare that I have changed my son's name from Sk Mahammed Adeeb to Shaikh Md Adeeb. Henceforth, he shall be known as Shaikh Md Adeeb for all purposes.
Sk Atiqullah D-221

By affidavit in the Court of Executive Magistrate, Pattamundai, Cf No.- 65AA213430, dtd- 19.04.2025, I have been recognized, indentified & known as Sarojini Sarangi, W/o- Manoranjan Sarangi, At- Srirampur, P.O.- S.Palapatana, P.S.- Pattamundai, Dist.- Kendrapara, instead of Sarojini Barik for all purposes. D-226

By virtue of an affidavit sworn before the Executive Magistrate of Kujang on dated 17.07.2025, I, Manoranjan Behera, resident of Village-Kaladip, P.O.- Pankapal, P.S.- Kujang, Dist.- Jagatsinghpur, Odisha, PIN- 754140, declare that I have changed my daughter's name from Divyanshi Debadarshini Behera to Divyanshi Behera. Henceforth, she shall be known as Divyanshi Behera for all purpose at all.
Manoranjan Behera D-227

By virtue of an affidavit sworn before the Executive Magistrate, Jagatsinghpur, Sl No.- 2378 dated 28.03.2025, I Gitanjali Swain, W/o- Samir Kumar Swain, Village- Badalahanga, P.O.- Taradapada, P.S./Dist.- Jagatsinghpur, PIN- 754103, Odisha, declare that I have changed my minor son's name from Sai Suman Swain to Omm Shree Saisuman. Henceforth, he will be known as Omm Shree Saisuman for all purposes. D-234

## ମନେ ପଡ଼ନ୍ତି

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**୰ତାରାମଣୀ ମିଶ୍ର**
ସ୍ୱାମୀ: ୰ଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୦୧

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**୰ରବୀନ୍ଦ୍ର ନାଥ ଦାସ**
ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ
ପ୍ରାକ୍ତନ ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ
ଆବିର୍ଭାବ: ତା ୧୭।୦୫।୧୯୪୨
ତିରୋଧାନ: ତା ୨୦।୦୪।୨୦୨୨
୨୦ ଏପ୍ରିଲ ୨୦୨୨ରେ ଆମ ସମସ୍ତଙ୍କୁ ଏଠି ଛାଡ଼ି ଆରପାରିକୁ ଚାଲିଗଲ ତମେ । ଚାହୁଁ ଚାହୁଁ ତିନିବର୍ଷ ବିତିଗଲାଣି ଯା ଭିତରେ । ତୁମ ଆବର୍ତ୍ତମାନରେ ତୁମକୁ ଝୁରିହଉଛୁ ଆମେ। ଆମ ଗହଣରେ ଏବେ ତୁମେ ନାହଁ ସତ, ଆମ ଭିତରେ ଆଗଭଳି ବଞ୍ଚି ରହିଛ ତୁମେ। ତୁମେ ସିନା ସାହିତ୍ୟ କୃତି ଲାଗି ଅମର ହୋଇ ଯାଇଛ, କିନ୍ତୁ ଓଡ଼ିଆ ସାହିତ୍ୟ ଜଗତରେ ତୁମ ସ୍ଥାନ ଖାଲି ପଡ଼ିଛି। ଏବେ ତୁମେ ଯେଉଁଠି ଅଛ ପ୍ରଭୁ ତୁମକୁ ସେଇଠି ଭଲରେ ରଖିଥାନ୍ତୁ, ବିଶ୍ୱନିୟନ୍ତାଙ୍କ ପାଖରେ ଆମର ଏତିକି ପ୍ରାର୍ଥନା
-:ଶୋକସନ୍ତପ୍ତ ପରିବାରବର୍ଗ:-
ଡଲି, ପିଙ୍କୁ, ପୁପୁନ, ବୁଲୁ, ଚୁଚୁନ ଓ ନୂପୁର
ଧ-୨୩୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


"M.B.K."
Great Eastern® RETAIL
ଗ୍ରୀଷ୍ମ ଚାହେଁ ଏସି
ମନ କୁହେ ଗ୍ରେଟ୍ ଇଷ୍ଟର୍ଣ୍ଣ ରିଟେଲ
upto ₹7000 EXCHANGE VALUE*
upto ₹45000 CASH BACK*
0 DOWN PAYMENT* COST EMI*
5 YEARS COMPREHENSIVE WARRANTY*
FREE STANDARD INSTALLATION*
FREE EXPRESS DELIVERY*
LLOYD upto 53% OFF 1.5 T 3* Inverter AC MRP ₹55990 EMI ₹2325* 1.5 T 5* Inverter AC MRP ₹67990 EMI ₹2830*
Godrej upto 49% OFF 1.5 T 3* Inverter AC MRP ₹45900 EMI ₹2042* 1.5 T 5* Inverter AC MRP ₹54900 EMI ₹2417*
VOLTAS upto 65% OFF 1.5 T 3* Inverter AC MRP ₹69490 EMI ₹2292* 1.5 T 5* Inverter AC MRP ₹77790 EMI ₹2833*
LG upto 66% OFF 1.5 T 3* Inverter AC MRP ₹78990 EMI ₹2542* 1.5 T 5* Inverter AC MRP ₹85990 EMI ₹3208*
HITACHI upto 57% OFF 1.5 T 3* Inverter AC MRP ₹64850 EMI ₹2458* 1.5 T 5* Inverter AC MRP ₹75850 EMI ₹3125*
DAIKIN upto 51% OFF 1.5 T 3* Inverter AC MRP ₹58400 EMI ₹2542* 1.5 T 5* Inverter AC MRP ₹67200 EMI ₹3292*
Panasonic upto 56% OFF 1.5 T 3* Inverter AC MRP ₹59900 EMI ₹2333* 1.5 T 5* Inverter AC MRP ₹67900 EMI ₹3167*
Whirlpool upto 60% OFF 1.5 T 3* Inverter AC MRP ₹62200 EMI ₹2250* 1.5 T 5* Inverter AC MRP ₹71900 EMI ₹2500*
GENERAL upto 20% OFF 1.5 T 3* Inverter AC MRP ₹55790 EMI ₹3750* 1.5 T 5* Inverter AC MRP ₹70520 EMI ₹4708*
upto 65% OFF 1.5 T 3* Inverter AC MRP ₹78990 EMI ₹2458* 1.5 T 5* Inverter AC MRP ₹78490 EMI ₹3042*
LLOYD upto 44% OFF 1.5 T 3* Window AC MRP ₹47990 EMI ₹2250*
Godrej upto 39% OFF 1.5 T 3* Window AC MRP ₹41900 EMI ₹2125*
VOLTAS upto 43% OFF 1.5 T 3* Window AC MRP ₹46990 EMI ₹2240*
upto 48% OFF 596L Side By Side + 24L OTG MRP ₹101990 EMI ₹3295*
upto 35% OFF 235 L Double Door MRP ₹30690 EMI ₹1650*
upto 35% OFF 184 L Single Door MRP ₹17260 EMI ₹933*
upto 40% OFF HAVELLS Desert Cooler MRP ₹22390 EMI ₹1124*
upto 36% OFF USHA Air Cooler MRP ₹13190 EMI ₹708*
upto 27% OFF 230L Deep Freezer MRP ₹32890 EMI ₹1999*
BRING HOME THE GAME
75 (190.5cm) UHD TV upto 55% OFF MRP ₹199900 EMI ₹5333*
65 (165.1cm) Google TV upto 45% OFF MRP ₹101990 EMI ₹4858*
55 (139.7cm) UHD TV upto 49% OFF MRP ₹66990 EMI ₹3083*
43 (109.7cm) Smart TV upto 55% OFF MRP ₹50490 EMI ₹1874*
32 (81.28cm) Smart TV upto 65% OFF MRP ₹22990 EMI ₹666*
SAMSUNG LG Panasonic SONY LLOYD Haier Whirlpool Godrej IFB BOSCH VOLTAS DAIKIN HITACHI GENERAL BLUE STAR HAVELLS EUREKA FORBES Livpure KUTCHINA GLEN hindware FABER Sunflame USHA
HDFC BANK upto ₹4000 INSTANT CASH BACK*
9 MEGA STORES IN ODISHA
90+ STORES ACROSS INDIA
SCAN FOR MORE OFFERS
Widest Range Of Products* | Extended Warranty*
Easy Finance Available HDB FINANCIAL SERVICES BAJAJ FINSERV EMI IDFC FIRST Bank
www.greateasternretail.com | Great Eastern Retail | 033 4037 2000
ବ୍ରହ୍ମପୁର ଦଳୁଆ ସାହି 9938668181
ODISHA | DELHI | HARYANA | WEST BENGAL | RAJASTHAN | UTTAR PRADESH | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. Exchange value applicable for working 1 to 2 years old Air Conditioner based on physical condition and submission of original invoice.
virtual frame

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୫ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୨୦ ଏପ୍ରିଲ, ୨୦୨୫ | Bhubaneswar, Sunday, 20 April, 2025

# ଟେବୁଲ ଶୀର୍ଷରେ ଗୁଜରାଟ

**ଅହମଦାବାଦ,୧୯।୪**

ପ୍ରସିଦ୍ଧ କ୍ରିଷ୍ଣାଙ୍କ ଘାତକ ବୋଲିଂ ଓ ଜୋସ୍ ବଟ୍ଲରଙ୍କ ଅପରାଜିତ ୯୭ ରନ୍‌ର ପାଳି ବଳରେ ଗୁଜରାଟ ଟାଇଟନ୍ସ ୭ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି)କୁ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୨୦୪ ରନ୍‌ର ଟାର୍ଗେଟ୍‌କୁ ଗୁଜରାଟ ୧୯.୨ ଓଭରରେ ୩ ଉଇକେଟ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଗୁଜରାଟ ପଏଣ୍ଟ ଟେବୁଲ ଶୀର୍ଷକୁ ଉଠିଛି ଏବଂ ଦିଲ୍ଲୀ ଦ୍ୱିତୀୟ ସ୍ଥାନକୁ ଖସିଛି। ଏହା ଗୁଜରାଟର ୫ମ ବିଜୟ ହୋଇଥିବା ବେଳେ ଦିଲ୍ଲୀ ଲାଗି ଏହା ୨ୟ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୩ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଅକ୍ଷର ପଟେଲ ସର୍ବାଧିକ ୩୯(୧ ଚୌକା ଓ ୨ ଛକା), ଆଶୁତୋଷ ଶର୍ମା ୩୭(୨ ଚୌକା ଓ ୩ ଛକା), ଟ୍ରିଷ୍ଟାନ ଷ୍ଟବ୍ସ ୩୧(୨ ଚୌକା ଓ ୧ ଛକା), କରୁନ ନାୟାର ୩୧(୨ ଲେଖାଏ ଚୌକା ଓ ଛକା) ଓ ଲୋକେଶ ରାହୁଲ ୨୮(୪ ଚୌକା ଓ ୧ ଛକା) ରନ୍ କରିଥିଲେ। ଗୁଜରାଟ ଲାଗି ପ୍ରସିଦ୍ଧ କ୍ରିଷ୍ଣା ୪ ଉଇକେଟ ନେଇଥିବା ବେଳେ ମହମ୍ମଦ ସିରାଜ, ଅର୍ଶଦ ଖାନ୍, ଇଶାନ୍ତ ଶର୍ମା ଓ ସାଇ କିଶୋର ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଗୁଜରାଟ ଆରମ୍ଭରୁ ଶୁବ୍‌ମନ ଗିଲ୍(୭)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପ୍‌ନର ସାଇ ସୁଦର୍ଶନ ଓ ବଟ୍ଲର ଦ୍ୱିତୀୟ ଉଇକେଟରେ ୬୦ ରନ୍ ଯୋଡ଼ିଥିଲେ। କ୍ରିଜ୍‌ରେ ସେଟ୍ ହୋଇଯାଇଥିବା ସୁଦର୍ଶନ ୨୧ ବଲରେ ୫ ଚୌକା ଓ ୧ ଛକା ସହିତ ୩୬ ରନ୍‌କରି ଆଉଟ୍ ହୋଇଯାଇଥିଲେ। ଏହାପରେ ଶେର୍ଫାନେ ରଦରଫୋର୍ଡ ଓ ବଟ୍ଲରଙ୍କ ଯୋଡ଼ି ତୃତୀୟ ଉଇକେଟରେ ୧୧୯ ରନ୍ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ରଦରଫୋର୍ଡ ୧ ଚୌକା ଓ ୩ ଛକା ସହିତ ୪୩ ରନ୍‌କରି ପାଭିଲିଅନ ଫେରିଥିଲେ। ଚତୁର୍ଥ କ୍ରମରେ ଆସିଥିବା ରାହୁଲ ଟେୱାଟିଆ ୧୧ ଓ ବଟ୍ଲର ୯୭ ରନ୍‌ରେ ଅପରାଜିତ ରହି ଦଳକୁ ମ୍ୟାଚ୍ ଜିତାଇଥିଲେ। ୫୪ ବଲର ସମ୍ମୁଖୀନ ହୋଇଥିବା ବଟ୍ଲରଙ୍କ ଇନିଂସ୍‌ରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ଦିଲ୍ଲୀ ପାଇଁ କୁଲଦୀପ ଯାଦବ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଅପରାଜିତ ୯୭ ରନ୍‌ର ଇନିଂସ ଖେଳିବା ଅବସରରେ ଜୋସ୍ ବଟଲର।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୨୦୩/୮(ଅକ୍ଷର ପଟେଲ-୩୯, ଆଶୁତୋଷ ଶର୍ମା-୩୭, ଟ୍ରିଷ୍ଟାନ ଷ୍ଟବ୍ସ-୩୧, କରୁନ ନାୟାର-୩୧, ଲୋକେଶ ରାହୁଲ-୨୮, ପ୍ରସିଦ୍ଧ କ୍ରିଷ୍ଣା-୪/୪୧, ସାଇ କିଶୋର-୧/୯, ଇଶାନ୍ତ ଶର୍ମା-୧/୧୯)। ଗୁଜରାଟ ଟାଇଟନ୍ସ: ୧୯.୨ ଓଭରରେ ୨୦୪/୩(ଜୋସ୍ ବଟଲର-୯୭*, ଶେର୍ଫାନେ ରଦରଫୋର୍ଡ-୪୩, ସାଇ ସୁଦର୍ଶନ-୩୬, କୁଲଦୀପ ଯାଦବ-୧/୩୦, ମୁକେଶ କୁମାର-୧/୪୦)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
**ପଞ୍ଜାବ**
**ବନାମ ବେଙ୍ଗାଲୁରୁ**
ସ୍ଥାନ: ଚଣ୍ଡିଗଡ଼
ସମୟ: ଅପରାହ୍ନ ୩.୩୦

**ମୁମ୍ବାଇ**
**ବନାମ ଚେନ୍ନାଇ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## କେକେଆର୍‌କୁ ଫେରିଲେ ନାୟାର

**କୋଲ୍‌କାତା,୧୯।୪(ପି.ଟି.)**

ନିକଟରେ ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ପଦରୁ ବହିଷ୍କୃତ ହୋଇଥିବା ଅଭିଷେକ ନାୟାର କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)ରେ ସପୋର୍ଟ ଷ୍ଟାଫ୍ ଭାବେ ଯୋଗଦେଇଛନ୍ତି। ଏ ନେଇ କେକେଆର୍ ପକ୍ଷରୁ ଶନିବାର ଘୋଷଣା କରାଯାଇଛି। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ତାଙ୍କ ଦାୟିତ୍ୱ ଓ ପଦବୀ ସମ୍ପର୍କରେ କିଛି କୁହାଯାଇନାହିଁ। ନାୟାର ପୂର୍ବରୁ କେକେଆର୍‌ର ଆସିଷ୍ଟାଣ୍ଟ କୋଚ୍ ଥିଲେ। ତାଙ୍କ ମାର୍ଗଦର୍ଶନରେ କୋଲକାତା ଏକ ଦଶନ୍ଧି ପରେ ଆଇପିଏଲ୍ ଟାଇଟଲ ଜିତିଥିଲା। ଏଥିସହିତ କେକେଆର୍ ଏକାଡେମୀରେ ଯୁବ ଖେଳାଳିଙ୍କ ଉନ୍ନତିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା।

## ଆଇପିଏଲ୍‌ରେ ୨୦୦ ଛକା
## ରାହୁଲ ଦ୍ରୁତତମ ଭାରତୀୟ

**ଅହମଦାବାଦ,୧୯।୪**

ଦିଲ୍ଲୀ କ୍ୟାପିଟାଲ୍ସ ଉଇକେଟ୍‌କିପର-ବ୍ୟାଟର ଲୋକେଶ ରାହୁଲ ଦ୍ରୁତତମ ଭାରତୀୟ ବ୍ୟାଟର ଭାବେ ଆଇପିଏଲ୍‌ରେ ୨୦୦ ଛକା ମାରିବାର ସଫଳତା ହାସଲ କରିଛନ୍ତି। ଶନିବାର ଗୁଜରାଟ ଟାଇଟନ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଏହି ସଫଳତା ପାଇଥିବାବେଳେ ଏହା ତାଙ୍କ କ୍ୟାରିୟରର ୧୨୮ତମ ଆଇପିଏଲ୍ ଇନିଂସ୍ ଥିଲା। ମ୍ୟାଚ୍‌ରେ ସେ ୧୪ ବଲ୍‌ରେ ୪ ଚୌକା ଓ ୧ ଛକା ସହିତ ୨୮ ରନ୍‌ର ପାଳି ଖେଳିଥିଲେ। ଖୁବ୍ କମ୍ ଇନିଂସରେ ୨୦୦ ଛକା ମାରିବାର ରେକର୍ଡ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନଙ୍କ ନାମରେ ଥିଲା। ସେ ୧୫୯ ଇନିଂସ୍‌ରେ ଏହି ମାଇଲଷ୍ଟୋନ୍‌ରେ ପହଞ୍ଚିଥିଲେ। ତାଙ୍କ ପଛକୁ ମହେନ୍ଦ୍ର ସିଂ ଧୋନୀ(୧୬୫ ଇନିଂସ), ବିରାଟ କୋହଲି(୧୮୦), ରୋହିତ ଶର୍ମା (୧୮୫) ଓ ସୁରେଶ ରାଇନା(୧୯୩) ରହିଛନ୍ତି। ତେବେ ରାହୁଲ ଟୁର୍ନାମେଣ୍ଟ ଇତିହାସରେ ତୃତୀୟ ଦ୍ରୁତତମ ବ୍ୟାଟର ଭାବେ ୨୦୦ ଛକା ମାରିଛନ୍ତି।

# ଲକ୍ଷ୍ନୌର ଦୃଢ଼ ବ୍ୟାଟିଂ

**ଜୟପୁର,୧୯।୪**

ଚଳିତ ଆଇପିଏଲ୍‌ରେ ଶନିବାର ରାତିରେ ଖେଳାଯାଇଥିବା ମ୍ୟାଚରେ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ପରସ୍ପରକୁ ଭେଟିଛନ୍ତି। ଏଡେନ ମାରକ୍ରାମ ଓ ଆୟୁଷ ବଦୋନୀଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ପ୍ରତିପକ୍ଷ ରାଜସ୍ଥାନ ଆଗରେ ୧୮୧ ରନର ଚ୍ୟାଲେଞ୍ଜିଂ ଟାର୍ଗେଟ ଛିଡ଼ା କରିଛି।

ଲକ୍ଷ୍ନୌ ଅଧିନାୟକ ରିଷଭ ପନ୍ତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏହି ନିଷ୍ପତ୍ତି ଦଳ ପାଇଁ ଉଚିତ ସାବ୍ୟସ୍ତ ହୋଇନଥିଲା। ଦଳ ଇନିଂସ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ୩ ମୁଖ୍ୟ ବ୍ୟାଟରଙ୍କ ଉଇକେଟ ହରାଇଥିଲା। ମିଚେଲ ମାର୍ଶ ୪, ନିକୋଲସ ପୁରନ ୧୧ ଓ ଅଧିନାୟକ ପନ୍ତ ୩ ରନ କରି ପାଭିଲିଅନ ଫେରିଥିଲେ। ଲକ୍ଷ୍ନୌ ୭.୪ ଓଭର ଶେଷ ସୁଦ୍ଧା ୫୪ ରନରେ ୩ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଅନ୍ୟତମ ଓପନର ମାରକ୍ରାମ ଓ ବଦୋନୀ ଚତୁର୍ଥ ଉଇକେଟରେ ଦ୍ରୁତ ୭୬ ରନ ଯୋଡ଼ି ଦଳୀୟ ସ୍ଥିତିରେ ସୁଧାର ଆଣିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିବା ପରେ କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ମାରକ୍ରାମ ୪୫ ବଲରେ ୫ ଚୌକା ଓ ୩ ଛକା ସହିତ ୬୬ ଏବଂ ବଦୋନୀ ୩୪ ବଲରେ ୫ ଚୌକା ଓ ୧ ଛକା ବଳରେ ୫୦ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଅବଦୁଲ ସମଦ ୧୦ ବଲରେ ୪ ଛକା ସହିତ ୩୦ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଫଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୦ ରନ କରିବାକୁ ସକ୍ଷମ ହୋଇଥିଲା। ରାଜସ୍ଥାନ ପକ୍ଷରୁ ୱାନିନ୍ଦୁ ହାସାରଙ୍ଗା ଦୁଇଟି ଉଇକେଟ ନେଇଥିବା ବେଳେ ଜୋଫ୍ରା ଆର୍ଚ୍ଚର, ସନ୍ଦୀପ ଶର୍ମା ଓ ତୁଷାର ଦେଶପାଣ୍ଡେ ଗୋଟିଏ ଲେଖାଏ ଉଇକେଟ ହାତେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୮୦/୫ (ଏଡେନ ମାରକ୍ରାମ-୬୬, ଆୟୁଷ ବଦୋନୀ-୫୦, ୱାନିନ୍ଦୁ ହାସାରଙ୍ଗା-୨/୩୧, ତୁଷାର ଦେଶପାଣ୍ଡେ-୧/୨୬, ଜୋଫ୍ରା ଆର୍ଚ୍ଚର-୧/୩୨)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୭ | ୫ | ୨ | ୧୦ | +୦.୯୮୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ପଞ୍ଜାବ କିଙ୍ଗ୍ସ | ୬ | ୪ | ୨ | ୮ | +୦.୧୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | +୦.୨୩୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୭୧୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୧.୨୭୬ |

## କ୍ରିସ୍‌ପିନ୍ ଘୋଷଣା କଲେ ୩୯ ଜଣିଆ ଦଳ



**ନୂଆଦିଲ୍ଲୀ, ୧୯।୪(ପି.ଟି.)**

ଜୁନ୍-ଜୁଲାଇରେ ହେବ ଏଏଫ୍‌ସି ଓମେନ୍ସ ଏସିଆନ କପ୍ ୨୦୨୬ କ୍ୱାଲିଫାୟର୍ସ। ଏଥିପାଇଁ ଆୟୋଜନ କରାଯାଇଥିବା ଏକ ଜାତୀୟ କ୍ୟାମ୍ପରେ ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ କ୍ରିସ୍‌ପିନ୍ ଛେତ୍ରୀ ଶନିବାର ୩୯ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛନ୍ତି। ବ୍ଲୁ ଟାଇଗ୍ରେସ୍ ଦଳ ଜୁନ୍ ୨୩ରୁ ଜୁଲାଇ ୫ ମଧ୍ୟରେ ଥାଇଲାଣ୍ଡର ଚିଆଙ୍ଗମାଇଠାରେ ହେବାକୁଥିବା ଏଏଫ୍‌ସି ଓମେନ୍ସ ଏସିଆନ କପ୍ ୨୦୨୬ରେ ଅଂଶଗ୍ରହଣ କରିବ। ଭାରତୀୟ ମହିଳା ଦଳ ଗ୍ରୁପ୍ 'ବି'ରେ ଆୟୋଜକ ଥାଇଲାଣ୍ଡ, ମଙ୍ଗୋଲିଆ, ତିମୋରଲିଷ୍ଟ ଓ ଇରାକ୍ ସହ ସ୍ଥାନ ପାଇଛି। ସିନିୟର ମହିଳା ଦଳ କ୍ୟାମ୍ପ ମେ'୧ରୁ ବେଙ୍ଗାଲୁରୁସ୍ଥିତ ପାଦୁକୋନ୍-ଦ୍ରାଭିଡ ସେଣ୍ଟର ଫର୍ ସ୍ପୋର୍ଟ୍ସ ଏକ୍ସିଲେନ୍ସ ଅନୁଷ୍ଠିତ ହେବ। **ଏଏଫ୍‌ସି ଓମେନ୍ସ ଏସିଆନ କପ୍ ୨୦୨୬ କ୍ୱାଲିଫାୟର୍ସ ପାଇଁ ସମ୍ଭାବ୍ୟ ଖେଳାଳି ତାଲିକା:** ଗୋଲ୍‌କିପର: ପାୟଲ ବାସୁଦେ, ଏଲାଙ୍ଗବାମ୍ ପାନ୍ଥୋଇ ଚାନୁ, କିଶାମ ମେଲୋଡି ଚାନୁ, ମୋଇରାଙ୍ଗଥେମ୍ ମୋନାଲିସା ଦେବୀ। ଡିଫେଣ୍ଡର: ପୂର୍ଣ୍ଣିମା କୁମାରୀ, ଫାନ୍‌ଜୋବାମ୍ ନିର୍ମଳା ଦେବୀ, ମାର୍ଟିନା ଥୋକ୍‌ଚୋମ୍, ଶୁଭାଙ୍ଗୀ ସିଂ, ସଞ୍ଜୁ ମାଳତୀ ମୁଣ୍ଡା, ତୋଇଜାମ ଥୋଇବିସାନା ଚାନୁ, ସୋରୋଖାଇବାମ ରଞ୍ଜନା ଚାନୁ, ଏନ୍‌ଗାଙ୍ଗବାମ୍ ସ୍ୱିଟି ଦେବୀ ଭିକ୍ସିତ ବାରା, ହେମାମ ସିଲ୍‌କି ଦେବୀ। ମିଡ୍‌ଫିଲ୍ଡର: କିରନ ପିସ୍‌ଡା, ନଙ୍ଗମାଇଥେମ ରତ୍ନବାଳା ଦେବୀ, ମୁସ୍କାନ ସୁବା, ଲିଶାମ ବାବିନା ଦେବୀ, କାର୍ତ୍ତିକ ଆଙ୍ଗାମୁଥୁ, ସିଣ୍ଡି ରେମ୍‌ରୁଆତପୁଇ କୋଲ୍‌ନେ, ସଙ୍ଗୀତା ବାସ୍‌ଫୋର, ଏସ୍. ପ୍ରିୟଦର୍ଶିନୀ, ବେବି ସାନା, ସନ୍ତୋଷ, ଅଞ୍ଜୁ ତମାଙ୍ଗ। ଫରୱାର୍ଡ: ମୌସମୀ ମୁର୍ମୁ, ପି. ମାଳବିକା, ସନ୍ଧ୍ୟା ରଙ୍ଗନାଥନ, ସୌମ୍ୟା ଗୁଗୁଲୋଥ, ସୁଲଞ୍ଜନା ରାଉଲ, ଲିଣ୍ଡା କମ୍ ସେର୍ଟୋ, ରିମ୍ପା ହାଲ୍‌ଦାର, ମନୀଷା କଲ୍ୟାଣ, ଗ୍ରେସ୍ ଡାଙ୍ଗମେଇ।

**ବିଶ୍ୱ ବ୍ରିଜ୍ ଚାମ୍ପିୟନଶିପ୍**

# ଭାରତୀୟ ଦଳକୁ ଯୋଗ୍ୟତା

**ନୂଆଦିଲ୍ଲୀ, ୧୯।୪(ପି.ଟି.)**

ଦୁବାଇରେ ଅନୁଷ୍ଠିତ ବ୍ରିଜ୍ ଫେଡେରେଶନ ଅଫ୍ ଏସିଆ ଓ ମିଡଲ ଇଷ୍ଟ ଟୁର୍ନାମେଣ୍ଟରେ ଭାରତ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଲାଭ କରିଛି। ପଦକ ବିଜେତା ଦଳଗୁଡ଼ିକ ପରବର୍ତ୍ତୀ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୱାର୍ଲ୍ଡ ବ୍ରିଜ୍ ଫେଡେରେଶନ ଅଧୀନରେ ଏପ୍ରିଲ ୧୦ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଭାରତୀୟ ପୁରୁଷ ଓ ମହିଳା ଏବଂ ସିନିୟର ଦଳ ସ୍ୱର୍ଣ୍ଣ ଜିତିଥିବା ବେଳେ ମିକ୍ସଡ ଟିମ୍ ରୌପ୍ୟ ପଦକ ଲାଭ କରିଛି। ଭାରତର ସମସ୍ତ ୪ଟି ଦଳ ଡେନ୍‌ମାର୍କର ହର୍ନିଙ୍ଗ୍‌ଠାରେ ଅଗଷ୍ଟ ୨୦ରୁ ୩୧ ପର୍ଯ୍ୟନ୍ତ ହେବାକୁଥିବା ୪୭ତମ ୱାର୍ଲ୍ଡ ବ୍ରିଜ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୨୫ ୱାର୍ଲ୍ଡ ବ୍ରିଜ୍ ଚାମ୍ପିୟନଶିପ୍‌ରେ ବର୍ମୁଡା ବାଓଲ, ଭେନିସ କପ୍, ଡି'ଓରିସ୍ ଟ୍ରଫି ଓ ଉହାନ କପ୍‌କୁ ସାମିଲ କରାଯାଇଛି। ଚାମ୍ପିୟନଶିପ୍‌ରେ ୩୫ଟି ଦେଶର ୬୬ଟି ଦଳ ଅଂଶଗ୍ରହଣ କରିବେ। ସ୍ୱର୍ଣ୍ଣ ଜିତିଥିବା ପୁରୁଷ ଦଳଗୁଡ଼ିକ ହେଲେ ସୁମିତ୍ ମୁଖାର୍ଜୀ ଓ ରାଜେଶ ତିୱାରୀ; ସାଗନିକ ରୟ ଓ କୌସ୍ତୁଭ ନନ୍ଦୀ; କୌସ୍ତୁଭ ମିଲିନ୍ଦ ବିନ୍ଦ୍ରେ ଓ ସାୟନ୍ତନ କୁଶାରି। ଦେବାଶିଷ ରାୟ ହେଉଛନ୍ତି କୋଚ୍ ଓ ଅଣଖେଳାଳି ଅଧିନାୟକ। ସ୍ୱର୍ଣ୍ଣ ଜିତିଥିବା ମହିଳା ଦଳଗୁଡ଼ିକ ହେଲେ ପୂଜା ବାତ୍ରା ଓ ଆଶା ଶର୍ମା; ବିନ୍ଦିୟା କୋହଲି ଓ ପ୍ରିୟା ବାଲା ସୁବ୍ରମଣ୍ୟନ; ଭାରତୀ ଦେ ଓ ଅଲ୍‌କା ଏମ୍. କ୍ଷୀରସାଗର। ଏମାନଙ୍କ କୋଚ୍ ଓ ଅଣଖେଳାଳି ଅଧିନାୟକ ଥିଲେ ଅରବିନ୍ଦ ବୈଦ୍ୟ। ସ୍ୱର୍ଣ୍ଣ ଜିତିଥିବା ସିନିୟର ଦଳଗୁଡ଼ିକ ହେଲେ ରାମରତ୍ନମ କ୍ରିଷ୍ଣନ ଓ ବି. ପ୍ରଭାକର; ବାଚିରାଜୁ ସତ୍ୟନାରାୟଣ ଓ ଜାଗି ବି. ଶିବଦାସାନୀ, ସୁଭାଷ ଗୁପ୍ତା ଓ ରବି ଗୋଏଙ୍କା। ଗିରିଶ୍ ବିଜୁର ଥିଲେ ସେମାନଙ୍କ କୋଚ୍ ତଥା ଅଣଖେଳାଳି ଅଧିନାୟକ। ରୌପ୍ୟ ଜିତିଥିବା ମିକ୍ସଡ ଟିମ୍‌ଗୁଡ଼ିକ ହେଲେ ରାଜୀବ ଖଣ୍ଡେଲୱାଲ ଓ ହିମାନୀ ଖଣ୍ଡେଲୱାଲ; ରାଣା ରୟ ଓ ଶୀତଲ ବଂଶଲ; ପ୍ରିୟା ରଞ୍ଜନ ସିହ୍ନା ଓ ବିନ୍ଦିଆ ନାଇଡୁ। ସେମାନଙ୍କ କୋଚ୍ ଓ ଅଣଖେଳାଳି ଅଧିନାୟକ ଥିଲେ ବିନୟ ଦେଶାଇ। ସୂଚନାଯୋଗ୍ୟ, କ୍ରୀଡ଼ା ମନ୍ତ୍ରଣାଳୟ ୨୦୧୭ରୁ ବ୍ରିଜ୍ ଫେଡେରେଶନ ଅଫ୍ ଇଣ୍ଡିଆକୁ ସାହାଯ୍ୟ ଓ ସହଯୋଗ କରିଆସୁଅଛି।


ଟ୍ରଫି ଓ ପଦକ ସହ ଭାରତୀୟ ଦଳ।

## ବାବୁ ଜିତିଲେ ୩୫ କି.ମି. ରେସ୍‌ୱାକ୍

**ଚଣ୍ଡିଗଡ଼, ୧୯।୪(ପି.ଟି.)**

ଜାତୀୟ ରେକର୍ଡଧରୀ ରାମ୍ ବାବୁ ଏଠାରେ ଅନୁଷ୍ଠିତ ଇଣ୍ଡିଆନ ଓପନ ରେସ୍ ୱାକିଙ୍ଗ୍ ପ୍ରତିଯୋଗିତାର ୩୫ କି.ମି ପୁରୁଷ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବୈଷୟିକ କାରଣରୁ ମହିଳା ବିଭାଗ ରେସ୍ ଫଳାଫଳ ଘୋଷଣାକୁ ସ୍ଥଗିତ ରଖାଯାଇଛି। ଏଠାରେ ସେ ୨ ଘଣ୍ଟା ୩୨ ମିନିଟ ୫୩.୫୦ ସେକେଣ୍ଡ ଟାଇମିଂରେ ରେସ୍ ଜିତିଥିଲେ। ତେବେ ଏହା ତାଙ୍କ ଜାତୀୟ ରେକର୍ଡ ୨:୨୯.୫୬ଠାରୁ କମ୍ ରହିଛି। ଏଠାରେ ଦ୍ୱିତୀୟଥର ପାଇଁ ଏକ ରେସ୍‌ୱାକ୍ ଇଭେଣ୍ଟରେ ବୈଷୟିକ ସମସ୍ୟା ଦେଖାଦେଇଛି। ୨୦୨୪ରେ ନ୍ୟାଶନାଲ ଓପନ ରେସ୍ ୱାକିଙ୍ଗ୍ ଚାମ୍ପିୟନଶିପ୍ ବେଳେ ତ୍ରୁଟିପୂର୍ଣ୍ଣ ରିଡିଂ ଯୋଗୁ ୱାର୍ଲ୍ଡ ଆଥଲେଟିକ୍ସ ଦ୍ୱାରା ଅଂଶଗ୍ରହଣକାରୀଙ୍କ ଟାଇମିଂରେ ସଂଶୋଧନ କରାଯାଇଥିଲା। ପରେ ବିଶ୍ୱ ପରିଚାଳନା ପରିଷଦ ୨୦କିମି ରେସ୍ ୱାକ୍ ଇଭେଣ୍ଟର ସମସ୍ତ ଫଳାଫଳକୁ ରଦ୍ଦ କରିଦେଇଥିଲେ। ଶନିବାର ଅନୁଷ୍ଠିତ ଇଭେଣ୍ଟରେ ୩୫ କିମି ପରିବର୍ତ୍ତେ ପ୍ରତିଯୋଗୀ ୩୪ କିମି ଶେଷ କରିଥିଲେ।

## ଝାରସୁଗୁଡ଼ାରେ ଆନ୍ତଃ ରାଜ୍ୟ ବାଳିକା ୫-ଏ ସାଇଡ୍ ହକି

**ଭୁବନେଶ୍ୱର, ୧୯।୪(ବିଜୟ ରଣା)**

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଝାରସୁଗୁଡ଼ା ଜିଲା ହକି ଆସୋସିଏଶନ ସହଯୋଗରେ ୧୭ ବର୍ଷରୁ କମ୍ ଆନ୍ତଃ ରାଜ୍ୟ ବାଳିକା ୫-ଏ ସାଇଡ୍ ହକି ପ୍ରତିଯୋଗିତା ଝାରସୁଗୁଡ଼ାର ଏସ୍. କଟାପାଲି ହକି ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ରବିବାର ଉଦ୍‌ଯାପିତ ହେବ। ଏଥିରେ ବିହାର, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼, ଓଡ଼ିଶାର ୯ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦଳରେ ୮ ଖେଳାଳି, ଜଣେ ପ୍ରଶିକ୍ଷକ ଓ ଜଣେ ପରିଚାଳକ ରହିଛନ୍ତି। ଓଡ଼ିଶା ହକି ଆସୋସିଏଶନ ଦ୍ୱାରା ନିଯୁକ୍ତ ୧୦ଜଣ ଅଧିକାରୀ ଟୁର୍ନାମେଣ୍ଟ ତଦାରଖ କରୁଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଆସୋସିଏଶନର ବରିଷ୍ଠ ସଦସ୍ୟ, ସମ୍ପାଦକ ସନାତନ ସାହୁ. କୋଷାଧ୍ୟକ୍ଷ ପି.କେ. ମହାନ୍ତି, ବରିଷ୍ଠ ସଦସ୍ୟ ରଞ୍ଜନ ଦାସ, ଓଏସ୍‌ଡି କ୍ରୀଡ଼ା କାଳୁ ଚରଣ ଚୌଧୁରୀ ଓ ପୂର୍ବତନ ଭାରତୀୟ ଖେଳାଳି ତଥା ବର୍ତ୍ତମାନର ଚୟନକର୍ତ୍ତା ସୁଭଦ୍ରା ମହାନ୍ତି। ହକି ଇଣ୍ଡିଆର ସଭାପତି ତଥା ପଦ୍ମଶ୍ରୀ ଦିଲୀପ କୁମାର ତିର୍କୀ ଏହି ଟୁର୍ନାମେଣ୍ଟର ମୁଖ୍ୟ ପରାମର୍ଶଦାତା ଅଛନ୍ତି।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଫୁଟ୍‌ବଲରେ ସମ୍ବଲପୁର ଚାମ୍ପିୟନ

**ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା**

**କେନ୍ଦୁଝର,୧୯।୪**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଧରଣୀଧର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର ଚତୁର୍ଥ ଦିନ ଶନିବାର ବିଭିନ୍ନ ପ୍ରତିଯୋଗିତାର ଫାଇନାଲ ଖେଳା ଯାଇଥିଲା। ଏଥିମଧ୍ୟରେ ଶଙ୍କରପୁର ଖେଳପଡ଼ିଆରେ ଅନୁଷ୍ଠିତ ଫୁଟ୍‌ବଲ ଫାଇନ୍‌ାଲ ମ୍ୟାଚରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରି ଚାମ୍ପିୟନ ହୋଇଛି।

ସେହିପରି ଧରଣୀଧର ମେଡିକାଲ କଲେଜରେ ଅନୁଷ୍ଠିତ ବାସ୍କେଟ ବଲ ପୁରୁଷ ବିଭାଗ ଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ବାସ୍କେଟ ବଲ୍ ମହିଳା ଫାଇନାଲ ମ୍ୟାଚ୍‌ରେ ଖଲିକୋଟ ବିଶ୍ୱବିଦ୍ୟାଳୟକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। କ୍ୟାରମ୍ ପୁରୁଷ ଫାଇନାଲ ମ୍ୟାଚରେ ଖଲିକୋଟ ବିଶ୍ୱବିଦ୍ୟାଳୟକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ମହିଳା ଫାଇନାଲ ମ୍ୟାଚ୍‌ରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ଚେସ୍ ପ୍ରତିଯୋଗିତାର ପୁରୁଷ ବିଭାଗରେ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ମହିଳା ବିଭାଗରେ ରେଭେନ୍ସାକୁ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ବ୍ୟାଡମିଣ୍ଟନ ଫାଇନାଲ ପୁରୁଷ ବିଭାଗ ଏକକରେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଥିବା ବେଳେ ମହିଳା ଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ମେନ୍ସ ଡବଲ୍ସରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଥିବା ବେଳେ ଓମେନ୍ସରେ ଉତ୍କଳକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ଟେବୁଲ ଟେନିସ ମେନ୍ସରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରାସ୍ତ କରିଛି। ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ହକି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମହିଳା ଫାଇନାଲ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୨-୦ରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଚାମ୍ପିୟନ ଟିମକୁ ଉଦ୍‌ଯାପନୀ ଉତ୍ସବରେ ଅର୍ଥରାଶି ଓ ଟ୍ରଫି ପ୍ରଦାନ କରାଯିବ।


ଫାଇନାଲରେ ପ୍ରବେଶ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ହକି ଦଳ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ